

ଡେବ୍ୟୁ କରିବେ ଶିବାଂଶୀ
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-16 ♦FRIDAY ♦10 JULY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୧୬ ♦ଶୁକ୍ରବାର ♦୧୦ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ହୀରାକୁଦ ଖୋଲିଲା ୧୦ ଗେଟ୍

## ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୫.୨୧ ଫୁଟ୍



■ ସମ୍ବଲପୁର, ୯।୭ (ସମିସ): ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର ବିଭିନ୍ନ ଡ୍ୟାମ୍‌ର ଜଳ ନିଷ୍କାସନ ଯୋଗୁଁ ଗତ କେଇଦିନ ହେବ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଆଜି ଗୁରୁବାର ପୂର୍ବାହ୍ଣ ସାଢ଼େ ୧୧ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪ଟି ଗେଟ୍ ଖୋଲା ଯାଇଥିବାବେଳେ ପରବର୍ତ୍ତୀ ସମୟରେ ଅପରାହ୍ଣରେ ଆଉ ୬ଟି ଗେଟ୍ ଖୋଲା ଯାଇଥିଲା। ଆଜି ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୫.୨୧ ଫୁଟ ରହିଥିବାବେଳେ ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ▶ପୃଷ୍ଠା-୧୦

# ୧୩ରୁ ପୁଣି ବଢ଼ିବ ବର୍ଷା



■ ଭୁବନେଶ୍ୱର, ୯।୭ (ସମିସ): ଆସନ୍ତା ୧୩ ତାରିଖ ପରେ ରାଜ୍ୟରେ ପୁଣି ବର୍ଷା ବଢ଼ିବ। ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ଆଶଙ୍କା ରହିଛି। ଏହି ଘୂର୍ଣ୍ଣିବଳୟ ଅଧିକ ସକ୍ରିୟ ହେବା ପାଇଁ ପାରିପାର୍ଶ୍ୱିକ ସ୍ଥିତି ଅନୁକୂଳ ରହିଥିବା ବେଳେ ଏହି ଘୂର୍ଣ୍ଣିବଳୟ ଦ୍ୱାରା ମୌସୁମୀ ନିମ୍ନଚାପ ରେଖା ମଧ୍ୟ ବଙ୍ଗୋପସାଗର ଉପରେ ରହିବାର ସମ୍ଭାବନା ରହିଛି। ଏହାଦ୍ୱାରା ରାଜ୍ୟରେ ପୁଣି ଥରେ ବର୍ଷା ବଢ଼ିବା ନେଇ ଆକଳନ କରାଯାଉଛି। ଗତ ଲଘୁଚାପ ପ୍ରଭାବରେ ରାଜ୍ୟରେ ହୋଇଥିବା ଭଲ ବର୍ଷା ଯୋଗୁଁ ବର୍ତ୍ତମାନ ଅନେକ ସ୍ଥାନରେ ଚାଷ କାମ ଆଗଉଛି। ଏହାସହିତ ରାଜ୍ୟରେ ହାରାହାରି ବର୍ଷା ମଧ୍ୟ ଏବେ ସ୍ୱାଭାବିକ ତୁଳନାରେ ଅଧିକ ରହିଛି। ୧୩ ପରେ ପୁଣି ଥରେ ବର୍ଷା ବଢ଼ିଲେ ଏହାକୁ ଆହୁରି ବଳ ମିଳିବ ବୋଲି ଆଶା ରହିଛି।

ଅନ୍ୟପଟେ ରାଜ୍ୟରେ ଏବେ କିଛି କିଛି ସ୍ଥାନରେ କୋହଲା ପାଗ ସାଙ୍ଗକୁ କାଁ ଭାଁ ବର୍ଷା ହେଉଛି। ଏହି ଧାରା ଆସନ୍ତା ୩-୪ ଦିନ ଜାରି ରହିବ। ଏହି କ୍ରମରେ ଶୁକ୍ରବାର କେନ୍ଦୁଝର, ବାଲେଶ୍ୱର ଭଦ୍ରକ, ଅନୁଗୁଳ, ବୌଦ୍ଧ, ସୁନ୍ଦରଗଡ଼, ସମ୍ବଲପୁର ଝାରସୁଗୁଡା, ଦେବଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ସେହିପରି ୧୩ରୁ ବର୍ଷାର ପରିମାଣ ବଢ଼ିବା ▶ପୃଷ୍ଠା-୧୦

# ଆନ୍ଧ୍ରରେ ଆତଙ୍କ — ମୁଣ୍ଡ ନେଲା କରୋନା

## ଫୁସ୍‌ଫୁସ୍‌ରେ ସଂକ୍ରମଣ; ୪ର୍ଥ ଦିନରେ ରୋଗୀ ମୃତ

■ ଅମରାବତୀ, ୯।୭ (ଏଜେନ୍ସି): ୨୦୧୯ରୁ ତିନି ବର୍ଷ ଧରି ସାରା ବିଶ୍ୱକୁ ତଳିତଳାନ୍ତ କରିଥିବା ମାରାତ୍ମକ କରୋନା ପୁଣି ଫେରିଛି। କେବଳ ଫେରିନାହିଁ, ଏହା ଆନ୍ଧ୍ର ପ୍ରଦେଶରେ ଜଣେ ଯୁବକର ପ୍ରାଣ ମଧ୍ୟ ନେଇଛି। ରାଜ୍ୟରେ ଆଉ ୫ ଜଣ ଏଥିରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଛନ୍ତି। ଏହାକୁ ନେଇ ଆନ୍ଧ୍ରରେ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଛି। କରୋନା ବ୍ୟାପିବା ଭୟରେ ସମସ୍ତ ମେଡିକାଲ ପ୍ରସ୍ତୁତ ରହିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ଆନ୍ଧ୍ରପ୍ରଦେଶର କାଡାପା ଅଞ୍ଚଳରେ ଜଣେ ଯୁବକ ପ୍ରାଣ ହରାଇବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜଣେ ୪୬ ବର୍ଷୀୟ ଯୁବକ କରୋନା ସଂକ୍ରମିତ ହେବା ପରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ପ୍ରବଳ କାଶ ଓ ଶ୍ୱାସକ୍ରିୟାରେ ସମସ୍ୟା ହେବାରୁ ଗତ ଜୁନ୍ ୨୪ ରେ ତାଙ୍କୁ ଭେଲୋରର ସିଏମସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜୁନ୍ ୨୬ ରେ ତାଙ୍କର କରୋନା ରିପୋର୍ଟ ପଜିଟିଭ୍ ଆସିଥିବା ବେଳେ ଜୁନ୍ ୨୮ ରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଙ୍କ ସୂଚନା ଅନୁଯାୟୀ, ନିମୋନିଆ ଯୋଗୁଁ ତାଙ୍କର ଉଭୟ ଫୁସଫୁସ ଗମ୍ଭୀର ଭାବେ ସଂକ୍ରମିତ ହୋଇଯାଇଥିଲା। ଏହି ମୃତ୍ୟୁ ପରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୃକ୍ତ ଅଞ୍ଚଳରେ ସାନିଟାଇଜେସନ ପ୍ରକ୍ରିୟା ଆରମ୍ଭ କରିବା ସହ କଣ୍ଟାକ୍ଟ ଟ୍ରେସିଂ (ସଂସ୍ପର୍ଶରେ ଆସିଥିବା ଲୋକଙ୍କ ଚିହ୍ନଟ) ଜାରି ରଖିଛି। ଏହା ସହିତ ରାଜ୍ୟର କାଡାପା ଏବଂ ତିରୁପତି ଜିଲ୍ଲାରୁ ୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ▶ପୃଷ୍ଠା-୧୦


### ଚିହ୍ନଟ ହେଲେଣି ୫ ନୂଆ ଆକ୍ରାନ୍ତ



## ୨୦୫୦ ସୁଦ୍ଧା କର୍କଟ ରୋଗୀ ଦୁଇଗୁଣା

■ ନୂଆଦିଲ୍ଲୀ: ବିଶ୍ୱରେ କ୍ୟାନ୍ସର ରୋଗର ଭୟାବହତା ଆସନ୍ତା ଦଶକରେ ଭୟାବହ ରୂପ ଧାରଣ କରିବ। ୨୦୫୦ ସୁଦ୍ଧା ବିଶ୍ୱରେ ପ୍ରତିବର୍ଷ ନୂଆ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ପ୍ରାୟ ଦ୍ୱିଗୁଣ ହେବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସତର୍କବାଣୀ ଶୁଣାଇଛି। ଅସ୍ୱାସ୍ଥ୍ୟକର ଜୀବନଶୈଳୀ, ବାୟୁ ପ୍ରଦୂଷଣ, ମେଦ ବହୁଳତା, ଧୂମପାନ ଓ ମଦ୍ୟପାନ ବୃଦ୍ଧି ଯୋଗୁଁ କର୍କଟ ରୋଗୀଙ୍କ ସଂଖ୍ୟ ବୃଦ୍ଧି ପାଇବ ଏବଂ ନିମ୍ନ ଓ ମଧ୍ୟମ ଆୟ ଦେଶଗୁଡ଼ିକ ଏଥିରେ ପ୍ରଭାବିତ ହେବେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ କର୍କଟ ରୋଗୀ ସଂଖ୍ୟା ବୃଦ୍ଧି ସହ ଚିକିତ୍ସା ଖର୍ଚ୍ଚ ଓ ମୃତ୍ୟୁ ହାର ମଧ୍ୟ ବୃଦ୍ଧି ପାଇବ। ବର୍ତ୍ତମାନଠାରୁ ପ୍ରତିଷେଧକ, ସଚେତନତା ଏବଂ ପ୍ରାରମ୍ଭିକ ଚିହ୍ନଟ ଉପରେ ଗୁରୁତ୍ୱ ଦିଆ ନଯାଏ, ତେବେ ଅନେକ ଦେଶର ▶ପୃଷ୍ଠା-୧୦

**ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସତର୍କବାଣୀ**



## ଭିତର ପୃଷ୍ଠାରେ...


ମୂଷଳ ବର୍ଷାରେ ଦିଲ୍ଲୀ ଉବୁଟୁବୁ; ରୋହିଣୀ ଅଞ୍ଚଳରେ ଭୁଶୁଡ଼ିଲା କୋଠା, ୩ ମୃତ

ମହାରାଷ୍ଟ୍ରର ରାୟଗଡ଼ରେ ନଦୀରେ ଭାସିଲା ୩୦୦୦ ଗ୍ୟାସ୍ ସିଲିଣ୍ଡର୍


# ଆରମ୍ଭ ହେଲା ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି

■ ଭୁବନେଶ୍ୱର, ୯।୭ (ସମିସ): ୨୦୨୭ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରାଜ୍ୟ ସରକାର ବିଧିବଦ୍ଧ ଭାବେ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି। ପଞ୍ଚାୟତିରାଜ ଅନୁଷ୍ଠାନ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ଓଡ଼ିଶା ରାଜ୍ୟ ନିର୍ବାଚନ ଆୟୋଗ ପଦକ୍ଷେପ ନେଇଛି। ଏହାର ଅଂଶ ବିଶେଷ ସ୍ୱରୂପ ଆସନ୍ତା ଜୁଲାଇ ୨୧ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ଓସ୍ୱାନ ପ୍ଲାଟଫର୍ମ ମାଧ୍ୟମରେ ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସରେ ବୈଠକ କରିବେ। ଏ ନେଇ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ସୂଚନା ଦିଆଯାଇଛି।

### ୨୧ରେ ଜିଲ୍ଲାପାଳମାନଙ୍କ ସହ ନିର୍ବାଚନ ଆୟୋଗଙ୍କ ବୈଠକ

### ବୁଥ୍‌ୱାରି ଭୋଟର ତାଲିକା ଲାଗି ଘରକୁ ଘର ବୁଲି ହେବ ସର୍ଭେ

ରାଜ୍ୟ ନିର୍ବାଚନ ଆୟୋଗର ସ୍ୱତନ୍ତ୍ର ଅଧିକାରୀ ତଥା ସଚିବଙ୍କ ଦ୍ୱାରା ଜାରି ହୋଇଥିବା ଚିଠି ଅନୁଯାୟୀ ଏହି ବୈଠକରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଡୋର ଟୁ ଡୋର ବା ଡି୨ଡି ସର୍ଭେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ । ୨୦୨୭ ମସିହାରେ ସାଧାରଣ ନିର୍ବାଚନ ପାଇଁ ପଞ୍ଚାୟତ ଓ ସହରାଞ୍ଚଳ ଅଞ୍ଚଳର ବୁଥଭିତ୍ତିକ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଏହି ସର୍ଭେ କରାଯିବ। ବୈଠକରେ ୨୦୨୨ ମସିହାର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ନିର୍ବାଚନ ସମ୍ବନ୍ଧୀୟ ଡିସି ବିଲ ଓ ୟୁଟିଲାଇଜେସନ ସାର୍ଟିଫିକେଟ (ୟୁସି) ଦାଖଲ ସ୍ଥିତିର ମଧ୍ୟ ସମୀକ୍ଷା କରାଯିବ। ରାଜ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଏହି ବୈଠକରେ ▶ପୃଷ୍ଠା-୧୦

## କଳାହାଣ୍ଡିରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର

# ରାସ୍ତାରେ ଅଚଳ ହେଲା ଆମ୍ବୁଲାନ୍ସ; ଚାଲିଗଲା ନାବାଳିକାର ଜୀବନ





■ ଭବାନୀପାଟଣା, ୯।୭ (ସମିସ): କଳାହାଣ୍ଡି ଜିଲ୍ଲାରେ ପୁଣି ସାମ୍ନାକୁ ଆସିଛି ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଧା ରାସ୍ତାରେ ଆମ୍ବୁଲାନ୍ସ ଖରାପ ହୋଇଯିବାରୁ ଜଣେ ନାବାଳିକାର ଜୀବନ ଚାଲିଯାଇଛି। ମୃତକ ହେଲେ ନର୍ଲାବ୍ଲକ ତୁଳାପଡ଼ା ଗ୍ରାମର ରିୟା ନାଏକ (୧୧)। ସୂଚନା ଅନୁଯାୟୀ, ରିୟାଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ଭୟଙ୍କର ଯନ୍ତ୍ରଣାଯୋଗୁଁ ରିୟାଙ୍କୁ ପ୍ରଥମେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଭବାନୀପାଟଣା ଆସୁଥିବା ବେଳେ ଗୋହିରାପଦର ରେଳଫାଟକ ନିକଟରେ ଆମ୍ବୁଲାନ୍ସର ଚକ ପଞ୍ଚର ହୋଇଯାଇଥିଲା। ଦୁର୍ଭାଗ୍ୟବଶତଃ, ଗାଡ଼ିରେ ଥିବା ଜରୁରୀକାଳୀନ ଷ୍ଟେପନି ସ୍ପେୟାର୍ ଚକା ମଧ୍ୟ ପୂର୍ବରୁ ଖରାପ ଥିଲା। ବିକଳ୍ପ ବ୍ୟବସ୍ଥା ନ ଥିବାରୁ ରିୟା ରାସ୍ତା ଉପରେ ୩ ଘଣ୍ଟା ଅଟକି ରହି ମୃତ୍ୟୁସହ ସଂଗ୍ରାମ କରିଥିଲେ। ବିଳମ୍ବରେ ଅନ୍ୟ ଏକ ଆମ୍ବୁଲାନ୍ସରେ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ନିଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ସଂଘାତିକ ଅବହେଳାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏମିଗ୍ରୀନ୍ ନାମକ ସଂସ୍ଥାକୁ ରାଜ୍ୟସ୍ତରରେ ଆମ୍ବୁଲାନ୍ସ ଚଳାଚଳ ଏବଂ ମେଣ୍ଟେନାଂସ ଦାୟିତ୍ୱ ଦିଆଯାଇଥିବା କୁହାଯାଇଛି। ସେହିକ୍ରମରେ କଳାହାଣ୍ଡି ଜିଲ୍ଲାରେ ୩୪ଟି ୧୦୮ ଆମ୍ବୁଲାନ୍ସ ଏବଂ ୧୭ଟି ଜନନୀ ଏକ୍ସପ୍ରେସର ଦାୟିତ୍ୱରେ ଉକ୍ତ ସଂସ୍ଥା ରହିଛି। ତେବେ ସଂସ୍ଥାର ଦାୟିତ୍ୱହୀନତା ଯୋଗୁଁ ଜଣେ ନାବାଳିକାର ଜୀବନ ଚାଲିଯାଇଛି।




# ଭାରତରେ ବିଶ୍ୱର ପ୍ରଥମ ସାପ୍ତାହିକ ଇନସୁଲିନ୍ 'ଅୱିକ୍ଲି'




**ବର୍ଷକୁ ୩୬୫ ବଦଳରେ ମାତ୍ର ୫୨ ଥର ଇଞ୍ଜେକ୍ସନ ନେବାକୁ ହେବ**

ନୂଆଦିଲ୍ଲୀ, ୯ ।୭(ଏଜେନ୍ସି): ଡେନମାର୍କର ପ୍ରସିଦ୍ଧ ଔଷଧ ନିର୍ମାତା କମ୍ପାନୀ 'ନୋଭୋ ନର୍ଡିସ୍କ' ଭାରତୀୟ ବଜାରରେ ମଧୁମେହ (ଡାଇବେଟିସ୍) ରୋଗୀଙ୍କ ପାଇଁ ଏକ ବଡ଼ କ୍ରାନ୍ତିକାରୀ ଔଷଧ 'ଅୱିକ୍ଲି' ଲଞ୍ଚ୍ କରିଛି । ଏହା ବିଶ୍ୱର ପ୍ରଥମ 'ସପ୍ତାହକୁ ଏକ ସଟ୍' ନିଆଯାଉଥିବା ବେସାଲ୍ ଇନସୁଲିନ୍ । ଏହି ଆଧୁନିକ ଚିକିତ୍ସା ପଦ୍ଧତି ଦ୍ୱାରା ରୋଗୀମାନଙ୍କୁ ଆଉ ପ୍ରତିଦିନ ଇଞ୍ଜେକ୍ସନ ନେବାକୁ ପଡ଼ିବ ନାହିଁ, ଫଳରେ ବର୍ଷକୁ ୩୬୫ ଥର ବଦଳରେ ମାତ୍ର ୫୨ ଥର ଇଞ୍ଜେକ୍ସନ ନେବାକୁ ହେବ । ଭାରତରେ ପ୍ରାୟ ୧୦.୧ କୋଟି ମଧୁମେହ ରୋଗୀ ଥିବା ବେଳେ ୧୩.୬ କୋଟି ଲୋକ ପ୍ରି-ଡାଇବେଟିସ୍ ସ୍ତରରେ ଅଛନ୍ତି । ପ୍ରତିଦିନ ସଟ୍ ନେବାର ଭୟ ଏବଂ ଯନ୍ତ୍ରଣା ଯୋଗୁଁ ଅନେକ ରୋଗୀ ପ୍ରାୟ ୭ ରୁ ୯ ବର୍ଷ ପର୍ଯ୍ୟନ୍ତ ଇନସୁଲିନ୍ ଚିକିତ୍ସା ଆରମ୍ଭ କରିବାରେ ବିଳମ୍ବ କରିଥାନ୍ତି । ଏହି ନୂଆ ସାପ୍ତାହିକ ଇନସୁଲିନ୍ ରୋଗୀଙ୍କ ମାନସିକ ଓ ଶାରୀରିକ ଚାପକୁ ବହୁ ମାତ୍ରାରେ ହ୍ରାସ କରିବ ବୋଲି ବିଶେଷଜ୍ଞମାନେ ଆଶା ପ୍ରକାଶ କରିଛନ୍ତି । କମ୍ପାନୀ ଏହି ଇନସୁଲିନ୍‌କୁ ବହୁତ ଶସ୍ତା ଏବଂ ପ୍ରତିଯୋଗିତାମୂଳକ ମୂଲ୍ୟରେ ବଜାରକୁ ଆଣିଛି । ଏହାର ପ୍ରତି ୟୁନିଟ୍ ପିଛା ଖର୍ଚ୍ଚ ପ୍ରାୟ ୩.୭୩ ଟଙ୍କା ପଡ଼ିବ, ଯାହା ବର୍ତ୍ତମାନ ବଜାରରେ ମିଳୁଥିବା ଦୈନିକ ଇନସୁଲିନ୍ ତୁଳନାରେ ୩୦ ରୁ ୪୦ ପ୍ରତିଶତ ଶସ୍ତା । ସାଧାରଣତଃ ସପ୍ତାହକୁ ୭୦ ୟୁନିଟ୍ ଆବଶ୍ୟକ କରୁଥିବା ଜଣେ ରୋଗୀଙ୍କ ପାଇଁ ସାପ୍ତାହିକ ଖର୍ଚ୍ଚ ପ୍ରାୟ ୨୬୧ ଟଙ୍କା ହେବ । ବଜାରରେ ଏହା ୭୦୦ ୟୁନିଟ୍‌ର ପେନ୍ (ମୂଲ୍ୟ ୨, ୬୧୧ ଟଙ୍କା) ଏବଂ ୨, ୧୦୦ ୟୁନିଟ୍‌ର ପେନ୍ (ମୂଲ୍ୟ ୭, ୮୩୩ ଟଙ୍କା) ଭାରିଆଣ୍ଟରେ ଉପଲବ୍ଧ ହେବ । କ୍ଲିନିକାଲ୍ ଟ୍ରାୟଲ୍‌ରେ ଏହା ରକ୍ତରେ ଶର୍କରା ଅଂଶ ନିୟନ୍ତ୍ରଣ କରିବାରେ ଅଧିକ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି । ଭାରତରେ ଏହାର ବିତରଣ ପାଇଁ ନୋଭୋ ନର୍ଡିସ୍କ 'ଆବୋଟ୍' କମ୍ପାନୀ ସହ ଚୁକ୍ତି କରିଛି ।



# ଚାକିରି, ସମ୍ପତ୍ତି ଲୋଭରେ ମା'କୁ ହତ୍ୟା କଲା ଝିଅ

ଜୟପୁର, ୯ ।୭ (ଏଜେନ୍ସି): ରାଜସ୍ଥାନର ଜୟପୁରରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି, ଯେଉଁଠି ଜଣେ ୨୩ ବର୍ଷର ଝିଅ ଚାକିରି ଏବଂ ସମ୍ପତ୍ତି ପାଇଁ ନିଜ ମା'କୁ ହତ୍ୟା କରିଛି । ଅଭିଯୁକ୍ତ ଝିଅ ଆୟୁଷୀ ଶର୍ମା ନିଜର ଦାଦା ଓ ପିଉସୀ ପୁଅ ଭାଇଙ୍କ ସହ ମିଶି ଏହି ହତ୍ୟାକାଣ୍ଡର ମାଷ୍ଟରପ୍ଲାନ ପ୍ରସ୍ତୁତ କରିଥିଲା । ଏହାକୁ ଏକ ସଡ଼କ ଦୁର୍ଘଟଣାର ରୂପ ଦେବା ପାଇଁ ୭ ଲକ୍ଷ ଟଙ୍କାର ସୁପାରୀ ଦିଆଯାଇ ଏକ ଦ୍ରୁତଗାମୀ ସ୍କର୍ପିଓ ଗାଡ଼ି ମାଡ଼ି ଦିଆଯାଇଥିଲା । ପୋଲିସ ସୂଚନା ଅନୁଯାୟୀ, ଗତ ବର୍ଷ ଆୟୁଷୀଙ୍କ ବାପାଙ୍କ ଦେହାନ୍ତ ପରେ ତାଙ୍କ ମା' ନୀରଜ ଶର୍ମା (୪୫) କୋର୍ଟରେ ଏକ ସରକାରୀ ଚାକିରି ପାଇଥିଲେ । ଆୟୁଷୀ ସେହି ଚାକିରି ଏବଂ ପରିବାରର ସମ୍ପତ୍ତି ନିଜ ନାଁରେ କରିବାକୁ ଚାହୁଁଥିଲା, ଯାହାକୁ ନେଇ ମା'-ଝିଅଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଜୁଲାଇ ୩ ତାରିଖରେ ନୀରଜ ନିଜ ପୁଅକୁ କୋଚିଂ ସେଣ୍ଟରରେ ଛାଡ଼ି ଫେରୁଥିବା ବେଳେ ପ୍ରାୟ ୧୩୦ କିଲୋମିଟର ବେଗରେ ଆସୁଥିବା ଏକ ସ୍କର୍ପିଓ ତାଙ୍କୁ ଧକ୍କା ଦେଇଥିଲା, ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ସିସିଟିଭି ଫୁଟେଜ୍ ଏବଂ ମୃତକଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ତଦନ୍ତ କରି ପୋଲିସ ଏହି ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିଛି । ଏହି ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଆୟୁଷୀ ଶର୍ମାଙ୍କ ସମେତ ୭ ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ଅଛି । ପୂର୍ବରୁ ମଧ୍ୟ ଅଭିଯୁକ୍ତମାନେ ଅନ୍ୟ ଏକ ଗାଡ଼ିରେ ନୀରଜଙ୍କୁ ହତ୍ୟା କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ ବୋଲି ପୋଲିସ କହିଛି ।

# ଟିଏମ୍‌ସିର ୩ ପୂର୍ବତନ ରାଜ୍ୟସଭା ସାଂସଦଙ୍କୁ ମିଳିଲା ବିଜେପି ଟିକଟ


କୋଲକାତା, ୯ ।୭(ଏଜେନ୍ସି): ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସିରୁ ଇସ୍ତଫା ଦେଇଥିବା ୩ ଜଣ ବରିଷ୍ଠ ପୂର୍ବତନ ରାଜ୍ୟସଭା ସାଂସଦ ସୁସ୍ମିତା ଦେବ, ସୁଖେନ୍ଦୁ ଶେଖର ରାୟ ଏବଂ ପ୍ରକାଶ ଚିକ୍ ବରାଇକ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି । କୋଲକତାର ସଲ୍ଟଲେକ୍‌ସ୍ଥିତ ବିଜେପି କାର୍ଯ୍ୟାଳୟରେ ରାଜ୍ୟ ସଭାପତି ସମୀକ ଭଟ୍ଟାଚାର୍ଯ୍ୟଙ୍କ ଉପସ୍ଥିତିରେ ସେମାନେ ପଦ୍ମ ଶିବିରରେ ସାମିଲ ହୋଇଛନ୍ତି ।



ବିଧାନସଭା ନିର୍ବାଚନରେ ଟିଏମସିର ପରାଜୟ ପରେ ଦଳ ମଧ୍ୟରେ ଆରମ୍ଭ ହୋଇଥିବା ବିଦ୍ରୋହ ଯୋଗୁଁ ଏହି ନେତାମାନେ ଗତ ମାସ ଉଭୟ ସାଂସଦ ପଦ ଏବଂ ଦଳରୁ ଇସ୍ତଫା ଦେଇଥିଲେ । ଚଳିତ ମାସ ୨୪ ତାରିଖରେ ହେବାକୁ ଥିବା ରାଜ୍ୟସଭା ଉପନିର୍ବାଚନରେ ସେମାନଙ୍କୁ ବିଜେପି ଆଜି ପ୍ରାର୍ଥୀ ଘୋଷଣା କରିଛି । ସେମାନେ ବିଜୟୀ ହେବା ପ୍ରାୟ ନିଶ୍ଚିତ । ରାୟ ଓ ବରାଇକଙ୍କ କାର୍ଯ୍ୟକାଳ ୨୦୨୯ ରେ ଏବଂ ଦେବଙ୍କ କାର୍ଯ୍ୟକାଳ ୨୦୩୦ରେ ଶେଷ ହେବାର ଥିଲା ।

# ସିନ୍ଦେଙ୍କୁ ଭେଟିଲେ ଶରଦ ପାୱାର

ମୁମ୍ବଇ, ୯ ।୭(ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ପୁଣି ଏକ ବଡ଼ ରୋଚକ ମୋଡ଼ ଦେଖିବାକୁ ମିଳିଛି । ଏନସିପି (ଏସପି) ମୁଖ୍ୟ ଶରଦ ପାୱାର ହଠାତ ରାଜ୍ୟ ବିଧାନସଭା ପରିସରରେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଭେଟିବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ବିରୋଧୀ ମହା ବିକାଶ ଅଘାଡ଼ି (ଏମଭିଏ) ମେଣ୍ଟ ମଧ୍ୟରେ ଅଶାନ୍ତି ଚାଲିଥିବା ବେଳେ ଏହି ଅପ୍ରତ୍ୟାଶିତ ସାକ୍ଷାତକାରକୁ ନେଇ ଚର୍ଚ୍ଚା ଜୋର ଧରିଛି ।



ବୁଧବାର ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦ ସମ୍ପର୍କିତ ଏକ କମିଟି ବୈଠକରେ ଯୋଗଦେବା ପାଇଁ ପାୱାର ବିଧାନସଭାକୁ ଆସିଥିଲେ । ବୈଠକ ଶେଷ ହେବା ପରେ ସେ ସିଧାସଳଖ ଶିନ୍ଦେଙ୍କ ପ୍ରକୋଷ୍ଠକୁ ଯାଇଥିଲେ । ସେହି ସମୟରେ ସିନ୍ଦେ ଏକ କ୍ୟାବିନେଟ୍ ବୈଠକ କରୁଥିଲେ ମଧ୍ୟ ପାୱାରଙ୍କ ଆଗମନ ଖବର ପାଇ ସେ ବୈଠକକୁ କିଛି ସମୟ ସ୍ଥଗିତ ରଖି ବରିଷ୍ଠ ନେତାଙ୍କୁ ସ୍ୱାଗତ କରିଥିଲେ । ଉଭୟଙ୍କ ମଧ୍ୟରେ ପ୍ରାୟ ୧୫ ମିନିଟ୍ ଧରି ଆଲୋଚନା ହୋଇଥିଲା । ଯଦିଓ ସିନ୍ଦେଙ୍କ କାର୍ଯ୍ୟାଳୟ ଏହାକୁ ଏକ ସୌଜନ୍ୟମୂଳକ ସାକ୍ଷାତକାର ବୋଲି କହିଛି, କିନ୍ତୁ ଏହାର ଟାଇମିଂ ଅର୍ଥାତ ସମୟକୁ ନେଇ ଚର୍ଚ୍ଚା ଥମୁନାହିଁ । ବିଶେଷ କରି ମହାଯୁତି ମେଣ୍ଟର ମୁଖ୍ୟ ରଣନୀତିକାର ଦେବେନ୍ଦ୍ର ଫଡନାଭିସଙ୍କୁ ନ ଭେଟି ପାୱାର କେବଳ ସିନ୍ଦେଙ୍କୁ ଭେଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

# ୨୦ରେ 'କକ୍ରୋଚ୍ ପାର୍ଟି'ର ସଂସଦକୁ ପଦଯାତ୍ରା

ନୂଆଦିଲ୍ଲୀ, ୯ ।୭(ଏଜେନ୍ସି): ଛାତ୍ରମାନଙ୍କ ସମସ୍ୟା ଏବଂ ଦେଶର ପରୀକ୍ଷା ପ୍ରଣାଳୀରେ ହେଉଥିବା ବାରମ୍ବାର ବିଫଳତା ପ୍ରତିବାଦରେ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ପକ୍ଷରୁ ଆସନ୍ତା ଜୁଲାଇ ୨୦ ତାରିଖ ଜନ୍ତର ମନ୍ତରରୁ ସଂସଦ ଭବନ ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରାଯିବ । ସଂସଦର ମୌସୁମୀ ଅଧିବେଶନ ଏହି ଦିନ ଆରମ୍ଭ ହେବାକୁ ଯାଉଛି । ବିଶିଷ୍ଟ ସାମାଜିକ କର୍ମୀ ୱାଙ୍ଗଚୁକଙ୍କ ଅନଶନର ୧୧ତମ ଦିବସରେ ଏହି ସୂଚନା ଦିଆଯାଇଛି । ସେ ଦେଶବାସୀଙ୍କୁ ଏହି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି । ଦଳର ମୁଖପାତ୍ର ବିଜେତା ଦାହିୟା କହିଛନ୍ତି ଯେ, 'ଯେହେତୁ ସରକାର ଆମ ଦାବି ଶୁଣୁନାହାନ୍ତି, ଆମେ ଆମର ପ୍ରତିବାଦକୁ ସଂସଦର ଅତି ନିକଟକୁ ନେବାକୁ ଚାହୁଁଛୁ, ଯେପରି ଆମ ସ୍ୱର ସରକାରଙ୍କ ପର୍ଯ୍ୟନ୍ତ ପହଞ୍ଚିପାରିବ ।' ଏହି ପଦଯାତ୍ରା ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଅନଶନରେ ବସିଥିବା ସୋନମ ୱାଙ୍ଗଚୁକ ନିଜ ସମର୍ଥକମାନଙ୍କୁ ଭାବପୂର୍ଣ୍ଣ ବାର୍ତ୍ତା ଦେଇ କହିଛନ୍ତି ଯେ, କେବଳ ଘରେ ବସି ସମର୍ଥନ ଜଣାଇଲେ ହେବନାହିଁ । ଯଦି ଲୋକେ ପ୍ରକୃତରେ ତାଙ୍କୁ ଜୀବିତ ଦେଖିବାକୁ ଚାହାନ୍ତି, ତେବେ ସେମାନେ ଏହି ଶାନ୍ତିପୂର୍ଣ୍ଣ ସଂସଦ ପଦଯାତ୍ରାରେ ଯୋଗଦେବା ଉଚିତ ।



# ମୂଷଳ ବର୍ଷାରେ ଭାସୁଛି ଦିଲ୍ଲୀ

## ରୋହିଣୀ ଅଞ୍ଚଳରେ ଭୁଶୁଡ଼ିଲା କୋଠା, ୩ ମୃତ


## ସୁରଟରେ ୯ ମୃତ, ମୁମ୍ବାଇରେ ଟ୍ରେନ, ବିମାନ ସେବା ବାଧାପ୍ରାପ୍ତ

ନୂଆଦିଲ୍ଲୀ, ୯ ।୭(ଏଜେନ୍ସି): ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଗୁରୁବାର ରାତିସାରା ହୋଇଥିବା ପ୍ରବଳ ବର୍ଷା ବିପର୍ଯ୍ୟୟ ସୃଷ୍ଟି କରିଛି । କ୍ରମାଗତ ମୂଷଳଧାରା ବର୍ଷା ଯୋଗୁଁ ସମଗ୍ର ସହର ଜଳମଗ୍ନ ହୋଇପଡ଼ିଥିବା ବେଳେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇଯାଇଛି । ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ସହ ରୋହିଣୀ ଅଞ୍ଚଳରେ ଏକ ଚାରି ମହଲା ବିଶିଷ୍ଟ ନିର୍ମାଣାଧୀନ କୋଠା ଭୁଶୁଡ଼ି ପଡ଼ିବାରୁ ୩ ଜଣଙ୍କର ପ୍ରାଣହାନି ଘଟିଛି । ସ୍ଥିତିକୁ ଦେଖି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସହର ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି । ଲଗାତାର ବର୍ଷା ଯୋଗୁଁ ଦିଲ୍ଲୀର ପାରମ୍ପରିକ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଛି । ସହରର ପ୍ରମୁଖ ରାସ୍ତାଗୁଡ଼ିକ ନଦୀର ରୂପ ଧାରଣ କରିଛନ୍ତି । କାର୍ ଏବଂ ଅନ୍ୟ ଗାଡ଼ିଗୁଡ଼ିକ ଆଣ୍ଠୁଏ ପାଣିରେ ବୁଡ଼ି ରହିଥିବା ବେଳେ ଚାଳକ ଓ ପଥଚାରୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ବିଶେଷ କରି ସଦର ବଜାର, ଗ୍ରେଟର କୈଳାସ, ବଦରପୁର, ଦ୍ୱାରକା, ବିକାଶ ମାର୍ଗ ଏବଂ ନୂଆଦିଲ୍ଲୀ ରେଳ ଷ୍ଟେସନ ଅଞ୍ଚଳରେ ବ୍ୟାପକ ଜଳବନ୍ଦୀ ସମସ୍ୟା ଦେଖାଦେଇଛି । ରିଂ ରୋଡ୍, ଆଉଟର ରିଂ ରୋଡ୍ ଏବଂ ଦିଲ୍ଲୀ-ନୋଏଡା ଏକ୍ସପ୍ରେସୱେ ଭଳି ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ମାନ୍ଦା ପଡ଼ିଯାଇଛି । ଏହି ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ସବୁଠାରୁ ବଡ଼ ଦୁର୍ଘଟଣା ରୋହିଣୀ ଅଞ୍ଚଳରେ ଘଟିଛି । ସେଠାରେ ପ୍ରବଳ ବର୍ଷା ସହି ନପାରି ଏକ ନିର୍ମାଣାଧୀନ ଚାରି ମହଲା ବିଶିଷ୍ଟ କୋଠା ହଠାତ୍ ଭୁସୁଡ଼ି ପଡ଼ିଥିଲା । ଏହି ଅଘଟଣରେ ୩ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଇଷ୍ଟ ଅଫ୍ କୈଳାସ ସମେତ ଅନେକ ସ୍ଥାନରେ ବିରାଟ ଗଛ ସବୁ ଉପୁଡ଼ି ରାସ୍ତା ଉପରେ ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଦିଲ୍ଲୀ ସମେତ ପାର୍ଶ୍ୱବର୍ତ୍ତୀ ଗୁରୁଗ୍ରାମରେ ମଧ୍ୟ ସମାନ ସ୍ଥିତି ଉପୁଜିଛି, ଯେଉଁଠାରେ ଦିଲ୍ଲୀ-ଜୟପୁର ଜାତୀୟ ରାଜପଥରେ ଶହ ଶହ ଗାଡ଼ି ପାଣିରେ ଫସି ରହିଥିବା ଦେଖିବାକୁ ମିଳିଛି ।




ସେହିଭଳି ଗୁଜରାଟର ସୁରଟ ସହରରେ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ଅତ୍ୟନ୍ତ ସଂଗୀନ ରହିଛି । ଗତ କିଛି ଦିନ ମଧ୍ୟରେ ବର୍ଷା ଜନିତ ଦୁର୍ଘଟଣାରେ ପ୍ରାୟ ୯ ଜଣଙ୍କର ପ୍ରାଣହାନି ଘଟିଛି । ହଜାର ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁଁ ସ୍ଥାନୀୟ ଟ୍ରେନ ଓ ବିମାନ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି । ଭୂସ୍ଖଳନ ଯୋଗୁଁ ମୁମ୍ବାଇ-ପୁଣେ ଏବଂ ଗୁଜରାଟ ଅଭିମୁଖେ ଯାଉଥିବା ଅନେକ ଦୂରଗାମୀ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ପିମ୍ପରି ଚିଞ୍ଚୱାଡ୍‌ରେ ଏକ ଆବର୍ଜନା ସ୍ତୂପ ଭୁଶୁଡ଼ି ଯିବାରୁ ୧୧ ଜଣ ଫସି ରହିଥିବା ଆଶଙ୍କା କରାଯାଉଛି । ୱାୟାନାଡ ଜିଲ୍ଲାରେ ଏକ ସୁଡ଼ଙ୍ଗ ପ୍ରକଳ୍ପ ସ୍ଥଳରେ ମାଟି ଧସିଯିବା ଯୋଗୁଁ ୫ ଜଣ ନିଖୋଜ ଅଛନ୍ତି । ।ସେମାନଙ୍କୁ ଉଦ୍ଧାର କରିବା ପାଇଁ ଅଭିଯାନ ଜାରି ରହିଛି ।

# ପୁଣି ଆମେରିକା-ଇରାନ ଯୁଦ୍ଧ



- ଇରାନର ୯୦ଟି ସ୍ଥାନକୁ ଟାର୍ଗେଟ୍ କଲା ଆମେରିକା
- କୁଏତ, ବାହାରିନରେ ଆମେରିକା ପ୍ରତିଷ୍ଠାନ ଉପରେ ଆକ୍ରମଣ କଲା ଇରାନ

ୱାସିଂଟନ/ତେହରାନ, ୯ ।୭(ଏଜେନ୍ସି): ପୁଣି ଆରମ୍ଭ ହୋଇଯାଇଛି ଆମେରିକା-ଇରାନ ଯୁଦ୍ଧ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧବିରତି ଶେଷ ହୋଇଥିବା ଘୋଷଣା କରିବା ପରେ ଇରାନ ଉପରେ ଆକ୍ରମଣ କରିଛି ଆମେରିକା । ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ସାମରିକ ଅପରେସନରେ ଇରାନର ପ୍ରାୟ ୯୦ଟି ସାମରିକ ଘାଟି ଓ ପ୍ରତିରକ୍ଷା ଭିତ୍ତିଭୂମିକୁ ଟାର୍ଗେଟ୍ କରାଯାଇଛି । ଆକ୍ରମଣ ଯୋଗୁଁ ଚାବାହାର ସହରର ଅନେକ ସ୍ଥାନରେ ପ୍ରଚଣ୍ଡ ବିସ୍ଫୋରଣ ହେବା ସହ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ହର୍ମୁଜ ପ୍ରଣାଳୀ ଦେଇ ଯାତାୟାତ କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକୁ ସୁରକ୍ଷା ଦେବା ଏବଂ ଇରାନର ସାମରିକ ଶକ୍ତିକୁ ଦୁର୍ବଳ କରିବା ପାଇଁ ଏହି ଆକ୍ରମଣ କରାଯାଇଥିବା ଆମେରିକା ଦାବି କରିଛି । ଏହାର ପ୍ରତିଶୋଧ ସ୍ୱରୂପ ଇରାନ ମଧ୍ୟ ଆମେରିକାର ସାମରିକ ଘାଟି ଥିବା କୁୱେତ ଏବଂ ବହରିନ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି । ଇରାନର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ କହିଛନ୍ତି ଯେ, ଆମେରିକା ଏପର୍ଯ୍ୟନ୍ତ ନିଜର ଭୁଲରୁ କିଛି ଶିଖିନାହିଁ । ଦାଦାଗିରି କରିବା ଏବଂ ଚୁକ୍ତି ଭଙ୍ଗ କରୁଥିବା ଆମେରିକାକୁ ବଡ଼ ମୂଲ୍ୟ ଦେବାକୁ ପଡ଼ିବ ।

# ୪୮ ଘଣ୍ଟାର ଅଲ୍ଟିମେଟମ୍ ଦେଲେ ଆନ୍ଦୋଳନକାରୀ

ନୂଆଦିଲ୍ଲୀ, ୯ ।୭(ଏଜେନ୍ସି): ପାକିସ୍ତାନ-ଅଧିକୃତ କାଶ୍ମୀରରେ ପୁଣି ଥରେ ଗମ୍ଭୀର ରାଜନୈତିକ ସଂକଟ ଦେଖାଦେଇଛି । ଆନ୍ଦୋଳନକାରୀ ସଂଗଠନ 'ଜମ୍ମୁ କାଶ୍ମୀର ଜଏଣ୍ଟ ଆୱାମୀ ଆକ୍ସନ କମିଟି' ୩୮ ଦଫା ଦାବି ପୂରଣ ପାଇଁ ପାକିସ୍ତାନ ସରକାରଙ୍କୁ ୪୮ ଘଣ୍ଟାର ଅଲ୍ଟିମେଟମ୍ ଦେଇଛି । ପିଓକେରେ ପାକିସ୍ତାନ ଚଳାଇଥିବା ଦମନଲୀଳାକୁ ତୁରନ୍ତ ବନ୍ଦ କରିବା ସହିତ ଏହି ଅଞ୍ଚଳକୁ ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବାହାଲ କରିବାକୁ ଦାବି ହୋଇଛି । ଜେଲରେ ବନ୍ଦୀ ଥିବା ଆନ୍ଦୋଳନକାରୀଙ୍କୁ ତୁରନ୍ତ ଖଲାସ କରିବାକୁ ମଧ୍ୟ ଦାବି କରିଛି । ଅନ୍ୟପକ୍ଷରେ ଆନ୍ଦୋଳନ ଦମନ ପାଇଁ ପାକିସ୍ତାନୀ ସୁରକ୍ଷା ବାହିନୀ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆଜି ଆହୁରି ୬୦୦ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି ।

# ତୃଣମୂଳ କଂଗ୍ରେସକୁ ହାଇକୋର୍ଟରେ ଆଶ୍ୱସ୍ତି

## ବ୍ୟାଙ୍କ ଆକାଉଣ୍ଟରୁ ଦୈନିକ ଖର୍ଚ୍ଚ ପାଇଁ ଅନୁମତି

କୋଲକାତା, ୯ ।୭(ଏଜେନ୍ସି): କଲିକତା ହାଇକୋର୍ଟ ଆଜି ଟିଏମସିକୁ ଏକ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି । କୋଲକାତା ପୁଲିସ ଦ୍ୱାରା ର ଫ୍ରିଜ୍ କରାଯାଇଥିବା ପାର୍ଟିର ତିନୋଟି ବ୍ୟାଙ୍କ ଆକାଉଣ୍ଟରୁ ଦୈନିକ ଖର୍ଚ୍ଚ ପାଇଁ କୋର୍ଟ ଅସ୍ଥାୟୀ ଭାବେ ଅନୁମତି ଦେଇଛନ୍ତି । ତେବେ ଏହି ଆକାଉଣ୍ଟଗୁଡ଼ିକର ପରିଚାଳନା ସ୍ୱତନ୍ତ୍ର ବିଚାର ବିଭାଗୀୟ ଅଧିକାରୀ ଶ୍ରୀଞ୍ଜୟ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି କରି ହାଇକୋର୍ଟ କହିଛନ୍ତି ଯେ, ମାମଲା ରୁଜୁ ହେବାର ମାତ୍ର ଗୋଟିଏ ଦିନ ମଧ୍ୟରେ ପୁଲିସ ପକ୍ଷରୁ ଯେଉଁଭଳି ତରବରିଆ ଭାବେ ଏହି ଆକାଉଣ୍ଟଗୁଡ଼ିକୁ ଅଚଳ କରାଯାଇଛି, ତାହା ପଛରେ କୌଣସି ପର୍ଯ୍ୟାପ୍ତ ତଥ୍ୟ କିମ୍ବା ଯୁକ୍ତି ନାହିଁ । ଏହି ଅପ୍ରତ୍ୟାଶିତ କାର୍ଯ୍ୟାନୁଷ୍ଠାନକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜଷ୍ଟିସ ସୌଗାତ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ସାଧାରଣ ନାଗରିକ ଥାନା ଦୌଡ଼ି ଦୌଡ଼ି ନୟାନ୍ତ, କିନ୍ତୁ ଏହି ମାମଲାରେ ପୁଲିସ ଯେପରି ତତ୍ପରତା ପ୍ରକାଶ କଲା, ତାହା ତାଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହା ସହିତ କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଭାରତୀୟ ନିର୍ବାଚନ କମିସନ (ଇସିଆଇ) ଏହି ବିବାଦ ସମ୍ପର୍କରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନନେବା ପର୍ଯ୍ୟନ୍ତ ତୃଣମୂଳ କଂଗ୍ରେସର ବିଦ୍ରୋହୀ ଗୋଷ୍ଠୀ ସ୍ୱତନ୍ତ୍ର ଅଧିକାରୀଙ୍କ ଦ୍ୱାରସ୍ଥ ହୋଇପାରିବେ ନାହିଁ । ଏହି ନିର୍ଦ୍ଦେଶ ଫଳରେ ନିର୍ବାଚନ କମିସନଙ୍କ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ ଦଳ ନିଜର ଦୈନିକ ଖର୍ଚ୍ଚ ପାଇଁ ଏହି ଆକାଉଣ୍ଟଗୁଡ଼ିକୁ ବ୍ୟବହାର କରିବାରେ ଆଉ କୌଣସି ବାଧା ରହିବ ନାହିଁ ।



# ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ୍: କେନ୍ଦ୍ର ଉପରେ ବର୍ଷିଲେ ମମତା



- ବିରୋଧୀଙ୍କୁ ଦୁର୍ବଳ କରିବା ଲାଗି କେନ୍ଦ୍ରୀୟ ସଂସ୍ଥାକୁ ଅସ୍ତ୍ର କରାଯାଉଛି
- ଟିଏମ୍‌ସି ପାଣ୍ଠିରେ କୌଣସି ଅନିୟମିତତା ହୋଇନାହିଁ

କୋଲକାତା, ୯ ।୭(ଏଜେନ୍ସି): ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି)ର ତିନୋଟି ବ୍ୟାଙ୍କ ଆକାଉଣ୍ଟରେ ଥିବା ୪୪୦.୪୨ କୋଟି ଟଙ୍କାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଫ୍ରିଜ୍ କରିବା ପରେ ପଶ୍ଚିମବଙ୍ଗ ରାଜନୀତି ସରଗରମ ହୋଇଛି । ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଟିଏମ୍‌ସି । ପାର୍ଟି କହିଛି ଯେ ପାଣ୍ଠିରେ କୌଣସି ଅନିୟମିତତା ହୋଇନାହିଁ । ସମସ୍ତ ତଥ୍ୟ ନିର୍ବାଚନ କମିସନ ଏବଂ ଆୟକର ବିଭାଗକୁ ଦିଆଯାଇଛି । ଏହାସତ୍ତ୍ୱେ ଇଡି କାର୍ଯ୍ୟାନୁଷ୍ଠାନ ନିନ୍ଦନୀୟ । ବିରୋଧୀଙ୍କୁ ଦୁର୍ବଳ କରିବା ଲାଗି କେନ୍ଦ୍ରୀୟ ସଂସ୍ଥାର ବ୍ୟବହାର କରାଯାଉଛି । ଏହା ହେଉଛି ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ମମତାଙ୍କ ପାର୍ଟି ଅଭିଯୋଗ କରିଛି । ଟିଏମସି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ବ୍ୟାଙ୍କ ଆକାଉଣ୍ଟରେ ଥିବା ସମସ୍ତ ପାଣ୍ଠି ସମ୍ପୂର୍ଣ୍ଣ ସ୍ୱଚ୍ଛ । ଟିଏମ୍‌ସି ପାଣ୍ଠିରେ କୌଣସି ଅନିୟମିତତା ହୋଇନାହିଁ, ସମସ୍ତ ତଥ୍ୟ ନିର୍ବାଚନ କମିସନ ଏବଂ ଆୟକର ବିଭାଗକୁ ଦିଆଯାଇଛି । ନିର୍ବାଚନ ବଣ୍ଡ ତଥ୍ୟ ମଧ୍ୟ ଉଭୟ ଭାରତ ସରକାର ଏବଂ ସୁପ୍ରିମ କୋର୍ଟରେ ରହିଛି । ଏହି ବଣ୍ଡ ଷ୍ଟେଟ ବ୍ୟାଙ୍କ ଜାରି କରିଥିଲା । ପାଣ୍ଠି ସଂକ୍ରାନ୍ତ ସମସ୍ତ ତଥ୍ୟ ନିର୍ବାଚନ କମିସନଙ୍କ ୱେବସାଇଟରେ ଉପଲବ୍ଧ ବୋଲି ଏଥିରେ କୁହାଯାଇଛି । ଏହାସତ୍ତ୍ୱେ ବିରୋଧୀଙ୍କୁ ଟାର୍ଗେଟ କରିବା ଲାଗି କେନ୍ଦ୍ରୀୟ ସଂସ୍ଥାଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରିବା ବିଜେପିର ରାଜନୈତିକ ଅଭ୍ୟାସ ହୋଇଗଲାଣି । ଏହା ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ପାର୍ଟି କହିଛି ।

## ଚାର୍ଲସ ଶୋଭରାଜ୍‌ରୁ ପ୍ରେରଣା

# ୩୦୦ରୁ ଅଧିକ ପଞ୍ଚତାରକା ହୋଟେଲରେ ରହିଲା, ବିଲ୍ ଦେଲାନି

ନୂଆଦିଲ୍ଲୀ, ୯ ।୭(ଏଜେନ୍ସି): କୁଖ୍ୟାତ ସିରିଏଲ କିଲର ତଥା ସାରା ବିଶ୍ୱରେ ବେଶ୍ ଜଣାଶୁଣା ମହାଠକ ଚାର୍ଲସ ଶୋଭରାଜ୍‌ଙ୍କ ଫର୍ମୁଲା ଆପଣାଇ ଗତ ୩ ଦଶନ୍ଧି ଧରି ଦେଶର ୩୦୦ରୁ ଅଧିକ ବିଳାସପୂର୍ଣ୍ଣ ପଞ୍ଚତାରକା ହୋଟେଲକୁ ଠକିଥିବା ଜଣେ ୬୯ ବର୍ଷୀୟ ବୃଦ୍ଧଙ୍କୁ ପୁଲିସ ଗିରଫ କରିଛି । ତାମିଲନାଡୁର ବାସିନ୍ଦା ଏହି ଅଭିଯୁକ୍ତଙ୍କ ନାଁ ବିଙ୍ଗସନ ଜନ୍ । ସେ ନକଲି ପରିଚୟ ପତ୍ର ଦେଖାଇ ହୋଟେଲଗୁଡ଼ିକରେ ରହୁଥିଲେ ଏବଂ ବିଲ୍ ନଦେଇ ଚମ୍ପଟ ମାରୁଥିଲେ । ଛତିଶଗଡ଼ ରାୟପୁରର ହାୟତ ହୋଟେଲରୁ ବିଲ୍ ବାବଦକୁ ୬୩, ୭୫୫ ଟଙ୍କା ନଦେଇ ଏବଂ ସେଠାରୁ ପ୍ରାୟ ୧.୪୮ ଲକ୍ଷ ଟଙ୍କାର ଏକ ଲାପଟପ୍ ଚୋରି କରି ପଳାଇବା ଅଭିଯୁକ୍ତଙ୍କ ପାଇଁ ମହଙ୍ଗା ପଡ଼ିଛି । ହୋଟେଲ କର୍ତ୍ତୃପକ୍ଷଙ୍କ ଅଭିଯୋଗ ଆଧାରରେ ରାୟପୁର ପୁଲିସର ସାଇବର ସେଲ୍‌ଫ ବୈଷୟିକ ପ୍ରମାଣ ସାହାଯ୍ୟରେ ଅଭିଯୁକ୍ତଙ୍କୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରୁ ଗିରଫ କରିବାରେ ସଫଳ ହୋଇଛି । ପୁଲିସ ସୂଚନା ଅନୁଯାୟୀ, ଜନ୍ ୧୯୮୦ ଦଶକରେ ଦିଲ୍ଲୀରେ ଜଣେ ଟୁରିଷ୍ଟ ଗାଇଡ୍ ଭାବେ କାମ କରୁଥିଲେ । ସେଠାରେ ହୋଟେଲ କର୍ମଚାରୀଙ୍କ ଦ୍ୱାରା ଅପମାନିତ ହେବା ପରେ ସେ ମାଗଣାରେ ରହିବା ପାଇଁ ଏହି ଠକେଇର ପନ୍ଥା ବାଛିଥିଲେ । ୧୯୯୬ ମସିହାରେ ସେ ପ୍ରଥମ ଥର ଗିରଫ ହୋଇ ତିହାର ଜେଲ ଯାଇଥିଲେ । ସେଠାରେ ରହିବା ସମୟରେ ସେ ଚାର୍ଲସ ଶୋଭରାଜ୍‌ଙ୍କ କାର୍ଯ୍ୟଶୈଳୀ ଦ୍ୱାରା ପ୍ରଭାବିତ ହୋଇଥିଲେ । ଜେଲରୁ ମୁକୁଳିବା ପରେ ସେ ଇଂରାଜୀ ଶିକ୍ଷକ, ଯୋଗ ଟ୍ରେନର କିମ୍ବା ବିଦେଶୀ ଗାଇଡ୍ ସାଜି ହୋଟେଲ କର୍ମଚାରୀଙ୍କୁ ନିଜ କଥାରେ ଭୁଲାଉଥିଲେ ଏବଂ ସେମାନଙ୍କ ବିଶ୍ୱାସ ଜିତି ବିନା ଆଡମ୍ବରରେ ରହୁଥିଲେ । ସେ କେରଳ, ଗୋଆ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ସମେତ ବିଭିନ୍ନ ରାଜ୍ୟର ଜେଲରେ ପ୍ରାୟ ୧୫ ବର୍ଷ କାଟିସାରିଛନ୍ତି । ବର୍ତ୍ତମାନ ପୁଲିସ ତାଙ୍କୁ କୋର୍ଟରେ ହାଜର କରି ଅଧିକ ତଦନ୍ତ ଚଳାଇଛି ।





# ନଦୀରେ ଭାସିଲା ତିନି ହଜାର ଗ୍ୟାସ୍ ସିଲିଣ୍ଡର

ରାୟଗଡ଼, ୯ ।୭(ଏଜେନ୍ସି): ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ପ୍ରାୟ ୩ ୦୦୦ ଏଲପିଜି ଗ୍ୟାସ୍ ସିଲିଣ୍ଡର ପାତାଳଗଙ୍ଗା ନଦୀ ଏବଂ ଖାରପଡ଼ା ଜୋରରେ ଭାସୁଥିବାର ଦେଖାଯାଇଛି । ଏହି ଦୃଶ୍ୟକୁ ସ୍ଥାନୀୟ ଲୋକେ ବ୍ରିଜ୍ ଉପରୁ ନିଜ ମୋବାଇଲ୍‌ରେ ରେକର୍ଡ କରୁଥିବା ଦେଖିବାକୁ ମିଳିଛି । ଲଗାତାର ପ୍ରବଳ ବର୍ଷା ଯୋଗୁଁ ପାତାଳଗଙ୍ଗାସ୍ଥିତ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚ୍‌ପିସିଏଲ୍) ଗ୍ୟାସ୍ ବୋଟଲିଂ ପ୍ଲାଣ୍ଟର ସୁରକ୍ଷା ପ୍ରାଚୀର ଭୁଶୁଡ଼ି ପଡ଼ିଥିଲା । ଏହାଫଳରେ ବନ୍ୟା ପାଣି ସିଧାସଳଖ ପ୍ଲାଣ୍ଟ ପରିସରକୁ ପଶିଯାଇ ସେଠାରେ ରଖାଯାଇଥିବା ହଜାର ହଜାର ସିଲିଣ୍ଡରକୁ ନଦୀ ସ୍ରୋତରେ ଭସାଇ ନେଇଥିଲା । ଭାସିଯାଇଥିବା ଏହି ସିଲିଣ୍ଡରଗୁଡ଼ିକ ମଧ୍ୟରୁ କେତେକରେ ଗ୍ୟାସ୍ ଭର୍ତ୍ତି ଥାଇପାରେ ବୋଲି ଆଶଙ୍କା କରାଯାଉଛି । ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ରାୟଗଡ଼ ଜିଲ୍ଲାପାଳ ସର୍ବସାଧାରଣଙ୍କୁ ଜରୁରୀକାଳୀନ ଅପିଲ୍ କରିଛନ୍ତି । ନଦୀ କିମ୍ବା ଆଖପାଖ ଅଞ୍ଚଳରେ ଏହି ସିଲିଣ୍ଡର ପାଇଲେ ତାକୁ ନିଜ ଘରକୁ ନ ନେବାକୁ କୁହାଯାଇଛି ।





# ନୀଳ ଅର୍ଥ ବ୍ୟବସ୍ଥା ଇତିହାସରେ ଯୋଡ଼ିହେଲା ନୂଆ ଅଧ୍ୟାୟ

## ଓଡ଼ିଶାରୁ ଗଭୀର ସମୁଦ୍ର ମତ୍ସ୍ୟପାଳନ ମିଶନର ଶୁଭାରମ୍ଭ କଲେ ଉପରାଷ୍ଟ୍ରପତି



- ଯୁବବର୍ଗ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରକୁ ଆଧୁନିକ ବୃତ୍ତି ଭାବରେ ଦେଖନ୍ତୁ: ଉପରାଷ୍ଟ୍ରପତି
- ନୀଳ ଅର୍ଥ ବ୍ୟବସ୍ଥା ଯୁବପିଢ଼ି ପାଇଁ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ: ରାଜ୍ୟପାଳ
- ଓଡ଼ିଶାକୁ ପୂର୍ବ ଭାରତର ପ୍ରମୁଖ 'ମେରାଇନ୍ ହବ୍'ରେ ପରିଣତ କରାଯିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୭(ସମିସ): ଭାରତର ସାମୁଦ୍ରିକ ମତ୍ସ୍ୟକ୍ଷେତ୍ର ଓ ପ୍ରଗତିଶୀଳ 'ନୀଳ ଅର୍ଥବ୍ୟବସ୍ଥା' ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ 'ଗଭୀର ସମୁଦ୍ରରେ ଦୀର୍ଘସ୍ଥାୟୀ ମାଛ ଉତ୍ପାଦନ ଲାଗି ଅନୁମୋଦନ ପତ୍ର'ର ଜାତୀୟ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ ଦସ୍ତାବିଜକୁ ମଧ୍ୟ ଉନ୍ମୋଚନ କରିଛନ୍ତି। ଉପରାଷ୍ଟ୍ରପତି ଦେଶର ଦଶଟି ମତ୍ସ୍ୟ ଚାଷୀ ଉତ୍ପାଦକ ସଂଗଠନ (ଏଫପିପିଓ) ଏବଂ ମତ୍ସ୍ୟଜୀବୀଙ୍କୁ ଗଭୀର ସମୁଦ୍ର ମାଛ ଧରା ପାଇଁ ପ୍ରାଧିକରଣ ପତ୍ର (ଏଲଓଏ) ପ୍ରଦାନ କରିଛନ୍ତି। ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ଉପ-ରାଷ୍ଟ୍ରପତି କହିଛନ୍ତି ଯେ ଏହି ପଦକ୍ଷେପ ସହିତ ଭାରତର ସାମୁଦ୍ରିକ ଯାତ୍ରାରେ ଏକ ନୂତନ ଅଧ୍ୟାୟର ଆରମ୍ଭ ହୋଇଛି। ଏହା ଭାରତୀୟ ମତ୍ସ୍ୟଜୀବୀମାନଙ୍କୁ ଦେଶର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର (ଇଇଜେଡ୍) ଏବଂ ଗଭୀର ସମୁଦ୍ରର ବିଶାଳ ସମ୍ଭାବନାକୁ ସ୍ଥାୟୀ ଭାବରେ ଉପଯୋଗ କରିବାରେ ସକ୍ଷମ କରିବ। ଏହି ଅବସରରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ବିଶ୍ୱସ୍ତରୀୟ ସୁଯୋଗ ଦ୍ୱାରା ପରିଚାଳିତ ଏକ ଆଧୁନିକ ବୃତ୍ତି ଭାବରେ ମତ୍ସ୍ୟଚାଷକୁ ଦେଖିବା ପାଇଁ ଉପରାଷ୍ଟ୍ରପତି ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି ଉଦ୍‌ବୋଧନ ଦେଇ ଭାରତର ବ୍ୟାପକ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ଏବଂ ଅପାର ସାମୁଦ୍ରିକ ସମ୍ପଦ ଉପରେ ଆଲୋକପାତ କରିଥିଲେ। ଏହି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ମାଛ ଧରିବାକୁ ପ୍ରୋତ୍ସାହିତ କରିବା ସହ ମତ୍ସ୍ୟଜୀବୀ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବ ଏବଂ ଯୁବପିଢ଼ି ପାଇଁ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଥିଲେ।

ସମାରୋହରେ ଓଡ଼ିଶାର ଦୀର୍ଘକାଳୀନ ବ୍ଲୁ-ଇକୋନୋମି ରୋଡ୍‌ମ୍ୟାପ୍ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଓଡ଼ିଶା ଭିଜନ-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ସହ ସମନ୍ୱିତ କରି ଆମେ 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ ଡକୁମେଣ୍ଟ' ର ଶୁଭାରମ୍ଭ କରିଛୁ, ଯାହା ରାଜ୍ୟର ୫୭୫ କିଲୋମିଟର ଦୀର୍ଘ ଉପକୂଳର ସର୍ବୋତ୍ତମ ଉପଯୋଗ କରିବ। ନୌ-ବାଣିଜ୍ୟ କ୍ଷେତ୍ରରେ ଓଡ଼ିଶାର ହଜାର ହଜାର ବର୍ଷର ଗୌରବଶାଳୀ ଇତିହାସ ରହିଛି ଏବଂ ଆଜିର ଏହି ପଦକ୍ଷେପ ସେହି ପରମ୍ପରାକୁ ଆଗକୁ ବଢ଼ାଇବା ସହ ଓଡ଼ିଶାକୁ ପୂର୍ବ ଭାରତର ପ୍ରମୁଖ ମେରାଇନ୍ ହବ୍ ଭାବେ ସ୍ଥାପିତ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ଭାରତର ନୀଳ ଅର୍ଥ ବ୍ୟବସ୍ଥା ଲାଗି ଅପାର ସମ୍ଭାବନା ରହିଛି । ମତ୍ସ୍ୟ ଉତ୍ପାଦନ କ୍ଷେତ୍ରକୁ ସୁଦୃଢ଼ କରିବା ଲାଗି ଭାରତ ସରକାର ଗ୍ରହଣ କରିଥିବା ଯୁଗାନ୍ତକାରୀ ପଦକ୍ଷେପକୁ ସେ ଉଚ୍ଚପ୍ରଶଂସା କରିଥିଲେ। କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ କହିଥିଲେ ଯେ ଏହା ଏକ ସ୍ୱଚ୍ଛ ଏବଂ ସମ୍ପୂର୍ଣ୍ଣ ଅନ୍‌ଲାଇନ୍ ସିଷ୍ଟମ ମାଧ୍ୟମରେ ଗଭୀର ସମୁଦ୍ର ମତ୍ସ୍ୟ ସମ୍ପଦର ବିଶାଳ ଅବ୍ୟବହୃତ ସମ୍ଭାବନାକୁ ଉନ୍ମୁକ୍ତ କରିବ। କାର୍ଯ୍ୟକ୍ରମରେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବାଘେଲ, ଓଡ଼ିଶାର ମତ୍ସ୍ୟ ଏବଂ ଏମଏସଏମଇ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ବିଭିନ୍ନ ମତ୍ସ୍ୟ ପ୍ରତିଷ୍ଠାନ, ମତ୍ସ୍ୟଜୀବୀ ସଂଗଠନର ପ୍ରତିନିଧି ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ଉପସ୍ଥିତ ଥିଲେ।

## ତାମିଲନାଡୁ ଗ୍ୟାସଲିକ୍ ଦୁର୍ଘଟଣା

# ମୃତକଙ୍କ ପରିବାରକୁ ଭେଟିଲେ ରାଜ୍ୟ ବିଜେଡି ପ୍ରତିନିଧିମଣ୍ଡଳୀ

ତେଲକୋଇ, ୯।୭(ସମିସ): ତାମିଲନାଡୁ ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ୧୫ ଜଣ ନିରୀହ ଆଦିବାସୀ ସମ୍ପ୍ରଦାୟର ଶ୍ରମିକଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ରାଜ୍ୟ ବିଜେଡିର ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ତେଲକୋଇ ବ୍ଲକ୍ ଉକ୍ତ ଜୁଆଙ୍ଗ ସମ୍ପ୍ରଦାୟର ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହିତ ବିଭିନ୍ନ ଦିଗକୁ ନେଇ ମୃତକଙ୍କ ପରିବାର ସହିତ



ଆଲୋଚନା କରିଛନ୍ତି। କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିଥିବା ଏହି ଟିମ୍ ବାଂଶପାଳ, ତେଲକୋଇ ଓ ହରିଚନ୍ଦନପୁର ବ୍ଲକ ଅଞ୍ଚଳର ପୀଡ଼ିତଙ୍କ ପାଖରେ ପହଞ୍ଚିଥିଲେ। ପ୍ରତ୍ୟେକ ପରିବାର ତଥା ମୃତକଙ୍କ ନିକଟତମ ଆତ୍ମୀୟଙ୍କୁ ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ ଏହି ପ୍ରତିନିଧିମଣ୍ଡଳୀ। ରାଜ୍ୟ ବିଜେଡି ସୁପ୍ରିମୋ ତଥା ବିଧାନସଭାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ମାର୍ଗଦର୍ଶନରେ ଏହି ଟିମ୍ ଦାଦନ ଶ୍ରମିକଙ୍କ ମୃତ୍ୟୁକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି।

ଏହି ସମ୍ବେଦନଶୀଳ ଘଟଣାକୁ ନେଇ ବିଜେଡି ପ୍ରତିନିଧି ଦଳ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହିତ ରତ୍ନଗର୍ଭା କେନ୍ଦୁଝର ଜିଲ୍ଲାରେ ଦାଦନ ମୃତ୍ୟୁ ଘଟଣା ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏହି ଘଟଣାକୁ ନିନ୍ଦା କରିଛନ୍ତି ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା। ଏଥିପାଇଁ ବର୍ତ୍ତମାନର ସରକାରୀ ବ୍ୟବସ୍ଥାକୁ ଭର୍ତ୍ସନା କରିଥିଲେ। ଅଧିକାଂଶ ମୃତକ ନାବାଳିକା ହୋଇଥିବା ବେଳେ କେଉଁ ପରିସ୍ଥିତିରେ ନାବାଳିକାମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିଲେ, ଆଉ ଶବ ହୋଇ ଫେରିଲେ ସେସବୁର ବିସ୍ତୃତ ତଥ୍ୟ ପ୍ରତିନିଧିମଣ୍ଡଳୀ ସଂଗ୍ରହ କରିଛନ୍ତି। ଯେଉଁ ଗୁରୁତରମାନେ ସେଠାରେ ରହି ଚିକିତ୍ସିତ ହେଉଛନ୍ତି ତାଙ୍କର ଉପଯୁକ୍ତ ଚିକିତ୍ସା ହେଉଛି ନା ନାହିଁ ଏବଂ ଆଉ କେଉଁ ମୃତକଙ୍କ ମରଶରୀର ଘରେ ପହଞ୍ଚିନାହିଁ ସରକାର ଓ ପ୍ରଶାସନ ଏହାର ସୁବ୍ୟବସ୍ଥା କରିବା ଆବଶ୍ୟକ ବୋଲି ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା ଦାବି ରଖିଛନ୍ତି। ଏହି ଦୁର୍ଘଟଣା କେବଳ

- ରତ୍ନଗର୍ଭ କେନ୍ଦୁଝର ଜିଲ୍ଲାରେ ଦାଦନ ମୃତ୍ୟୁ ନିନ୍ଦନୀୟ: ସଞ୍ଜୟ ଦାସବର୍ମା
- ପାଠପଢ଼ା ବୟସରେ ନାବାଳିକା ଦାଦନ ଯାଇ ଶବ ହୋଇ ଫେରିବା କ୍ଷୋଭର ବିଷୟ

ଜିଲ୍ଲା କିମ୍ବା ରାଜ୍ୟରେ ନୁହେଁ ଏହା ସାରା ଦେଶରେ ଚହଳ ସୃଷ୍ଟି କରିଛି। ପାଠ ପଢିବା ସମୟରେ ଦାଦନ ଖଟିଯିବା ଏବଂ ଶବ ହୋଇ ଫେରିବା ଦୁଃଖଦାୟକ ଘଟଣା ବୋଲି ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର କହିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା, ପୂର୍ବତନ ମନ୍ତ୍ରୀ ତଥା ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସୋର ବିଧାୟକ ମାଧବ ଧଡା, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ, ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା ପରିଷଦ ସଦସ୍ୟ କେଦାରଚନ୍ଦ୍ର ପ୍ରଧାନ, ତେଲକୋଇ ବ୍ଲକ ଅଧକ୍ଷ ବିକ୍ରମ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହାସହିତ ତେଲକୋଇ ବିଜୁ ଜନତା ଦଳର ଶତାଧିକ ସକ୍ରିୟ କର୍ମୀ ଯୋଗ ଦେଇଥିଲେ।

## ଅଣସରରେ ଚାଲିଛି ଶ୍ରୀଜୀଉଙ୍କ ଗୁପ୍ତ ସେବା

# ଆଜି ଚକାକୁ ବିଜେ ହେବେ ମହାପ୍ରଭୁ

ପୁରୀ,୯।୭(ସମିସ): ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ଅତ୍ୟଧିକ ସ୍ନାନ ଯୋଗୁଁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା। ଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ଏହି ଗୁପ୍ତ ସେବାରେ ଗତ ଚାରିଦିନ ହେବ ଓଷୁଅ ଲାଗି କରାଯାଉଥିଲା। ଗୁରୁବାର ଓଷୁଅ ଲାଗି ଶେଷ ହୋଇଥିବାବେଳେ ଶୁକ୍ରବାର ଅଣସର ଘରେ ଦାରୁଦିଅଁଙ୍କ ଚକାବିଜେ ନୀତି ସମ୍ପନ୍ନ ହେବ। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିବେ। ସେହିପରି ଶୁକ୍ରବାର ଶ୍ରୀମନ୍ଦିରକୁ ଦଶମୂଳ ମୋଦକ ବିଜେ ହେବ। ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ମୋଦକ ପ୍ରସ୍ତୁତ କରି ଯୋଗାଇଦେବେ। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ମୋଦକ ଲାଗି ହେଲେ ସୁସ୍ଥ ହୋଇଥା'ନ୍ତି।

## ଶିକ୍ଷାମନ୍ତ୍ରୀଙ୍କୁ ଜବାବ ମାଗିଲା କଂଗ୍ରେସ

# 'ନିମ୍ବୁଡ଼ା ନିମ୍ବୁଡ଼ା' କେଉଁ ଓଡ଼ିଆ ଅସ୍ମିତା

ଭୁବନେଶ୍ୱର,୯।୭(ସମିସ): ଓଡ଼ିଶା ସରକାରଙ୍କ ପ୍ରଚଳିତ ପ୍ରଥମରୁ ଅଷ୍ଟମ ପିଲାଙ୍କ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଏବଂ ଏହାକୁ ନେଇ ଶିକ୍ଷାମନ୍ତ୍ରୀଙ୍କ ଯୁକ୍ତିକୁ ନେଇ ବର୍ଷିଛି କଂଗ୍ରେସ। ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଜାତୀୟ ମୁଖପାତ୍ର ଡଃ ହମିଦ ହୁସେନ କହିଥିଲେ ଯେ, ଏହା କେବଳ ଛାପା ଭୁଲ ନୁହେଁ; ଏହା ଓଡ଼ିଶାର ଲକ୍ଷ



- ସରକାର ମୁହଁରେ ଗୁଣାତ୍ମକ ଶିକ୍ଷା ଓଡ଼ିଆଙ୍କୁ ଉପହାସ
- ସରକାର ରାସ୍ତା ଓ ବହି ଛାପା ଟେଣ୍ଡର ପାର୍ଥକ୍ୟ ବୁଝନ୍ତୁ

ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ହୋଇଥିବା ଗୁରୁତର ଅବହେଳା। ଗୋଟିଏ କିମ୍ବା ଦୁଇଟି ଭୁଲକୁ ମାନବୀୟ ତ୍ରୁଟି କୁହାଯାଇପାରେ; କିନ୍ତୁ ହଜାର ହଜାର ତ୍ରୁଟି କେବଳ ଛାପା ଭୁଲ ନୁହେଁ,ଏହା ସମ୍ପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥାର ବିଫଳତା। ଯେଉଁ ସରକାର ପିଲାଙ୍କୁ ନିର୍ଭୁଲ ପାଠ୍ୟପୁସ୍ତକ ଦେଇପାରୁନାହିଁ, ସେ ଗୁଣାତ୍ମକ ଶିକ୍ଷାର କଥା କହିବାର ନୈତିକ ଅଧିକାର ହରାଇଛନ୍ତି। ବହି ଛପା ପୂର୍ବରୁ ଅନ୍ତିମ ଅନୁମୋଦନ କିଏ ଦେଇଥିଲେ? ବିଷୟ ବିଶେଷଜ୍ଞଙ୍କ ଯାଞ୍ଚ କାହିଁକି ହୋଇନଥିଲା? ଗୁଣବତ୍ତା ପରିବର୍ତ୍ତେ ଟେଣ୍ଡରକୁ କାହିଁକି ପ୍ରାଧାନ୍ୟ ଦିଆଗଲା? କୋଟି କୋଟି ଟଙ୍କାର କ୍ଷତି ପାଇଁ ଦାୟୀ କିଏ? ଯଦି ଛାତ୍ରଛାତ୍ରୀମାନେ ଏହି ଭୁଲ ପାଠ୍ୟପୁସ୍ତକ ପଢ଼ି ପରୀକ୍ଷାରେ କ୍ଷତିଗ୍ରସ୍ତ ହୁଅନ୍ତି, ତେବେ ଏହି ଦାୟିତ୍ୱ କିଏ ନେବ ବୋଲି ସେ ପ୍ରଶ୍ନ କରିଛନ୍ତି।

ପିସିସି ମୁଖପାତ୍ର ଡଃ ମନିସା ଦାସ ପଟ୍ଟନାୟକ ଶିକ୍ଷାମନ୍ତ୍ରୀଙ୍କ "ନିମ୍ବୁଡ଼ା' ଗୀତ ସମ୍ପର୍କିତ ମନ୍ତବ୍ୟକୁ କଡ଼ା ସମାଲୋଚନା କରି କହିଥିଲେ ଯେ, ଓଡ଼ିଆ ଅସ୍ମିତାର ନାରା ଦେଉଥିବା ସରକାର ଆଜି ଓଡ଼ିଶାର ପିଲାଙ୍କ ପାଠ୍ୟପୁସ୍ତକରେ ରାଜସ୍ଥାନୀ ଗୀତକୁ ଯୁକ୍ତିସଙ୍ଗତ ବୋଲି ଦର୍ଶାଇ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଅବମାନନା କରୁଛନ୍ତି। ଯଦି ସେହି ଗୀତ ରାଜସ୍ଥାନର ସଂସ୍କୃତିର ଅଂଶ, ତେବେ ରାଜସ୍ଥାନର ପାଠ୍ୟପୁସ୍ତକରେ ରହୁ; ଓଡ଼ିଶାର ପିଲାଙ୍କ ଉପରେ ତାହା କାହିଁକି ଲଦାଯାଉଛି? କେଜିରୁ ପିଜି ମାଗଣା ଶିକ୍ଷାର ପ୍ରଚାର କରିବା ସହଜ, କିନ୍ତୁ ଭୁଲରେ ଭର୍ତ୍ତି ପାଠ୍ୟପୁସ୍ତକ ବଣ୍ଟନ କରିବା ଶିକ୍ଷା ପ୍ରତି ଘୋର ଅବହେଳା। ଭୋକିଲା ଲୋକଙ୍କୁ ବାସୀ ଖାଦ୍ୟ ଦେଇ ପୁଣ୍ୟ ଆଶା କରିବା ଯାହା, ପିଲାଙ୍କୁ ଭୁଲ ଶିକ୍ଷା ଦେଇ ମାଗଣା ଶିକ୍ଷାର ପ୍ରଚାର କରିବା ମଧ୍ୟ ସେହିଭଳି। ଏହି ସରକାର ରାସ୍ତା ନିର୍ମାଣର ଟେଣ୍ଡର ଓ ପାଠ୍ୟପୁସ୍ତକ ଛପାର ଟେଣ୍ଡର ମଧ୍ୟରେ ପାର୍ଥକ୍ୟ ବୁଝିପାରୁନାହାନ୍ତି। ଶିକ୍ଷା କୌଣସି ସାଧାରଣ ଠିକା କାମ ନୁହେଁ; ଏହା ଏକ ପିଢ଼ିର ଭବିଷ୍ୟତ ଗଢ଼ିବାର ଦାୟିତ୍ୱ। ଯେଉଁ ସରକାର "ବିକଶିତ ଓଡ଼ିଶା, ସମୃଦ୍ଧ ଓଡ଼ିଶା"ର ସ୍ଲୋଗାନ ଦେଉଛନ୍ତି, ସେମାନେ ପ୍ରଥମେ ପିଲାଙ୍କୁ ନିର୍ଭୁଲ ପାଠ୍ୟପୁସ୍ତକ ଦେବାକୁ ସକ୍ଷମ ହୁଅନ୍ତୁ ବୋଲି ସେ କହିଛନ୍ତି।




# ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏମ୍‌ସିଏଲ୍‌କୁ 'ଷ୍ଟାର୍ ରେଟିଂ' ସମ୍ମାନ

**ସମ୍ବଲପୁର, ୯।୭ (ସମିସ)**

କେନ୍ଦ୍ର କୋଇଲା ମନ୍ତ୍ରଣାଳୟର 'ଷ୍ଟାର୍ ରେଟିଂ ଆୱାର୍ଡ୍ସ'ରେ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଏକ ବଡ଼ ସଫଳତା ହାସଲ କରିଛି। ଆର୍ଥିକବର୍ଷ ୨୦୨୪-୨୫ ପାଇଁ କମ୍ପାନୀର ମୋଟ ୧୪ଟି କୋଇଲା ଖଣିକୁ ସମ୍ମାନଜନକ 'ଷ୍ଟାର୍ ରେଟିଂ' ପ୍ରଦାନ କରାଯାଇଛି। ଏଥିମଧ୍ୟରେ ୨ଟି ଭୂତଳ ଖଣି ଏବଂ ୧୨ଟି ଓପନ୍‌କାଷ୍ଟ ଖଣି ପ୍ରକଳ୍ପ ସାମିଲ ଅଛି। ଏହି ସଫଳତା ଏମସିଏଲ୍‌ର କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା, ପରିବେଶ ସନ୍ତୁଳନ ଏବଂ ଦାୟିତ୍ୱବାନ ଖନନ ପ୍ରକ୍ରିୟାକୁ ଦର୍ଶାଉଛି। ଏମସିଏଲ୍‌ର ୫ଟି ଓପନ୍‌କାଷ୍ଟ ଖଣି - ଲାଜକୁରା ଓସିପି, ସିଆରମାଲ୍ ଓସିପି, ଅନନ୍ତ ଓସିପି, ଲିଙ୍ଗରାଜ ଓସିପି ଏବଂ ସମଲେଶ୍ୱରୀ ଓସିପି ସହିତ ହୀରାଖଣ୍ଡ ବୁନ୍ଦିଆ ଭୂତଳ ଖଣିକୁ ପ୍ରତିଷ୍ଠିତ ୫-ଷ୍ଟାର୍ ରେଟିଂ ମିଳିଛି। ସେହିଭଳି ଅନ୍ୟ ୫ଟି ଓପନ୍‌କାଷ୍ଟ ଖଣି ପ୍ରକଳ୍ପ - ଗର୍ଜନବାହାଲ ଓସିପି, ଗୋପାଳଜୀ-କଣିହା ସମ୍ପ୍ରସାରଣ ଓସିପି, ଭୁବନେଶ୍ୱରୀ ଓସିପି, ହିଙ୍ଗୁଳା ଓସିପି ଓ ଜଗନ୍ନାଥ କୋଲିୟାରୀ ଏବଂ ନନ୍ଦିରା ଭୂତଳ ଖଣିକୁ ୪-ଷ୍ଟାର୍ ରେଟିଂ ପ୍ରଦାନ କରାଯାଇଛି। ଏତଦ୍‌ବ୍ୟତୀତ ୨ଟି ଓପନକାଷ୍ଟ ଖଣି ପ୍ରକଳ୍ପ- ବସୁନ୍ଧରା ୱେଷ୍ଟ ଓସିପି ଏବଂ ଭରତପୁର ଖଣି ଅଞ୍ଚଳକୁ ୩-ଷ୍ଟାର୍ ରେଟିଂ ମିଳିଛି। ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଗତ ଜୁଲାଇ ୭ ତାରିଖରେ ପ୍ରକାଶିତ କାର୍ଯ୍ୟାଳୟ ସ୍ମାରକପତ୍ର ଅନୁଯାୟୀ ଏହି ସୂଚନା ଦିଆଯାଇଛି। ଏହି ଗୌରବମୟ ସଫଳତା ପାଇଁ ଟିମ୍ ଏମସିଏଲ୍‌କୁ ଅଭିନନ୍ଦନ ଜଣାଇ କମ୍ପାନୀର ଅଧ୍ୟକ୍ଷ ତଥା ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ କହିଛନ୍ତି, ଏହି ମାନ୍ୟତା ଦେଶକୁ ନିରନ୍ତର ଶକ୍ତି ଯୋଗାଣ ସହ ସୁରକ୍ଷିତ, ସ୍ଥାୟୀ ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ ଖନନ ପଦ୍ଧତି ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଆଗାମୀ ଦିନରେ ମଧ୍ୟ ଏମସିଏଲ୍ କାର୍ଯ୍ୟକ୍ଷମ ପ୍ରଦର୍ଶନ, ପରିବେଶ ସୁରକ୍ଷା ଏବଂ ଜନକଲ୍ୟାଣ କ୍ଷେତ୍ରରେ ନିଜର ଶ୍ରେଷ୍ଠତା ବଜାୟ ରଖିବ। ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ଦ୍ୱାରା ଖଣିଗୁଡ଼ିକର ସାମଗ୍ରିକ ବିକାଶ ଏବଂ ସଫଳତାକୁ ଆଧାର କରି ୧ ରୁ ୫ ସ୍କେଲ୍ ମଧ୍ୟରେ ଏହି 'ଷ୍ଟାର୍ ରେଟିଂ' ପ୍ରଦାନ କରାଯାଏ। ଏହି ରେଟିଂ କାର୍ଯ୍ୟକ୍ଷମ ଦକ୍ଷତା, ସୁରକ୍ଷା ମାନଦଣ୍ଡ, ପରିବେଶ ସ୍ଥାୟୀତ୍ୱ, ଆଧୁନିକ ଜ୍ଞାନକୌଶଳର ବ୍ୟବହାର, ଥଇଥାନ ଓ ପୁନର୍ବାସ (ଆର୍‌ଏଣ୍ଡଆର୍), ଶ୍ରମିକ ସମ୍ବନ୍ଧୀୟ ନିୟମ ପାଳନ ଏବଂ ଆର୍ଥିକ ପ୍ରଦର୍ଶନ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଦିଆଯାଇଥାଏ।

■ ଜେଜେବାପାଙ୍କୁ ମାଡ଼ ମାରିଥିବା ନାତି ଦୋଷୀ ସାବ୍ୟସ୍ତ

# ଚେତାବନୀ ଦେଇ ଛାଡ଼ିଲେ ଅଦାଲତ

**ସମ୍ବଲପୁର, ୯।୭ (ସମିସ) :** ସମ୍ବଲପୁର ଜିଲ୍ଲା କତରବଗା ଥାନା ଅଧୀନ କିରାବନ୍ଧ ଗ୍ରାମରେ ଘଟିଥିବା ଏକ ପାରିବାରିକ ଗଣ୍ଡଗୋଳ ମାମଲାରେ ସମ୍ବଲପୁରର ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବ୍ରଜେଶ ମିଶ୍ର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଅଦାଲତରେ ଜେଜେବାପାଙ୍କୁ ମାଡ଼ ମାରିବା ଅଭିଯୋଗର ଶୁଣାଣି କରି ନାତି ଅକ୍ଷୟ ସାଲିମାଙ୍କୁ ଆଇପିସିର ଧାରା ୩୨୩ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ, ଅଭିଯୁକ୍ତଙ୍କ ପୂର୍ବରୁ କୌଣସି ଅପରାଧିକ ରେକର୍ଡ ନଥିବାରୁ ଏବଂ ଏହା ଏକ ପାରିବାରିକ ବିବାଦ ହୋଇଥିବାରୁ, କୋର୍ଟ ସଂଶୋଧନବାଦୀ ଆଭିମୁଖ୍ୟ ଗ୍ରହଣ କରି 'ପ୍ରୋବେସନ୍ ଅଫ୍ ଅଫେଣ୍ଡର୍ସ ଆକ୍ଟ, ୧୯୫୮' ର ଧାରା ୩ ଅଧୀନରେ ତାଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିଚାରପତି ନାତି ଅକ୍ଷୟଙ୍କ ବିରୋଧରେ ଭବିଷ୍ୟତରେ ଏଭଳି ଅଭିଯୋଗ ଆସିଲେ ଜେଲଦଣ୍ଡ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଘଟଣାର ବିବରଣୀରୁ ପ୍ରକାଶ ଯେ, ଗତ ୨୦୨୦ ମସିହା ସେପ୍ଟେମ୍ବର ୨୭ ତାରିଖ ରାତି ପ୍ରାୟ ୯ଟା ସମୟରେ ଅଭିଯୁକ୍ତ ଅକ୍ଷୟ ସାଲିମା ମଦ୍ୟପାନ କରି ଜଣେ ଗ୍ରାମବାସୀଙ୍କ ବାରଣ୍ଡାରେ ଶୋଇଥିବା ନିଜ ଜେଜେବାପାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଚାପୁଡ଼ା ଓ ଗୋଇଠା ମାରି ରକ୍ତାକ୍ତ କରିଥିଲେ। ଏପରିକି ଜେଜେବାପାଙ୍କୁ ଉଦ୍ଧାର କରିବାକୁ ଆସିଥିବା ତାଙ୍କ ଝିଅଙ୍କୁ ମଧ୍ୟ ଅଭିଯୁକ୍ତ ଟଣାଓଟରା କରିଥିବା ନେଇ କତରବଗା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ବିଚାର ସମୟରେ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶେଷରେ ସମସ୍ତ ପାରିପାର୍ଶ୍ୱିକ ସ୍ଥିତି ଓ ସାକ୍ଷ୍ୟକୁ ଭିତ୍ତି କରି ଅଦାଲତ ଏହି ସନ୍ତୁଳିତ ରାୟ ଶୁଣାଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଏପିପି ଟିକେଶ୍ୱର ପ୍ରଧାନ, ଏପିପି ଶୁଭମ ଅଗ୍ରୱାଲ ଏବଂ ଏପିପି ମହେଶ ମୁନ୍‌ସି ମାମଲା ପରିଚାଳନା କରୁଥିଲେ।

## ବସ୍ ତଳେ ଚାପି ହୋଇଗଲେ ଯୁବକ

**ସମ୍ବଲପୁର, ୯।୭(ସମିସ):** ରେଙ୍ଗାଲି ଥାନା ଅଞ୍ଚଳରେ ଦୁର୍ଘଟଣା। ଏକ ଯାତ୍ରୀବାହୀ ବସ୍ ତଳେ ଜଣେ ଯୁବକ ଚାପି ହୋଇଯାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଭିମସାର ପଠାଯାଇଛି। ବସ୍‌ଟି ଆସୁଥିବା ବେଳେ ଯୁବକ ଜଣକ ବିପରୀତ ଦିଗରୁ ଯାଉଥିଲେ। ଯାହା ଫଳରେ ବସ୍ ସହ ଦୁର୍ଘଟଣା ଘଟିଥିଲା। ଖବର ଲେଖିବା ପର୍ଯ୍ୟନ୍ତ ଯୁବକ ଜଣକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

## ପୋଖରୀରେ ବୁଡ଼ି ଦୁଇ ନାବାଳକ ମୃତ

**ରେଢ଼ାଖୋଲ, ୯।୭(ସମିସ):** ସ୍କୁଲରୁ ଫେରି ଦୁଇ ନାବଳକ ଘର ନିକଟରେ ଥିବା ଏକ ପୋଖରୀରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ଚାରମାଳ ଥାନା ଅଧୀନ ବଂଶାଜାଲ ପଞ୍ଚାୟତ ବଡହିଣ୍ଡୋଳ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ନାବାଳକମାନେ ହେଲେ ବଡ଼ହିଣ୍ଡୋଳ ଗ୍ରାମର ବାସିନ୍ଦା ଅଧି ମୁଣ୍ଡା ଓ ଶ୍ରୀକାନ୍ତ ମୁଣ୍ଡାଙ୍କ ପୁତ୍ର ପ୍ରଥମ ଶ୍ରେଣୀର ଛାତ୍ର ସିଦ୍ଧାନ୍ତ ମୁଣ୍ଡା ଓ ଦ୍ୱିତୀୟ ଶ୍ରେଣୀର ଛାତ୍ର କୁମାର ମୁଣ୍ଡା।

ସୂଚନା ଯୋଗ୍ୟ ଯେ ନିତିଦିନ ଭଳି ସକାଳୁ ଉଠି ବଡ଼ହିଣ୍ଡୋଳ ବିଦ୍ୟାଳୟକୁ ଉକ୍ତ ଉଭୟ ପଢ଼ିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଉଭୟ ପରିବାରର ବାପାମାନେ ଦିନ ମଜୁରିଆ ଶ୍ରେଣୀର ହୋଇ ଥିବାରୁ ସବୁଦିନେ ସେମାନେ ସକାଳୁ କାମକୁ ବାହାରି ଯାଇ ସନ୍ଧ୍ୟା ରେ ଘରକୁ ଫେରନ୍ତି। ବୁଧବାର ସନ୍ଧ୍ୟାରେ ଘରକୁ ଆସିଲା ପରେ ପୁଅକୁ ଘରେ ନ ପାଇ ଚାରିଆଡ଼େ ଖୋଜାଖୋଜି ଆରମ୍ଭ କରିଥିଲେ। ଗୁରୁବାର ସକାଳେ ନିକଟରେ ଥିବା ଏକ ପୋଖରୀରେ ଦୁଇ ନାବାଳକଙ୍କୁ ସନ୍ଧାନ ପାଇ ଉଦ୍ଧାର କରି ଆମ୍ବୁଲାନ୍ସ ସେବା ଯୋଗେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଉଭୟ ନାବାଳକ ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରୁଥିବା ବେଳେ ଗାଁ ରେ ଦୁଇ ସ୍କୁଲ ଛାତ୍ର ମୃତ୍ୟୁକୁ ନେଇ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।

## ଉପମୁଖ୍ୟମନ୍ତ୍ରୀଙ୍କୁ ସିଡବ୍ଲ୍ୟୁସିର ସ୍ୱାଗତ ସମ୍ବର୍ଦ୍ଧନା

**ସମ୍ବଲପୁର, ୯।୭(ସମିସ):** ଜିଲ୍ଲାପାଳଙ୍କ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସିଡବ୍ଲୁସିର ନବ ମନୋନୀତ ସଦସ୍ୟ ସଦସ୍ୟା ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ, ଅବହେଳିତ ଓ ଶିକ୍ଷା ସୁରକ୍ଷା ଯତ୍ନ ଆବଶ୍ୟକ କରୁଥିବା ଶିଶୁମାନଙ୍କ ପ୍ରତି ସ୍ୱତନ୍ତ୍ରଧ୍ୟାନ ଦେବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସୂଚନା ଯୋଗ୍ୟଯେ ଗତ ମାର୍ଚ୍ଚ ମାସ ୧୨ ତାରିଖ ଦିନ କବିତା ପଣ୍ଡା (ଅଧ୍ୟକ୍ଷା) ଜ୍ୟୋତି ଶତପଥୀ, ଗାର୍ଗୀ ପଣ୍ଡା, ଡା. ରାଜାରାମ ଷଡ଼ଙ୍ଗୀ ଓ ଦିଲ୍ଲୀପ ମୁଖି ଶିଶୁ ମଙ୍ଗଳ ସମିତିର ନୂତନ ସଦସ୍ୟା ସଦସ୍ୟ ଭାବେ ନୂତନ କାର୍ଯ୍ୟଭାର ଗ୍ରହଣ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଚାଷୀ ନେତା ଦେବେନ୍ଦ୍ର ପଧାନଙ୍କ ପରଲୋକ

**ସମ୍ବଲପୁର, ୯।୭(ସମିସ) :** ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନର ସାଧାରଣ ସମ୍ପାଦକ ତଥା ସମାଜସେବୀ ଦେବେନ୍ଦ୍ର ପଧାନ (୫୦) ଙ୍କ ଆଜି ସୋନପୁର ଜିଲ୍ଲା ବିନିକାଠାରେ ଏକ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ସେ ଜଣେ ପ୍ରମୁଖ ଚାଷୀ ହେବାସହ ଚାଷୀମାନଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଥିଲେ। ଚାଷୀର ଅଧିକାର ସକାଶେ ସେ ପ୍ରଶାସନ ଓ ସରକାରଙ୍କୁ ବିରୋଧ କରିବାକୁ ପଛଉ ନ ଥିଲେ। ତାଙ୍କ ସକ୍ରିୟତା ଯୋଗୁଁ ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ତାଙ୍କୁ ଦ୍ୱିତୀୟଥର ପାଇଁ ସାଧାରଣ ସମ୍ପାଦକ ନିର୍ବାଚିତ କରାଯାଇଥିଲା। ତାଙ୍କ ବିୟୋଗରେ କେବଳ କୃଷକ ସାଥୀ ନୁହେଁ ସବୁ ବର୍ଗର ଜନସାଧାରଣଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ବିନିକାରେ ଆଜି ତାଙ୍କ ଶବ ବ୍ୟବଚ୍ଛେଦ ହୋଇ ପାରିନାହିଁ। ଖବର ପାଇ ବହୁସଂଖ୍ୟକ କୃଷକ ସଙ୍ଗଠନ କର୍ମକର୍ତ୍ତା ଓ ଅନ୍ୟମାନେ ସମ୍ବଲପୁରରୁ ବିନିକା ଯାଇଥିବା ସୂଚନା ମିଳିଛି। ଦେବେନ୍ଦ୍ରଙ୍କ ପଛରେ ମା', ପତ୍ନୀ, ଦୁଇ ନାବାଳକ ଝିଅ ଓ ପୁଅ ଅଛନ୍ତି।



ମିଳିଥିବା ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲା ଶାସନ ଥାନା ଅଧିନସ୍ଥ ତବଲା ଗ୍ରାମର ଦେବେନ୍ଦ୍ର ପଧାନ (୫୦) ଓ ଡୁମ୍ରେରପାଲି ଗ୍ରାମର ବିପିନ ଭୋଇ (୫୭) କାର୍‌ରେ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଚାରିଭାଟା ପର୍ଯ୍ୟନ୍ତ ଚାଷକାମ ପହ୍ଲାରୁଆ ପାଇଁ ଶ୍ରମିକ ଖୋଜିବା ପାଇଁ ଯାଇଥିଲେ। ଦେବେନ୍ଦ୍ର ସମ୍ପ୍ରତି କୃଷକ ସଙ୍ଗଠନର ସାଧାରଣ ସମ୍ପାଦକ ଥିବାବେଳେ ବିପିନ କୃଷକ ସଙ୍ଗଠନର ପୂର୍ବତନ ଉପସଭାପତି ଥିଲେ। ଫେରିବା ସମୟରେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅଧୀନସ୍ଥ ସୋନପୁର ବିନିକା ଜାତୀୟ ରାଜପଥ ୧୨୬ (ଏ ) ଫୁଲମୁଠି ଜାମଛାପର ମଝିରେ ଥିବା କଡ଼ିଜୋର ପାଖ କଲଭର୍ଟରେ ଭାରସାମ୍ୟ ହରାଇ ତାଙ୍କ ଗାଡ଼ିଟି କଲଭର୍ଟରେ ପିଟି ହୋଇଥିଲା। ଉଭୟ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରୁ ଖବର ପାଇ ଅଗ୍ନିଶମ ବାହିନୀ ଉଦ୍ଧାର କରି ସେମାନଙ୍କୁ ବିନିକା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ଦେବେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ବିନିକା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବାସହ ଶବ ଜବତ କରିଛି। ଆଜି ତାଙ୍କ ଶବ ବ୍ୟବଚ୍ଛେଦ ହୋଇପାରି ନଥିବା ଜଣାପଡ଼ିଛି।

### ଶୋକ ପ୍ରକାଶ କଲେ ରୋହିତ

ସମ୍ବଲପୁର ଜିଲ୍ଲାର ବିଶିଷ୍ଟ ଚାଷୀ ନେତା ଦେବେନ୍ଦ୍ର କୁମାର ପ୍ରଧାନଙ୍କ ଅସମୟରେ ବିୟୋଗ ଖବରପାଇ ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଙ୍ ରୋହିତ ପୂଜାରୀ ଶୋକବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଅଞ୍ଚଳର ଚାଷୀ ଭାଇମାନଙ୍କ ହକ୍ ଲଢେଇ ପାଇଁ ସବୁବେଳେ ସେ ଆଗ ଧାଡ଼ିରେ ରହୁଥିଲେ। ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଉଛି ଏବଂ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

# ଏଚ୍‌ପିଭି ଟିକାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୯।୭ (ସମିସ) :** ଓଡ଼ିଶା ସରକାରଙ୍କ ଦ୍ୱାରା ୧୪ - ୧୫ ବର୍ଷ ବୟସର କିଶୋରୀମାନଙ୍କ ପାଇଁ ମାଗଣା ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍‌ପିଭି) ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ, ଅଭିଭାବକ ମାନଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ବିଭିନ୍ନ ଦ୍ୱନ୍ଦ୍ୱ କାରଣରୁ ଟିକା ଗ୍ରହଣର ହାର ଆଶାନୁରୂପ ହୋଇପାରିନାହିଁ। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ ପବ୍ଲିକ ହେଲ୍‌ଥ ଆସୋସିଏସନ୍ (ଆଇପିଏଚ୍‌ଏ), ଓଡ଼ିଶା ଶାଖା ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ସମ୍ବଲପୁରର ମିଳିତ ସହଯୋଗରେ କଟାପାଲି ଉଚ୍ଚ ବିଦ୍ୟାଳୟ ଏବଂ ବୈଜାମୁଣ୍ଡା ଆଶ୍ରମ ବିଦ୍ୟାଳୟରେ ଅଭିଭାବକମାନଙ୍କ ପାଇଁ ଏଚ୍‌ପିଭି ଟିକାକରଣ ସମ୍ପର୍କିତ ସଚେତନତା ସଭା



ଆୟୋଜିତ ହୋଇଯାଇଛି। ଡାକ୍ତର ଇପ୍‌ସିତା ନାଏକ, ଡା. ରୋହନ ନାୟକ ଏବଂ ଡା. ରଞ୍ଜନ କୁଜୁର, ଜରାୟୁ ମୁଖ କର୍କଟ (ସର୍ଭାଇକାଲ୍ କ୍ୟାନ୍ସର)ର କାରଣ, ଏହାର ପ୍ରତିରୋଧରେ ଏଚ୍‌ପିଭି ଟିକାର ଭୂମିକା, ଟିକାର ସୁରକ୍ଷା, କାର୍ଯ୍ୟକାରିତା ଏବଂ ସରକାରଙ୍କ ମାଗଣା ଟିକାକରଣ ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଉପସ୍ଥିତ ଅଭିଭାବକମାନେ ଟିକାକୁ ନେଇ ରହିଥିବା ସନ୍ଦେହ ଉପସ୍ଥାପନ କରିଥିଲେ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ବୈଜ୍ଞାନିକ ତଥ୍ୟ ଓ ପ୍ରମାଣ ଆଧାରରେ ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ। ଅଧିକାଂଶ ଅଭିଭାବକ ନିଜ ଝିଅମାନଙ୍କୁ ଏଚ୍‌ପିଭି ଟିକା ଦେବାପାଇଁ ସକାରାତ୍ମକ ମନୋଭାବ ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଆଇପିଏଚ୍‌ଏ ଓଡ଼ିଶାର ସାଧାରଣ ସମ୍ପାଦକ ଡା. ସଞ୍ଜୀବ କୁମାର ମିଶ୍ର କହିଥିଲେ ଯେ, ଜରାୟୁ ମୁଖ କର୍କଟ ଏକ ପ୍ରତିରୋଧଯୋଗ୍ୟ କର୍କଟ ରୋଗ ଏବଂ ସମୟୋପଯୋଗୀ ଏଚ୍‌ପିଭି ଟିକାକରଣ ମାଧ୍ୟମରେ ଏହାର ବୋଝକୁ ବହୁ ପରିମାଣରେ କମାଇ ହେଇପାରିବ। ସମସ୍ତ ଅଭିଭାବକଙ୍କୁ ସରକାରଙ୍କ ଏହି ମାଗଣା ସୁବିଧାର ଲାଭ ଉଠାଇ ନିଜ ଝିଅ ମାନଙ୍କୁ ଟିକା ଦେବାକୁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୀଲ ମିଶ୍ର ଏବଂ ଏଏନ୍‌ଏମ୍ ଶୁଭଶ୍ରୀ ପଣ୍ଡା ସଞ୍ଚାଳନ କରିଥିଲେ।

# ମଦ ଦୋକାନ ଉଦ୍‌ଘାଟନ କଲେ ବିଜେପି ନେତା

**ଦେଇଥିବା ପ୍ରତିଶ୍ରୁତି ଭୁଲିଗଲେ: କଂଗ୍ରେସ**

**ସମ୍ବଲପୁର, ୯।୭(ସମିସ):** ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି କ୍ଷମତାକୁ ଆସିଲେ ରାଜ୍ୟକୁ ନିଶାମୁକ୍ତ କରାଯିବ ଏବଂ ମଦ ବନ୍ଦ ହେବବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ସରକାର ଗଠନପରେ ଏବେ ଓଲଟା ଚିତ୍ର ଦେଖିବାକୁ ମିଳୁଛି। ମଦ ଦୋକାନ ପାଇଁ ପୁଣି ଟେଣ୍ଡର ପ୍ରକ୍ରିୟା କରାଯାଇ ଜିଲ୍ଲାପାଳମାନଙ୍କ



ଦ୍ୱାରା ଲଟେରି ଉଠାଣ କରାଗଲାଣି। ଏହି କ୍ରମରେ ମନେଶ୍ୱର ଜାତୀୟ ରାଜପଥ କଡ଼ରେ ନୂତନ ଭାବେ ଖୋଲାଯାଇଥିବା ଏକ ବିଦେଶୀ ମଦ ଦୋକାନକୁ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାୟକ ଉଦ୍‌ଘାଟନ କରିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚର୍ଚ୍ଚାର ବିଷୟ ପାଲଟିଛି। ଏହାକୁ ନେଇ କଂଗ୍ରେସ ପକ୍ଷରୁ ସରକାରଙ୍କୁ କଡ଼ା ସମାଲୋଚନା କରାଯାଇଛି। କଂଗ୍ରେସ ନେତା ତଥା ରାଜ୍ୟ ସମ୍ପାଦକ ଦିଲ୍ଲୀପ ଦୁରିଆ କହିଛନ୍ତି ଯେ, ନିର୍ବାଚନ ସଭାଗୁଡ଼ିକରେ ବିଜେପିର ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ରାଜ୍ୟକୁ ନିଶାମୁକ୍ତ କରିବା ପ୍ରସଙ୍ଗ ଉଠାଇ ମହିଳା ଭୋଟରଙ୍କୁ ଆକର୍ଷିତ କରିଥିଲେ। ନିଶା ଯୋଗୁଁ ଅନେକ ପରିବାର ବରବାଦ ହେଉଥିବା ବେଳେ ସାମାଜିକସ୍ତରରେ ସମ୍ମାନ ହାନି ହେଉଛି। ଲୋକେ ଆଶା କରିଥିଲେ ସରକାର ବଦଳିଲେ ମଦ ବିକ୍ରି ବନ୍ଦ ହେବ, ହେଲେ ଏବେ ମଦ ବିକ୍ରି ଆହୁରି ବୃଦ୍ଧି ପାଉଛି। ବିଜେପି ନେତା ଓ କର୍ମୀମାନେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ମଦ ଦୋକାନରେ ଭାଗୀଦାର ରହୁଛନ୍ତି, ଯାହା ଅତ୍ୟନ୍ତ ନିନ୍ଦନୀୟ। ନିର୍ବାଚନ ପୂର୍ବରୁ ମଦ ବିରୋଧୀ ଆନ୍ଦୋଳନ କରୁଥିବା ବିଜେପି ନେତାମାନେ କ୍ଷମତାକୁ ଆସିବା ପରେ ନିଜ ଘୋଷଣା ଓ ପ୍ରତିଶ୍ରୁତି ସବୁ ଭୁଲି ଯାଇଛନ୍ତି। ସବୁଠାରୁ ହାସ୍ୟାସ୍ପଦ କଥା ହେଉଛି, ଶ୍ରୀ ନାୟକ ଏହି ମଦ ଦୋକାନର ଶୁଭାରମ୍ଭ ଦିନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ହାତରେ ଫିତା କାଟିଥିଲେ। ଚଳିତ ବର୍ଷ ଏହି ଦୋକାନର ମାଲିକାନା ପରିବର୍ତ୍ତନ ହୋଇଥିବା ବେଳେ ଏଥିରେ ବିଜେପିର କିଛି କାର୍ଯ୍ୟକର୍ତ୍ତା ଅଂଶୀଦାର ଥିବା ସେ ଅଭିଯୋଗ କରିଛନ୍ତି। ସେହି କାରଣରୁ ପୂର୍ବତନ ବିଧାୟକ ଶ୍ରୀ ନାୟକ ଏହାର ଉଦ୍‌ଘାଟନୀ ଉତ୍ସବରେ ସାମିଲ ହୋଇଥିବା କୁହାଯାଉଛି। ଏ ନେଇ ଶ୍ରୀ ନାୟକ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ମଦ ଦୋକାନ ଖୋଲିବା ଅବସରରେ ପୂଜା ରହିଥିଲା, ତେଣୁ ସେ ଯୋଗ ଦେଇଥିବା ଶ୍ରୀ ନାୟକ କହିଛନ୍ତି।

# ଅଙ୍ଗନବାଡ଼ି କର୍ମୀ ସଂଘ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ସମ୍ବଲପୁର, ୯।୭ (ସମିସ) :** ପଶ୍ଚିମ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ଗୁରୁବାର ସମ୍ବଲପୁର ସର୍କିଟ୍ ହାଉସଠାରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗର ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ କରି ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ବିଭିନ୍ନ ସମସ୍ୟା, ସେବା ସୁରକ୍ଷା ଏବଂ କଲ୍ୟାଣ ସମ୍ବନ୍ଧୀୟ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ



ମଧ୍ୟରେ, କର୍ମଚାରୀର ମାନ୍ୟତା, ଉପଯୁକ୍ତ ଭତ୍ତା ଓ ଦରମା, ସାମାଜିକ ସୁରକ୍ଷା, ପେନସନ୍, ସ୍ୱାସ୍ଥ୍ୟ ଓ ଦୁର୍ଘଟଣା ବୀମା, ସୁପରଭାଇଜର ପଦବୀକୁ ୧୦୦% ପଦୋନ୍ନତି ମାଧ୍ୟମରେ ପୂରଣ, ସହାୟିକାଙ୍କୁ ପଦୋନ୍ନତି ସୁଯୋଗ, ଅବସରକାଳୀନ ସମସ୍ତ ସୁବିଧା ସମୟରେ ପ୍ରଦାନ, ଦୀର୍ଘ ସେବା ପାଇଁ ପ୍ରୋତ୍ସାହନ ଭତ୍ତା ଏବଂ ଟିଏଚ୍‌ଆର, ଏସ୍‌ଏନ୍‌ପି ଓ ଅଣ୍ଡା ଯୋଗାଣର ଦରକୁ ବର୍ତ୍ତମାନ ବଜାର ଦର ଅନୁଯାୟୀ ସଂଶୋଧନ ଆଦି ରହିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ସମସ୍ତ ଦିଗକୁ ବିଚାର କରାଯିବ ଏବଂ ନ୍ୟାୟସଙ୍ଗତ ଦାବିଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ ପ୍ରକାଶ। ପଶ୍ଚିମ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସଂଘର ଆବାହକ ପ୍ରଶାନ୍ତ ପାଢ଼ୀ, ସାଧାରଣ ସମ୍ପାଦକ ପ୍ରଭାସିନୀ ପାଢ଼ୀ, ଜିଲ୍ଲା ସମ୍ପାଦକ ପ୍ରମିଳା ସିଂହ, ଅନିତା ନାୟକ, ଇନାଖି ପତି, ସଂଘମିତ୍ରା ପଟ୍ଟନାୟକ, ଇତିରାଣୀ ସିଂ, ଜ୍ୟୋତି ମାନକି, ସବିତା ପାଢ଼ୀ, ଜୟନ୍ତୀ ନାୟକ, ସ୍ନେହଲତା ସେଠ, ଯଶୋଦା ସାହୁ, ପଦ୍ମିନୀ ଧୁରୁଆ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।

# ସେବା ପକ୍ଷ ପାଳନ ଅବସରରେ ପଠନ ସାମଗ୍ରୀ ବିତରଣ

**ସମ୍ବଲପୁର, ୯।୭ (ସମିସ) :** ଭାରତ ବିକାଶ ପରିଷଦ, ସମ୍ବଲପୁର ଶାଖାପକ୍ଷରୁ ସେବା ପକ୍ଷ ପାଳନ ଅବସରରେ ସମାଜସେବୀ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ନେତୃତ୍ୱରେ 'ବ୍ଲେସ୍ ଦ ଚିଲ୍ଡ୍ରେନ୍' ଟିମ୍ ଦ୍ୱାରା ପରିଚାଳିତ ହାତୀବାରୀସ୍ଥିତ 'ପ୍ରେରଣା ପାଠଶାଳା'ରେ ପଢୁଥିବା ଆର୍ଥିକ ଦୁର୍ବଳ ପରିବାରର ଛାତ୍ରଛାତ୍ରୀମାନଙ୍କୁ ପଠନ ସାମଗ୍ରୀ ବିତରଣ କରାଯାଇଥିଲା। ଶାଖା ସଭାପତି ହେମନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶାଖା ସଚିବ ସରୋଜ ମିଶ୍ର ଭାରତ ବିକାଶ ପରିଷଦର ପଞ୍ଚସୂତ୍ରସମ୍ପର୍କ, ସଂସ୍କାର, ସହଯୋଗ, ସମର୍ପଣ ଓ ସେବାର ତାତ୍ପର୍ଯ୍ୟ ବ୍ୟାଖ୍ୟା କରିବାସହ ଏକ ସୁସ୍ଥ, ସମର୍ଥ ଓ ସଂସ୍କାରିତ ଭାରତ ଗଠନରେ ବିକାଶ ପରିଷଦର ସହଭାଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ସେବା ପରାୟଣ ମନୋବୃତ୍ତି ଗଢ଼ି ତୋଳିବା ପାଇଁ ଆହ୍ୱାନ ଜଣାଇଥିଲେ। ପରିଷଦର ପର୍ଯ୍ୟାବରଣ ଟୋଳିର ପ୍ରାନ୍ତ ସଂଯୋଜକ ଡ. ନରେନ୍ଦ୍ର ବେହେରା ସ୍ୱଚ୍ଛ ପରିବେଶର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ପିଲାମାନଙ୍କୁ ସଚେତନ



କରିଥିଲେ। କାର୍ଯ୍ୟକ୍ରମରେ ପରିଷଦର ବରିଷ୍ଠ ସଦସ୍ୟ ରାମେଶ୍ୱର ପୁରୋହିତ, ସଂସ୍କାର ଟୋଳିର ସଂଯୋଜକ ଶ୍ୟାମସୁନ୍ଦର ବିଶ୍ୱାଳ, ମହିଳା ସହଭାଗିତା ଟୋଳିର ସଂଯୋଜିକା ତୃପ୍ତି ପୁରୋହିତ, ସେବା ଟୋଳିର ସଂଯୋଜକ ଶେଷଦେବ ପାଣିଗ୍ରାହୀ, ସଦସ୍ୟ ପ୍ରଦ୍ୟୋତ ମିଶ୍ର, ଭୋଳାନାଥ ମେହେର ପ୍ରମୁଖ ଯୋଗ ଦେଇଥିଲେ।

# କୁକୁଡ଼ାପାଲି ପଞ୍ଚାୟତ ଉପନିର୍ବାଚନ; ବିଶ୍ୱାମିତ୍ର ବିଜୟୀ

**ସମ୍ବଲପୁର, ୯।୭(ସମିସ):** ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅଧୀନ କୁକୁଡ଼ାପାଲି ପଞ୍ଚାୟତର ୨ ନମ୍ବର ୱାର୍ଡ ସଭ୍ୟ ଉପନିର୍ବାଚନରେ ବିଜେପି ସମର୍ଥିତ ପ୍ରାର୍ଥୀ ବିଶ୍ୱାମିତ୍ର



ପ୍ରଧାନ ବିଜୟ ହାସଲ କରିଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୩ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ଯୁଯୁମୁରା ବିଡିଓ ରାଜେଶ୍ ଏକ୍କା ଓ ତହସିଲଦାର ପ୍ରଭାସ ଉନସେନାଙ୍କ ତତ୍ତ୍ୱାବଧାନରେ ଏହି ନିର୍ବାଚନ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ ଯେ, କୁକୁଡ଼ାପାଲି ୨ ନମ୍ବର ୱାର୍ଡର ପୂର୍ବତନ ୱାର୍ଡ ସଭ୍ୟ ରାମଚନ୍ଦ୍ରଙ୍କ ନାମରେ ସରକାରୀ ଠିକାଦାର ଲାଇସେନ୍ସ ଥିବା ସହ କିଛି କାର୍ଯ୍ୟକୁ ନେଇ ଅନିୟମିତତାର ଅଭିଯୋଗ ଆସିଥିଲା। ବିବାଦ ଘେରକୁ ଆସିବା ପରେ ତାଙ୍କୁ ପଦରୁ ବହିଷ୍କୃତ କରାଯାଇଥିଲା। ଫଳରେ ଏହି ଆସନଟି ଖାଲି ପଡ଼ିଥିଲା, ତେଣୁ ଉପନିର୍ବାଚନ ପାଇଁ ମତଦାନ ହୋଇଥିଲା। ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସସ୍ମିତା ଦେହୁରୀ କହିଛନ୍ତି, ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାବେଳେ ଏହି ବିଜୟଦଳ ପାଇଁ ଏକ ବଡ଼ ପ୍ରେରଣା। ଆମନେତା ଦେବେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସଂଗଠନ ଦିନକୁ ଦିନ ସୁଦୃଢ଼ ହେବାରେ ଲାଗିଛି। ତୃଣମୂଳସ୍ତରରେ ବିଜେପି ଏବେ ଆହୁରି ଶକ୍ତିଶାଳୀ ହେଉଛି।

# ବିଭାଗୀୟ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

**ସମ୍ବଲପୁର, ୯।୭ (ସମିସ)**

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆଜି ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ (ଓଏଲଏମ) ଏବଂ ପର୍ଯ୍ୟଟନ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୋଷଣ ହିତାଧିକାରୀଙ୍କ ସ୍ଥିତି, ଶିଶୁଙ୍କ ଉଚ୍ଚତା ଓ ଓଜନ ମାପର ଦକ୍ଷତା, ଅଙ୍ଗନବାଡ଼ି କେନ୍ଦ୍ରର ଗ୍ରେଡିଂ, ଫୋର୍ଟିଫାଏଡ୍ ରାଇସ୍ (ଏଫଆରଏସ) ବଣ୍ଟନ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଆଦ୍ୱିକା କ୍ଲବ୍, ସୁଭଦ୍ରା ହେଲ୍ପଡେସ୍କ, ଓ୍ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ, ମମତା ଯୋଜନା, ଚାଇଲ୍ଡ ହେଲ୍ପଲାଇନ୍, ଶିଶୁ ଯତ୍ନ ଅନୁଷ୍ଠାନ, ଦତ୍ତକ ଗ୍ରହଣ କମିଟି, ଶିଶୁ ଉଦ୍ଧାର କାର୍ଯ୍ୟ, ଦକ୍ଷତା ବିକାଶ, ମିଶନ ବାତ୍ସଲ୍ୟ, କ୍ରେଡେଲ ବେବି ପଏଣ୍ଟ ଏବଂ



ଆଫ୍‌ଟର୍ କେୟାର ହୋମ୍‌ର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଅଧିକାରୀମାନଙ୍କୁ ଯୋଜନାଗୁଡ଼ିକର ଫଳପ୍ରଦ ରୂପାୟନ, ନିୟମିତ ତଦାରଖ ଓ ଜନସାଧାରଣଙ୍କୁ ଉନ୍ନତ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପର୍ଯ୍ୟଟନ ବିଭାଗ ଅଧୀନରେ କର୍ଡୋଲା, ମହାନଦୀ ଆଳତୀ, ଘଣ୍ଟେଶ୍ୱରୀ ମନ୍ଦିର, ଭୀମ ମଣ୍ଡଳୀ ଏବଂ ହୁମାର ବକ୍ର ମନ୍ଦିରର ବିକାଶ କାର୍ଯ୍ୟର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୁଣାତ୍ମକ ଭାବେ ସମ୍ପନ୍ନ କରିବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମିଶନ ଶକ୍ତି ଓ ଓଏଲଏମ୍‌ର ସଂସ୍ଥାଗତ ଭିତ୍ତିଭୂମି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ବିଭିନ୍ନ କାର୍ଯ୍ୟକଳାପ ଏବଂ ଲକ୍ଷପତି ଦିଦି କାର୍ଯ୍ୟକ୍ରମର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଥିଲା। ମହିଳାଙ୍କ ଆର୍ଥିକ ସଶକ୍ତିକରଣ, ଜୀବିକା ବୃଦ୍ଧି ଏବଂ ବିଭାଗୀୟ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ, ମିଶନ ଶକ୍ତିର ଉପସଚିବ ନମ୍ରତା ମୋଦି, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ରଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପଥର ବୋଝେଇ ଟ୍ରକ୍ ଉପରକୁ ୫ ରାଉଣ୍ଡ ଗୁଳି; ବର୍ତ୍ତିଲେ ଡ୍ରାଇଭର

ରାଉରକେଲା, ୯।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ ଲିଟିବେଡା ଜଙ୍ଗଲ ନିକଟରେ ଏକ ପଥର ବୋଝେଇ ଟ୍ରକ ଉପରକୁ ଦୁର୍ବୃତ୍ତମାନେ ଗୁରୁବାର ଭୋର ୩ ରୁ ୪ ଟା ମଧ୍ୟରେ ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି। ଘଟଣାରେ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଥିବାବେଳେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସୂଚନା



ମୁତାବକ କୁତ୍ରା ଥାନା ଅଧୀନ ଖତକୁରବାହାଲରୁ ଏକ ପଥର ବୋଝେଇ ଟ୍ରକ ଯାଉଥିବାବେଳେ ଭୋର ୩ଟା୩୦ ବେଳେ ଲିଟିବେଡା ଛକ ନିକଟର ଏକ ନିଛାଟିଆ ସ୍ଥାନରେ ଦୁଇଟି ବାଇକ୍‌ରେ ଆସିଥିବା ଚାରି ଜଣ ଦୁର୍ବୃତ୍ତ ଟ୍ରକ୍‌କୁ ଅଟକାଇ ୫ ରାଉଣ୍ଡ ଗୁଳି ଚାଳନା କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସୌଭାଗ୍ୟବଶତଃ ଏହି ଗୁଳିମାଡ଼ରେ ଟ୍ରକ୍ ଚାଳକ ବନାରସି ଓରାମ(୨୩) ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ଖବରପାଇ କୁତ୍ରା ଥାନା ଭାରପ୍ରାପ୍ତ ଅଧିକାରୀ ଲୋକେଶ୍ୱର ସାହୁ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ଘଟଣାସ୍ଥଳରୁ ଗୁଳିର ଖୋକା ଜବତ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍‌କୁ ମଧ୍ୟ ଖବର ଦିଆଯାଇଛି। ଘଟଣାପଛରେ କେଉଁ କାରଣ ରହିଛି, ସେନେଇ ପୁଲିସ ତଦନ୍ତ ଚଳାଇଛି।

## ● ବେଆଇନ ବାଲି ଖନନ ବିରୋଧରେ ଚଢ଼ଉ ୧.୦୩ ଲକ୍ଷ ଘନମିଟର ବାଲି ଠାବ



ରାଉରକେଲା, ୯।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ବିରମିତ୍ରପୁର ଉପଖଣ୍ଡରେ ବେଆଇନ ବାଲି ଖନନ ଓ ଅନୁମତି ବିନା ବାଲି ଗଚ୍ଛିତ କରାଯିବା ବିରୋଧରେ ଖଣି ବିଭାଗ ଓ ପୁଲିସର ମିଳିତ ଉଦ୍ୟମରେ ବୁଧବାର ଏକ ବ୍ୟାପକ ଚଢ଼ଉ କରାଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରୁ ସନ୍ଧ୍ୟା ୭ଟା ୩୦ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନରେ ଦଲକି, ସାହଜବାହାଲ ଓ ସାଲଙ୍ଗାବାହାଲ ଗ୍ରାମକୁ ସାମିଲ କରାଯାଇଥିଲା। ଚଢ଼ଉ ସମୟରେ ମୋଟ ୮୧ଟି ବାଲି ଗଚ୍ଛିତ ସ୍ଥାନର ମାପଚୁପ କରାଯାଇଥିବା ବେଳେ ସେଥିରେ ପ୍ରାୟ ୧,୦୩,୩୮୪ ଘନମିଟର ବାଲି ଗଚ୍ଛିତ ରହିଥିବା ଜଣାପଡ଼ିଥିଲା। ଏହି ମିଳିତ ଚଢ଼ଉରେ ଖଣି ବିଭାଗର ୧୭ ଜଣ ଅଧିକାରୀଙ୍କ ସହ ପ୍ରାୟ ୨୫ ଜଣ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ। ବିରମିତ୍ରପୁର ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ରାଏବୋଗା, ହାତିବାରି ଓ ବିରମିତ୍ରପୁର ଥାନାର ପୁଲିସ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଅଭିଯାନ ସମୟରେ ବେଆଇନ ଭାବେ ବାଲି ପରିବହନ କରୁଥିବା ଏକ ଟ୍ରକ୍‌କୁ ମଧ୍ୟ ଜବତ କରାଯାଇଥିଲା। ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ଜରିମାନା ଆଦାୟ ପାଇଁ ଟ୍ରକ୍‌ଟିକୁ ଖଣି ବିଭାଗର ଜିମାରେ ଦିଆଯାଇଛି। ଅଧିକାରୀମାନଙ୍କ କହିବାନୁସାରେ, ବେଆଇନ ବାଲି ଖନନକୁ ରୋକିବା, ଖଣିଜ ସମ୍ପଦର ସୁପରିଚାଳନା ସୁନିଶ୍ଚିତ କରିବା ଏବଂ ସରକାରୀ ରାଜସ୍ୱ କ୍ଷତିକୁ ରୋକିବା ଉଦ୍ଦେଶ୍ୟରେ ଏହି ସ୍ୱତନ୍ତ୍ର ମାପଚୁପ ଅଭିଯାନ କରାଯାଇଛି। ମାପଚୁର ସମ୍ପୂର୍ଣ୍ଣ ହେବାପରେ ନିୟମାନୁଯାୟୀ ଏହି ବାଲି ଗଚ୍ଛିତ ସ୍ଥାନଗୁଡ଼ିକର ନିଲାମ ପ୍ରକ୍ରିୟା ଖଣି ବିଭାଗ ପକ୍ଷରୁ ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି।

## ରାଉରକେଲାରେ ଆରମ୍ଭ ହେଲା ଅପରାଧୀଙ୍କ ଘର ଭଙ୍ଗା ଅଭିଯାନ

# ମାଟିରେ ମିଶିଲା ତୋଫାନ ବିନ୍ଧାଣୀ ହତ୍ୟା ଅଭିଯୁକ୍ତଙ୍କ ଘର

ରାଉରକେଲା, ୯।୭ (ସମିସ)



ହତ୍ୟା, ଡକାୟତି, ଛିନତାଇ, ନିଶା କାରବାର କରୁଥିବା ପେଶାଦାର ଅପରାଧିଙ୍କୁ ଆଉ ନିସ୍ତାର ନାହିଁ । ସୁଧୁରି ଯାଅ, ନହେଲେ ରାଉରକେଲା ଛାଡ଼ । ନଚେତ ତୋଫାନ ବିନ୍ଧାଣୀ ହତ୍ୟାକାଣ୍ଡର ହତ୍ୟାକାରୀମାନଙ୍କ ପରି ଭୋଗିବାକୁ ପଡ଼ିବ ଦୁର୍ଦ୍ଦଶା । ଏପରି ଏକ ଚରମବାଣୀ ଶୁଣାଇଛନ୍ତି ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ । ଯାହାର ବାସ୍ତବ ଚିତ୍ର ଦେଖିବାକୁ ମିଳିଛି ଆଜି ରାଉରକେଲାର ସେକ୍ଟର - ୭ ଥାନା ଅଧୀନ ସେକ୍ଟର-୬ର ନାରାୟଣୀ ବସ୍ତିରେ । ରାଉରକେଲା ଇସ୍ପାତ କାରଖାନାର ଜମି ଜବରଦଖଲ କରି ବାସ କରୁଥିବା ବହୁଚର୍ଚ୍ଚିତ ତୋଫାନ ବିନ୍ଧାଣୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଘରଗୁଡ଼ିକୁ ମାଟିରେ ମିଶାଇ ଦିଆଯାଇଛି । ଏସପି ଶ୍ରୀ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଆର୍‌ଏସ୍‌ପିର ସହର ପ୍ରଶାସନ ସେବା ବିଭାଗର କର୍ମଚାରୀମାନେ ହତ୍ୟା ଅଭିଯୁକ୍ତଙ୍କ ଘରଗୁଡ଼ିକୁ ଭାଙ୍ଗି ଛାରଖାର କରି ଦେଇଥିବା ଦେଖିବାକୁ ମିଳିଥିଲା।

ସୂଚନାଯୋଗ୍ୟ ଯେ ପୂର୍ବରୁ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ସମ୍ପୃକ୍ତ ପରିବାରକୁ ଘର ଖାଲି କରିବା ପାଇଁ ପାଞ୍ଚ ଦିନର ସମୟ ଦେଇ ଉଚ୍ଛେଦ ନୋଟିସ ଜାରି କରାଯାଇଥିଲା। ନୋଟିସର ଅବଧି ଶେଷ ହେବା ପରେ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଛି। ଘଟଣାସ୍ଥଳରେ ୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରଶାସନ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିଥିଲା। ରାଉରକେଲା ସହରକୁ ଅପରାଧମୁକ୍ତ କରିବା ପାଇଁ ଉତ୍ତରପ୍ରଦେଶ ଢାଞ୍ଚାରେ ଅପରାଧିମାନଙ୍କ ଉପରେ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ ପୁଲିସ ଏପରି ପଦକ୍ଷେପ ନେଇଛି । ହତ୍ୟାକାଣ୍ଡକୁ କେନ୍ଦ୍ର କରି ସହରରେ ଚର୍ଚ୍ଚା ଜାରି ରହିଥିବାବେଳେ ପ୍ରଶାସନ ପକ୍ଷରୁ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ମଧ୍ୟ ଜାରି ରହିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ ଗତ ଜୁନ୍ ୧୬ ତାରିଖ ଦିନ ତୋଫାନ ବିନ୍ଧାଣୀକୁ ସେହି ଅଞ୍ଚଳର ୧୨ ଜଣ ସଶସ୍ତ୍ର ଯୁବକ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିଥିଲେ। ଏନେଇ ସେକ୍ଟର-୭ ଥାନାରେ ରାମେଶ୍ୱରପଲ୍ଲୀ, ସେକ୍ଟର-୫ ଗୋଲଘର ଅଞ୍ଚଳର ବାସିନ୍ଦା ଚନ୍ଦ୍ରିକା ବିନ୍ଧାଣୀ (୩୦) ଲିଖିତ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ତଦନ୍ତ ବେଳେ ଜୁନ ୧୯ ତାରିଖରେ ପୁଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ ରୋହିତ ହରିପ୍ପା (୨୫), ରୋହିତ ମୁଖୀ ଓରଫ ସାନା (୩୨) ଏବଂ ଜନସନ ନାଗ (୨୫) । ସେମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ଅନ୍ୟ ଦୁଇ ଅଭିଯୁକ୍ତ ସୁଶାନ୍ତ ଓରଫ ଲଣ୍ଡା ନାୟକ ଏବଂ ଚୁନୁ ଓରଫ ନାରାୟଣ ହରିପ୍ପାଙ୍କୁ ପୁଲିସ ଝିରପାଣୀ ନଦୀ ଟୋଲା ଠାରେ ଏନ୍‌କାଉଣ୍ଟର କରି ଆହତ କରିଥିଲା । ଜୁନ୍ ୨୭ରେ ଆଉ ଜଣେ ସହ ଅଭିଯୁକ୍ତ ବିଶୁ ଓରଫ ଉମାକାନ୍ତ ହରିପ୍ପାଙ୍କୁ ଗିରଫ କରିଛି । ତାଙ୍କୁ ମଧ୍ୟ ସମାନ ଆଇନ ଧାରାରେ ଗିରଫ କରାଯାଇ ସେହିଦିନ ଅଦାଲତରେ ହାଜର କରାଯାଇଥିଲା । ଏହି ମାମଲାରେ ସମ୍ପୃକ୍ତ ଅନ୍ୟଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସର ତଲାସି ଓ ଚଢ଼ଉ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ନାଲାରୋଡ ଅଞ୍ଚଳର ମୀନାପଡାରେ ବ୍ରାଉନସୁଗର, ଅଫିମପରି ଡ୍ରଗ୍ସ କାରବାର କରୁଥିବା ଡ୍ରଗ୍ସ ମାଫିଆଙ୍କ ଘରକୁ ମଧ୍ୟ ରାଉରକେଲା ପୁଲିସ ଭାଙ୍ଗି ଦେଇଥିଲା । ଏନେଇ ରାଉରକେଲା ଏସ୍‌ପି କହିଛନ୍ତି ଯେ କୌଣସି ଖୋଲାସ୍ଥାନରେ ଅସାମାଜିକ ବ୍ୟକ୍ତିଙ୍କ ଆ‡ାସ୍ଥଳୀ, ହେଉ ବନ୍ଦ କୋଠରି କାହାକୁ ଆଉ ପୁଲିସ ବରଦାସ୍ତ କରିବ ନାହିଁ । ସହରକୁ ଅପରାଧମୁକ୍ତ କରିବା ସହ ସହରରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଅପରାଧୀମାନଙ୍କ ଉପରେ ଏପରି କାର୍ଯ୍ୟାନୁଷ୍ଠାନ

## ଅପରାଧୀଙ୍କୁ ଛାଡ଼ିବାକୁ ପଡ଼ିବ ରାଉରକେଲା: ଏସ୍‌ପି

ଜାରି ରଖିବ ବୋଲି ସେ କହିଛନ୍ତି। ସେପଟେ ରାଉରକେଲା ପୁଲିସର ଅପରାଧିମାନଙ୍କ ବିରୋଧରେ ଏତାଦୃଶ କାର୍ଯ୍ୟାନୁଷ୍ଠାନ ଗ୍ରହଣକୁ ନେଇ ସମଗ୍ର ସହରରେ ଚର୍ଚ୍ଚା ବିଷୟ ପାଲଟିଥିଲା ବେଳେ ବୁଦ୍ଧିଜୀବୀ ମହଲରେ ଏହାକୁ ସ୍ୱାଗତ କରାଯାଇଛି ।



# ଗାଡ଼ିରୁ ଓହ୍ଲାଉଥିଲେ ମାଡ଼ିଗଲା ଟ୍ରକ୍; ଜଣେ ମୃତ

କୋଇଡ଼ା, ୯।୭ (ସମିସ): ଆଜି ଅପରାହ୍ନରେ କୋଇଡ଼ା ଭଞ୍ଜପାଲିସ୍ଥିତ ବାଇପାସ୍ ରାସ୍ତାରେ ଅଭାବନୀୟ ଘଟଣା ଘଟିଛି। ଏକ ଟ୍ରକ୍ ଛିଡ଼ା ହୋଇଥିବାବେଳେ ଟ୍ରକ୍‌ର ଚାଳକ ବୀରେନ୍ଦ୍ର ମହାତୋ (୪୫) ପାଣି ଆଣିବା ପାଇଁ ବାମ ପଟରୁ ଓହ୍ଲାଇଥିଲେ। ଠିକ୍ ସେତିକି ବେଳେ ବୀପରିତ ଦିଗରୁ ଅନ୍ୟ ଏକ ଟ୍ରକ୍ ଦ୍ରୁତଗତିରେ ଆସି ତାଙ୍କ ଉପରେ ଚଢ଼ିଯାଇ ଯାଇଥିଲା। ଯାହାଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକଙ୍କ ଘର ଝାଡ଼ଖଣ୍ଡ ହଜାରିବାଗ ଜିଲ୍ଲାରେ। ଖବରପାଇ କୋଇଡା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଜାମ୍ ଖୋଲି ଶବଉଦ୍ଧାର କରିବା ସହ ଉଭୟ ଟ୍ରକ୍‌କୁ ଜବତ କରିଥିଲା। ତତ୍‌ସହିତ ଝାଡ଼ଖଣ୍ଡ ହଜାରିବାଗ ଜିଲ୍ଲାର ମୃତକ ଚାଳକ ବୀରେନ୍ଦ୍ର ମହାତୋ ପରିବାର ବର୍ଗଙ୍କୁ ସୂଚନା ଦେଇଥିଲେ। ଅନ୍ୟ ଗାଡ଼ିଚାଳକ ଫରିଦ୍ ଆନ୍‌ସାରିକୁ ଅଟକ ରଖି ପଚରାଉଚରା କରୁଛି ପଲିସ।



# ବାସନ୍ତୀ କଲୋନୀରେ ଜବରଦଖଲ ଉଚ୍ଛେଦ ଅଭିଯାନ ଜୋରଦାର



ରାଉରକେଲା, ୯।୭ (ସମିସ): ରାଉରକେଲା ମହାନଗର ନିଗମ (ଆରଏମସି) ପକ୍ଷରୁ ସହରବ୍ୟାପୀ ଜବରଦଖଲ ଉଚ୍ଛେଦ ଅଭିଯାନକୁ ଅଧିକ ଜୋରଦାର କରାଯାଇଛି। ସିଭିଲ ଟାଉନସିପ୍ ଓ ଛେଣ୍ଡ କଲୋନୀ ପରେ ଏହି ଅଭିଯାନ ବାସନ୍ତୀ କଲୋନୀରେ ଚାଲିଥିଲା। ଅଭିଯାନ ସମୟରେ ପ୍ରାୟ ୨୦ଟି ଘର ସମ୍ମୁଖରେ ରାସ୍ତାକଡ଼ ନାଳ ଉପରେ ନିର୍ମିତ ବେଆଇନ ନିର୍ମାଣଗୁଡ଼ିକୁ ଭଙ୍ଗାଯାଇଥିଲା। ଆର୍‌ଏମ୍‌ସି ଅଧିକାରୀମାନଙ୍କ କହିବାନୁସାରେ, ନାଳ ଉପରେ ହୋଇଥିବା ଜବରଦଖଲ ଯୋଗୁଁ ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାସହ ବର୍ଷାଜଳର ସ୍ୱାଭାବିକ ନିଷ୍କାସନ ବ୍ୟବସ୍ଥା ବିଘ୍ନିତ ହେବାରୁ ବର୍ଷା ଋତୁରେ ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି। ନିଗମ ପକ୍ଷରୁ କୁହାଯାଇଛି ଯେ, ସହରର ଡ୍ରେନେଜ୍ ବ୍ୟବସ୍ଥାକୁ ସୁଚାରୁ ରଖିବା ଏବଂ ବର୍ଷାଜନିତ ଜଳବନ୍ଦୀ ସମସ୍ୟାକୁ ରୋକିବା ଉଦ୍ଦେଶ୍ୟରେ ଏହି ଉଚ୍ଛେଦ ଅଭିଯାନ ଜାରି ରହିଛି। ଆଗାମୀ ଦିନରେ ସହରର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ନାଳ ଉପରେ ଥିବା ବେଆଇନ ଜବରଦଖଲ ବିରୋଧରେ ସମାନ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଆର୍‌ଏମ୍‌ସି ପକ୍ଷରୁ ସହରବାସୀଙ୍କୁ ଦାୟିତ୍ୱବାନ ନାଗରିକ ଭାବେ ନାଳଗୁଡ଼ିକୁ ଜବରଦଖଲମୁକ୍ତ ରଖିବା ସହ ଏକ ସ୍ୱଚ୍ଛ, ସୁନ୍ଦର ଓ ସୁଦୃଢ଼ ନିଷ୍କାସନ ବ୍ୟବସ୍ଥା ଗଠନରେ ନିଗମକୁ ସହଯୋଗ କରିବା ପାଇଁ ଅପିଲ କରାଯାଇଛି। ଅପରପକ୍ଷେ ଜବରଦଖଲ ଉଚ୍ଛେଦ କରିବା କ୍ଷେତ୍ରରେ ଆର୍‌ଏମ୍‌ସି ପକ୍ଷରୁ ନିୟୋଜିତ ଅଧିକାରୀମାନେ ପାତରଅନ୍ତର କରୁଥିବା ଅଭିଯୋଗ ହୋଇଛି। କିଛି ବାସୀନ୍ଦାଙ୍କ ଜବରଦଖଲକୁ ଉଚ୍ଛେଦ କରାଯାଉନାହିଁ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଜବରଦଖଲ ଉଚ୍ଛେଦରେ ପାତରଅନ୍ତର ଅଭିଯୋଗ

# ଫାଇନ୍ ଆର୍ଟ ଏକାଡେମୀର ବାର୍ଷିକୋତ୍ସବ




ରାଉରକେଲା, ୯।୭ (ସମିସ): ସ୍ଥାନୀୟ ସିଭିକ୍ ସେଣ୍ଟରରେ ସହରର ଜଣାଶୁଣା କଳାନୁଷ୍ଠାନ ଫାଇନ୍ ଆର୍ଟ ଏକାଡେମୀର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ତଥା ବିଶିଷ୍ଟ ସମାଜସେବୀ ଭଗବାନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସୁନ୍ଦରଗଡ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଲେ ଶିଶୁମାନଙ୍କର ଏକାଗ୍ରତା ଓ ବୌଦ୍ଧିକ ବିକାଶ କ୍ଷେତ୍ରରେ ଚିତ୍ରାଙ୍କନ ବିଶେଷ ଜରୁରୀ। ପରିବେଶ ପ୍ରତି ସମସ୍ତେ ସଚେତନ ହୋଇ ଏ ଦିଗରେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ।

ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ ଶିଶୁମାନଙ୍କ ମଧ୍ୟରେ ଚିତ୍ରକଳା ପ୍ରତି ବିଶେଷ ଆଗ୍ରହ ସୃଷ୍ଟି କରିବାରେ ଫାଇନଆର୍ଟ ଏକାଡେମୀର ଦୀର୍ଘ ୨୪ ବର୍ଷର ସାଧନା ପ୍ରଶଂସନୀୟ। ମୁଖ୍ୟ ବକ୍ତା ଭାବେ ଟିକିଲି ଫାଉଣ୍ଡେସନର ଅଧ୍ୟକ୍ଷା ରତ୍ନା ବାନାର୍ଜୀ ଯୋଗ ଦେଇ ଶିଶୁମାନଙ୍କ ପାଇଁ ସାଧାରଣ ପାଠ୍ୟକ୍ରମ ସହିତ ଚିତ୍ରାଙ୍କନର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ନିହାରବାଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ନିବେଦିତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିତ୍ୱ, ବିଚାରକ ମଣ୍ଡଳୀ ତଥା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା। ମୋନାଲିସା ସାହୁ ମଞ୍ଚ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସୂର୍ଯ୍ୟମଣି ପାତ୍ର, ବଳରାମ ନାୟକ, ସୁଶାନ୍ତ ପତି, ପ୍ରକାଶ ଧଳ, ପ୍ରଫୁଲ୍ଲ ନାୟକ, ରଞ୍ଜନ ବାରିକ, ସରିତା ନାୟକ, ଲୁସି ଦାସ, ପଙ୍କଜ ପତି, ମନୋଜ ପାଢୀ, ସୁନୀତା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# କାଳବୈଶାଖୀରେ କ୍ଷତିଗ୍ରସ୍ତ ବାବା ବାଣେଶ୍ୱର ମନ୍ଦିର ପରିସର

ବଣାଇଁ, ୯।୭ (ସମିସ): ଗତ ମେ' ୨୭ ତାରିଖରେ ବଣାଇଁ ଅଞ୍ଚଳରେ ହୋଇଥିବା ପ୍ରବଳ ଝଡ଼ବର୍ଷାରେ ବଣାଇଁର ପ୍ରସିଦ୍ଧ ବାବା ବାଣେଶ୍ୱର ମନ୍ଦିର ପରିସରର ବ୍ୟାପକ କ୍ଷତି ଘଟିଛି। ମନ୍ଦିର ପରିସରରେ ଥିବା ଏକ ବଡ଼ ଆମ୍ବଗଛ ଭାଙ୍ଗି ପଡ଼ିଥିବା ବେଳେ ଭକ୍ତମାନଙ୍କ ରୋଷେଇ ପାଇଁ ନିର୍ମିତ ସେଡ୍ ଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହି କ୍ଷତି ଯୋଗୁଁ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଶ୍ରାବଣ ମାସ ଆରମ୍ଭ ହେବାକୁ ଆଉ ଅଳ୍ପ କିଛି ଦିନ ବାକି ଥିବାବେଳେ ବାବା ବାଣେଶ୍ୱରଙ୍କ ଦର୍ଶନ ପାଇଁ ହଜାର ହଜାର କାଉଡ଼ିଆ ଓ ଭକ୍ତଙ୍କ ସମାଗମ ହେବ। ସେହି ସମୟରେ ଭକ୍ତମାନଙ୍କ ରୋଷେଇ ଓ ବିଶ୍ରାମ ପାଇଁ ଏହି ସେଡ୍‌ଗୁଡ଼ିକ ଅତ୍ୟନ୍ତ ଆବଶ୍ୟକ। ସ୍ଥାନୀୟ ଲୋକ ଓ ଭକ୍ତମାନେ ଦାବି କରିଛନ୍ତି ଯେ, ଶ୍ରାବଣ ମାସ ଆରମ୍ଭ ପୂର୍ବରୁ ମନ୍ଦିର ପରିସରରେ କ୍ଷତିଗ୍ରସ୍ତ ସେଡ୍‌ର ମରାମତି ସହ ପରିସରକୁ ସୁରକ୍ଷିତ ଓ ସୁବ୍ୟବସ୍ଥିତ କରାଯାଉ। ଏଥିପାଇଁ ଦେବୋତ୍ତର ବିଭାଗ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଜୋର୍ ଧରିଛି।

# ଅଙ୍ଗନବାଡ଼ି ୱାର୍କର୍ସ ଆଣ୍ଡ ହେଲ୍ପର୍ସ ଆସୋସିଏସନ ପକ୍ଷରୁ କଳା ଦିବସ

କୋଇଡା, ୯।୭ (ସମିସ): ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଆଣ୍ଡ ହେଲ୍ପର୍ସ ଆସୋସିଏସନ ସିଆଇଟିୟୁ ପକ୍ଷରୁ ୯ ଜୁଲାଇକୁ ଦେଶବ୍ୟାପୀ କଳା ଦିବସ ଭାବେ ପାଳନ କରୁଥିବାବେଳେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଭାତ ପଣ୍ଡା, କୋଇଡ଼ା ବ୍ଲକ୍ ଅଧ୍ୟକ୍ଷ ସୁରେଶ ନାଏକ, ସିଆଇଟିୟୁ ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ବାରିକ ଓ କୋଇଡା ବ୍ଲକ୍ କାର୍ଯ୍ୟରତ ଅଙ୍ଗନବାଡ଼ି ଏବଂ ହେଲପର୍ସ ମାନେ ସିଆଇଟିୟୁ ଅନୁବନ୍ଧିତ ୟୁନିୟନ ବ୍ୟାନର୍ ପୋଷ୍ଟର ଧରି ବ୍ଲକ୍ କାର୍ଯ୍ୟାଳୟ ପରିସରରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ୍ କରିବା ସହ ୧୫ ଦଫା ଦାବିପତ୍ର କୋଇଡା ବ୍ଲକ୍ ବିଡିଓ ରଶ୍ମୀରେଖା ପାତ୍ରଙ୍କୁ ପ୍ରଦାନ କରିଛନ୍ତି।

# ଆର୍‌ଏସ୍‌ପିର ପ୍ରଥମ ତ୍ରୈମାସିକ ରପ୍ତାନି ୩୬,୦୩୩ ଟନ୍

ରାଉରକେଲା, ୯।୭ (ସମିସ)

ରାଉରକେଲା ଇସ୍ପାତ କାରଖାନା (ଆରଏସପି), ମୁଖ୍ୟତଃ ନିୟୁ ପ୍ଲେଟ୍ ମିଲ୍‌ର ସନ୍ତୁଳିତ ଉତ୍ପାଦନ ଏବଂ ଏକ ସୁଚିନ୍ତିତ ରପ୍ତାନି ଚାଲାଣ ରଣନୀତି ଯୋଗୁଁ ଚଳିତ ଆର୍ଥିକ ବର୍ଷର ଜୁନ୍ ମାସ ଏବଂ ପ୍ରଥମ ତ୍ରୈମାସିକକୁ ଏକାଧିକ ଉତ୍ସାହଜନକ କାର୍ଯ୍ୟ ଓ ବାଣିଜ୍ୟିକ ସଫଳତା ସହ ଶେଷ କରିଛି। ଜୁନ୍ ମାସରେ, ନିୟୁ ପ୍ଲେଟ୍ ମିଲ୍ ବିଦେଶୀ ଗ୍ରାହକମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସଠିକ୍ ପରିମାଣକୁ ପୂରଣ କରି ସମୂଦାୟ ୧୪,୧୪୪ ଟନର ରପ୍ତାନି ହାସଲ କରିଛି। ଏପ୍ରିଲ୍-ଜୁନ୍ ତ୍ରୈମାସିକ ପାଇଁ ନିୟୁ ପ୍ଲେଟ୍ ମିଲ୍‌ରୁ ପ୍ଲେଟ୍ ରପ୍ତାନି ୨୬,୮୧୧ ଟନରେ ପହଞ୍ଚିଥିବା ବେଳେ ଏହି ତ୍ରୈମାସିକ ମଧ୍ୟରେ ଏଚ୍‌ଆର କଏଲ୍ ରପ୍ତାନି ୮,୩୧୩ ଟନ୍ ଏବଂ ଏଚ୍‌ଆର ପ୍ଲେଟ୍ ରପ୍ତାନି ୯୦୯ ଟନ୍ ରହିଥିଲା। ପ୍ରଥମ ତ୍ରୈମାସିକ ପାଇଁ ସମୂଦାୟ ମିଳିତ ରପ୍ତାନି ପରିମାଣ ୩୬,୦୩୩ ଟନ୍ ଥିଲା, ଯାହା ଆନ୍ତର୍ଜାତୀୟ ବଜାରରେ ଆର୍‌ଏସ୍‌ପିର ବଢୁଥିବା ଉପସ୍ଥିତିକୁ ପ୍ରତିପାଦିତ କରୁଛି। ଏହି ସଫଳତା ଆର୍‌ଏସ୍‌ପିର ରପ୍ତାନି ଅର୍ଡର ପ୍ରେରଣକୁ ସର୍ବାଧିକ କରିବା



ଏବଂ ଉଭୟ ଦେଶୀୟ ତଥା ଅନ୍ତର୍ଜାତୀୟ ଗ୍ରାହକଙ୍କ ସେବା ପାଇଁ ଉନ୍ନତ ଉତ୍ପାଦନ କ୍ଷମତାର ଉପଯୋଗ କରିବାର ସୁଚିନ୍ତିତ ନୀତିକୁ ପ୍ରତିଫଳିତ କରେ। ନିଶ୍ଚିତ ହୋଇଥିବା ଅର୍ଡରଗୁଡ଼ିକ ସହିତ ଉତ୍ପାଦନ ସୂଚୀକୁ ସମନ୍ୱିତ କରି ଏବଂ ସରଳୀକୃତ ସାମଗ୍ରୀ ପ୍ରବାହ ଓ ପରିବହନ ମାଧ୍ୟମରେ ପରିଚାଳନା ସମୟକୁ ହ୍ରାସ କରି, କାରଖାନା ବିତରଣର ବିଶ୍ୱସନୀୟତା ଏବଂ କାର୍ଯ୍ୟକ୍ଷମ ଦକ୍ଷତାରେ ଉନ୍ନତି ଆଣିଛି। ସିଧାସଳଖ ଚାଲାଣ (ଡାଇରେକ୍ଟ ଡେସପାଚ୍) ମାର୍ଗ ଉପରେ ଗୁରୁତ୍ୱ ଦେବା ଦ୍ୱାରା ମଧ୍ୟବର୍ତ୍ତୀକାଳୀନ ଗଚ୍ଛିତ ଜନିତ ପରିଚାଳନା ଆହୁରି ହ୍ରାସ ପାଇଛି, କାର୍ଯ୍ୟ ସମ୍ପାଦନ ସମୟ କମିଛି ଏବଂ ରେଳ ଡେମରେଜ୍ (ବିଳମ୍ବ ଶୁଳ୍କ) ର ବିପଦ ହ୍ରାସ ପାଇଛି, ଯାହାଫଳରେ ସାମଗ୍ରିକ ଗ୍ରାହକ ସନ୍ତୋଷ ବୃଦ୍ଧି ପାଇଛି। ଆର୍‌ଏସ୍‌ପିର ସୁଦୃଢ଼ ପ୍ରତ୍ୟକ୍ଷ- ଚାଲାଣ (ଡାଇରେକ୍ଟ-ଡେସପାଚ୍) ପ୍ରଦର୍ଶନ ମଧ୍ୟ ପ୍ରମୁଖ ଦେଶୀୟ କ୍ଷେତ୍ରଗୁଡିକୁ ନିରନ୍ତର ଏବଂ ବିଶ୍ୱସନୀୟ ଯୋଗାଣ ସୁନିଶ୍ଚିତ କରି ଭାରତୀୟ ଇସ୍ପାତ ବଜାରରେ ସେଲ୍ ର ନେତୃତ୍ୱସ୍ଥାନକୁ ଅଧିକ ମଜବୁତ କରୁଛି। ଏଥି ସହିତ, ବୃଦ୍ଧି ପାଉଥିବା ରପ୍ତାନି ପରିମାଣ କମ୍ପାନୀର ଗ୍ରାହକ ଭିତ୍ତିଭୂମିକୁ ବିବିଧ କରିବା ଏବଂ ପ୍ରାଥମିକତା ବିଶିଷ୍ଟ ବିଦେଶୀ ଗନ୍ତବ୍ୟ ସ୍ଥଳଗୁଡିକରେ ଚାହିଦାପୂରଣ କରିବାର ରଣନୀତିକ ଉଦ୍ଦେଶ୍ୟକୁ ସହାୟତା କରୁଛି। ପ୍ରଥମ ତ୍ରୈମାସିକର ଏହି ସଫଳତାକୁ ଆଧାର କରି, ଆର୍‌ଏସ୍‌ପି ଗ୍ରାହକ-କେନ୍ଦ୍ରୀତ ପ୍ରେରଣ ରଣନୀତିକୁ ପ୍ରାଥମିକତା ଦେବା, ନିଜର ରପ୍ତାନି ପହଞ୍ଚକୁ ସୁଦୃଢ଼ କରିବା ଏବଂ ଅର୍ଡର ପ୍ରତିଶ୍ରୁତି ପୂରଣ କରିବା ପାଇଁ ଉତ୍ପାଦନ ଶୃଙ୍ଖଳା ବଜାୟ ରଖିବା ଜାରି ରଖିବ। ପରିକଳ୍ପିତ ପଦକ୍ଷେପଗୁଡ଼ିକ ମଧ୍ୟରେ ଅଧିକ ରପ୍ତାନିକୁ ସମର୍ଥନ କରିବା ପାଇଁ ଅର୍ଡର-ଟୁ-ଡେଲିଭରିର ସୂକ୍ଷ୍ମ ସମନ୍ୱୟ, ଫିନିସିଂ ମିଲ୍‌ଗୁଡ଼ିକରେ କ୍ଷମତାର ସଦୁପଯୋଗ ଏବଂ ପରିବହନ ବ୍ୟବସ୍ଥାରେ ନିରନ୍ତର ସୁଧାର ଅନ୍ତର୍ଭୁକ୍ତ ଅଟେ।

# ଆର୍ଥିକ ବର୍ଷର ପ୍ରଥମ ୩ ମାସରେ ଆର୍‌ଏସ୍‌ପିର ଉଲ୍ଲେଖନୀୟ ରପ୍ତାନି

ରାଉରକେଲା, ୯।୭ (ସମିସ): ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଜୁନ୍ ୨୦୨୬ ଏବଂ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସ (ଏପ୍ରିଲଜୁନ୍)ରେ ବିକ୍ରୟଯୋଗ୍ୟ ଇସ୍ପାତ ଡିସ୍ପାଚ୍ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଜୁନ୍ ୨୦୨୬ ମାସରେ ଆର୍‌ଏସ୍‌ପି ସମୁଦାୟ ୩,୧୬,୪୬୭ ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଡିସ୍ପାଚ୍ କରିଥିଲା। ଏଥିମଧ୍ୟରୁ ୨,୭୭,୦୧୮ ଟନ୍ ସିଧାସଳଖ ଗ୍ରାହକଙ୍କ ଅର୍ଡର ଅନୁଯାୟୀ ଡିସ୍ପାଚ୍ କରାଯାଇଥିଲା, ଯାହା ଗ୍ରାହକଙ୍କ ତତ୍କାଳ ଆବଶ୍ୟକତା ପୂରଣ ଏବଂ ମଧ୍ୟବର୍ତ୍ତୀ ପରିଚାଳନାକୁ ହ୍ରାସ କରିବା ଦିଗରେ କାରଖାନାର ଦୃଢ଼ ପ୍ରୟାସକୁ ପ୍ରତିଫଳିତ କରେ। ଏପ୍ରିଲ୍-ଜୁନ୍ ୨୦୨୬ ତ୍ରୟମାସରେ ମୋଟ ୧୦,୨୩,୯୮୮ ଟନ୍ ଅର୍ଡର ଡିସ୍ପାଚ୍ ମଧ୍ୟରୁ ୮,୨୭,୭୮୦ ଟନ୍ ସିଧାସଳଖ ଗ୍ରାହକଙ୍କ ନିକଟକୁ ପଠାଯାଇଥିଲା, ଯାହା ପ୍ରାୟ ୮୧ ପ୍ରତିଶତ ସିଧାସଳଖ ଡିସ୍ପାଚ୍ ସ୍ତରକୁ ସୂଚିତ କରେ। ଷ୍ଟକ୍‌ୟାର୍ଡ ମାଧ୍ୟମରେ ହୋଇଥିବା ଡିସ୍ପାଚ୍‌କୁ ମିଶାଇଲେ, ଏହି ତ୍ରୟମାସରେ ମୋଟ ଡିସ୍ପାଚ୍ ପରିମାଣ ୯,୬୪,୩୫୦ ଟନ୍ ରେ ପହଞ୍ଚିଥିଲା। ଏହି ସଫଳତା ଆର୍‌ଏସ୍‌ପିର ସିଧାସଳଖ ଡିସ୍ପାଚ୍‌କୁ ସର୍ବାଧିକ କରିବା ଏବଂ ଆଧୁନିକୀକୃତ ଉତ୍ପାଦନ କ୍ଷମତାର ସଦ୍‌ବ୍ୟବହାର କରି ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ କରିବାର ନୀତିର ପ୍ରତିଫଳନ। ଏହା ମାଧ୍ୟମରେ ପରିଚାଳନା ସମୟ ହ୍ରାସ, ସମୟାନୁବର୍ତ୍ତୀ ବିତରଣ ବ୍ୟବସ୍ଥାର ସୁଧାର ଏବଂ ନିଶ୍ଚିତ ଅର୍ଡର ଅନୁଯାୟୀ ଉତ୍ପାଦନକୁ ସମନ୍ୱିତ କରାଯିବା ଫଳରେ ଗ୍ରାହକ ସନ୍ତୁଷ୍ଟି ଓ କାର୍ଯ୍ୟଦକ୍ଷତା ଉଭୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି।

# ସମ୍ପାଦକୀୟ



ଅନ୍ୟାୟ ହେଉଥିବା ଦେଖି ମଧ ତୁମେ ଯଦି ନିରପେକ୍ଷ ରହୁଛ,
ତେବେ ତୁମେ ଅତ୍ୟାଚାରୀର ପକ୍ଷ ନେଉଛ ବୋଲି ପ୍ରମାଣ କରୁଛ ।
- ଡେସ୍‌ମଣ୍ଡ ଟୁଟୁ

ସକାଳ
THE SAKALA

## ଟ୍ରମ୍ପଙ୍କ ଦାଦାଗିରି

ଷାଠିଏଦିନିଆ ଯୁଦ୍ଧବିରତି ଘୋଷଣାର ମାସେ ନ ପୁରୁଣୁ ଆମେରିକା ଇରାନ୍ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି । ଇରାନ୍ ଏହାର ପ୍ରତ୍ୟୁତ୍ତର ଦେବା ପରେ ମଧ୍ୟପ୍ରାଚ୍ୟ ପୁଣି ଥରେ ଅଶାନ୍ତ ହୋଇପଡ଼ିଛି । ଯୁଦ୍ଧଖୋର ଓ ବାଚାଳମତି ଟ୍ରମ୍ପ ଯୁଦ୍ଧବିରତି ଘୋଷଣା କରିଥିଲେ ମଧ ତାହାକୁ ଯେ ସେ ମାନିବେ ସେ ବିଶ୍ୱାସ ନଥିଲା । ଆଶଙ୍କା ଅନୁରୂପ ଯୁଦ୍ଧବିରତିରେ ବିରତି ଘୋଷଣା କରି ଟ୍ରମ୍ପ ଇରାନ୍‌ର ଶକ୍ତିକେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରିବା ସହିତ ତୈଳ କାରବାର ଉପରେ କଟକଣା ଜାରି କରିଛନ୍ତି । ଏଥିଯୋଗୁଁ ବିଶ୍ୱ ଇନ୍ଧନ ମୂଲ୍ୟ ବଢ଼ିବା ସହିତ ବିଶ୍ୱର ଅନେକ ସେୟାର ବଜାରରେ ନିବେଶକମାନେ ବିପୁଳ କ୍ଷତି ସହିଛନ୍ତି । ଯୁଦ୍ଧବିରତି ରଦ୍ଦ ହୋଇଥିବାରୁ ନିକଟ ଭବିଷ୍ୟତରେ ଶାନ୍ତି ଆଲୋଚନା କିମ୍ବା ଯୁଦ୍ଧବିରତି ସମ୍ଭାବନା ଦେଖାଯାଉନାହିଁ ।

ସାମରିକ ଓ ଆର୍ଥିକ ଶକ୍ତିର ଦୁରୁପଯୋଗରେ ବିଶ୍ୱରେ ପ୍ରଭୁତ୍ୱ ବିସ୍ତାର ଲକ୍ଷ୍ୟ ଆମେରିକାର ଏକ ପରମ୍ପରା ଓ ସଂସ୍କୃତି ହୋଇସାରିଛି । ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସଂସ୍କୃତିକୁ ଅଧିକ ଉଗ୍ର ଓ ସମରାଭିମୁଖୀ କରିଛନ୍ତି । ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଦୁଇ ପକ୍ଷ ମଧ୍ୟରେ ଯୁଦ୍ଧବିରତି ଘୋଷଣା ହୋଇଥିଲେ ମଧ ସାମାନ୍ୟତମ ଓଲମବିଲମରେ ଟ୍ରମ୍ପ ମଧ୍ୟପ୍ରାଚ୍ୟ ସମରମୁହାଁ ହୋଇପଡ଼ିଲେ । କିନ୍ତୁ ଶାନ୍ତିଚୁକ୍ତିକୁ ଗୁରୁତ୍ୱ ନ ଦେଇ ଇସ୍ରାଏଲ୍ ଲେବାନନ୍ ବିରୋଧରେ ଜାରି ରଖିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ବିରୋଧରେ କେବଳ ଧାଡ଼ିକିଆ ନିନ୍ଦା ଟିପ୍ପଣୀରେ ଟ୍ରମ୍ପ ନିଜକୁ ସୀମିତ ରଖିଲେ । ଟ୍ରମ୍ପ ପରୋକ୍ଷରେ ବିଶ୍ୱକୁ ଏହି ବାର୍ତ୍ତା ଦେବାକୁ ଚାହୁଁଛନ୍ତି ଯେ ସେ ହିଁ ଭୂରାଜନୀତି, ଅର୍ଥନୀତି, କ୍ରୀଡ଼ା, ବାଣିଜ୍ୟ, କୂଟନୀତିରେ ସର୍ବେସର୍ବା । ସେ ଯେମିତି ଚାହିଁବେ ଦୁନିଆ ସେମିତି ଚାଲିବାକୁ ବାଧ୍ୟ । ସବୁ ନୀତିନିୟମରୁ ସେ ଊର୍ଦ୍ଧ୍ୱରେ ।

ଟ୍ରମ୍ପଙ୍କ ଦାଦାଗିରିର ଝଲକ୍ ସମ୍ପ୍ରତି ଚାଲିଥିବା 'ଫିଫା' ଫୁଟବଲ୍ ବିଶ୍ୱକପ୍‌ରେ ମଧ ଦେଖିବାକୁ ମିଳିଛି । ଆମେରିକୀୟ ଫୁଟବଲ୍ ତାରକା ଫୋଲାରିନ୍ ବାଲୋଗନ୍‌ଙ୍କୁ ପ୍ରତିପକ୍ଷ ଖେଳାଳିଙ୍କୁ ଫାଉଲ୍ ମାରିବା ଦୋଷରେ ରେଫରି 'ରେଡକାର୍ଡ' ଦେଖାଇ ପରବର୍ତ୍ତୀ ମ୍ୟାଚ୍‌ରୁ ବାସନ୍ଦ କଲେ । କିନ୍ତୁ ଟ୍ରମ୍ପଙ୍କ ଧମକ ପରେ 'ଫିଫା' ଅଧ୍ୟକ୍ଷ ଜିଆନି ଇନ୍‌ଫାଣ୍ଟିନୋଙ୍କ ଚାପରେ ବାଲୋଗନ୍‌ଙ୍କ ଉପରୁ ରେଡକାର୍ଡ କଟକଣା ଉଠିଗଲା ଏବଂ ସେ ପରିବର୍ତ୍ତୀ ବେଲଜିୟମ୍ ବିପକ୍ଷ ମ୍ୟାଚ୍ ଖେଳିଲେ । ଏହି ଘଟଣା ବିଶ୍ୱର ସର୍ବାଧିକ ଆଦୃତ ଫୁଟବଲ୍‌ର ଆନ୍ତର୍ଜାତିକ ନିୟମ, ଶୃଙ୍ଖଳାର ଉପେକ୍ଷା ଅପେକ୍ଷା ଅହଂକାର ବିଜଡ଼ିତ ଅବମାନନା ବା ଦାଦାଗିରି ବା ଗୁଣ୍ଡାଗିରି କହିଲେ ଅଧିକ ଠିକ ହେବ । ଏଥିପୂର୍ବରୁ ନୋବେଲ୍ ଶାନ୍ତି ପୁରସ୍କାର ଲାଭରୁ ଡୋନାଲ୍ଡ ଟ୍ରମ୍ପ ନିରାଶ ହେବା ପରେ 'ଫିଫା' ପକ୍ଷରୁ ତାଙ୍କୁ ଏକ ସାନ୍ତ୍ୱନାମୂଳକ ପ୍ରତୀକାତ୍ମକ 'ଫିଫା ଶାନ୍ତି ପୁରସ୍କାର' ଦେବାରେ ଇନ୍‌ଫାଣ୍ଟିନୋ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ।

ଟ୍ରମ୍ପଙ୍କୁ ଆନୁଗତ୍ୟ କିମ୍ବା ବଶମ୍ବଦତା ପ୍ରଦର୍ଶନ ପ୍ରତିଯୋଗିତାରୁ ଅଲିମ୍ପିକ୍ କମିଟି ମଧ ବାଦ୍ ପଡ଼ିନାହିଁ । କ୍ରୀଡ଼ାକୁ ଯୁଦ୍ଧ ଓ ବିବାଦରୁ ଊର୍ଦ୍ଧ୍ୱରେ ରଖିବା ଏବଂ କ୍ରୀଡ଼ାରେ ବନ୍ଧୁତ୍ୱ ଓ ସୌହାର୍ଦ୍ଦ ଜରିଆରେ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଜାତିସଂଘ ଦ୍ୱାରା 'ଅଲିମ୍ପିକ୍ ଟ୍ରୁସ୍(ଅଲିମ୍ପିକ୍ କ୍ରୀଡ଼ା ପାଇଁ ସାମୟିକ ଯୁଦ୍ଧବିରତି)' ସର୍ତ୍ତ ଲାଗୁ ହୋଇଛି । ଅଲିମ୍ପିକ୍ ଆରମ୍ଭ ହେବାର ସାତ ଦିନ ପୂର୍ବରୁ ଏବଂ ତତ୍‌ପରବର୍ତ୍ତୀ ପାରାଅଲିମ୍ପିକ୍ ଶେଷ ହେବାର ସାତଦିନ ପର୍ଯ୍ୟନ୍ତ 'ଅଲିମ୍ପିକ୍ ଟ୍ରୁସ୍' ବଳବତ୍ତର ରହିବ ବୋଲି ସଦସ୍ୟ ଦେଶମାନଙ୍କର ସ୍ୱାକ୍ଷର ସମ୍ବଳିତ ସଂକଳ୍ପ ପାରିତ ହୋଇଛି । ଅଲିମ୍ପିକ୍‌ରେ ଭାଗ ନେଉଥିବା କ୍ରୀଡ଼ାବିତ୍‌ଙ୍କ ସୁରକ୍ଷା ଲାଗି ମଧ ଏହା ଉଦ୍ଦିଷ୍ଟ । ଯଦି ଏହି ସମୟ ଭିତରେ କୌଣସି ଦେଶ ଯୁଦ୍ଧ ଘୋଷଣା କରେ କିମ୍ବା ଅନ୍ୟ ଦେଶ ଉପରେ ଆକ୍ରମଣ କିମ୍ବା ସାମରିକ କାର୍ଯ୍ୟାନୁଷ୍ଠାନ ନିଏ ତେବେ ସେହି ଦେଶକୁ ଅଲିମ୍ପିକ୍ କ୍ରୀଡ଼ାରେ ଭାଗ ନେବା ଉପରେ ନିଷେଧାଦେଶ ଜାରି କରାଯିବା ପାଇଁ ସଂକଳ୍ପରେ ସର୍ତ୍ତ ରହିଛି ।

୨୦୨୨ ଫେବୃଆରୀ ମାସ ୨୪ ତାରିଖରେ ରୁଷ୍ ୟୁକ୍ରେନ୍ ଉପରେ ଆକ୍ରମଣ କରିବାର ପରଦିନ 'ଅଲିମ୍ପିକ୍ ଟ୍ରୁସ୍' ସର୍ତ୍ତ ଅନୁଯାୟୀ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି ଏବଂ ତା'ର ତିନିଦିନ ପରେ 'ଫିଫା' ରୁଷ୍ ବିରୋଧରେ କଟକଣା ଜାରି କଲା, ଯାହା ଅଦ୍ୟାବଧି ବଳବତ୍ତର ରହିଛି । ଚଳିତ ବର୍ଷର 'ଅଲିମ୍ପିକ୍ ଟ୍ରୁସ୍' ଗତ ମାର୍ଚ୍ଚ ୨୨ ତାରିଖ ଯାଏଁ ବଳବତ୍ତର ରହିଥିଲା । ଅଥଚ ଗତ ଫେବୃଆରୀ ୨୮ ତାରିଖରେ ଆମେରିକା-ଇସ୍ରାଏଲ୍ ମିଳିତ ଭାବେ ଇରାନ୍ ଉପରେ ଆକ୍ରମଣ କରି ସର୍ତ୍ତ ଭଙ୍ଗ କଲେ । ଆଶ୍ଚର୍ଯ୍ୟଜନକ ଭାବେ ଗତ ମାର୍ଚ୍ଚ ୩ ତାରିଖ ଦିନ ଆମେରିକା ଓ ଇସ୍ରାଏଲ୍‌କୁ ଅଲିମ୍ପିକ୍ କ୍ରୀଡ଼ା ଓ 'ଫିଫା' ବିଶ୍ୱକପ୍‌ରୁ ବାସନ୍ଦ କରିବା ପରିବର୍ତ୍ତେ ଇରାନ୍ ବିରୋଧରେ ବାସନ୍ଦ ଲାଗୁ କଲେ ।

ସେହିପରି ଅଲିମ୍ପିକ୍ ଚାର୍ଟରର ରୁଲ୍ ୪୪ ଅନୁଯାୟୀ କୌଣସି ଦେଶକୁ ଜାତିଆଣ କିମ୍ବା ସାମ୍ପ୍ରଦାୟିକ କିମ୍ବା ରାଜନୈତିକ ଅସ୍ଥିରତା ସୃଷ୍ଟି କରୁଥିବା ଅଭିଯୋଗରେ ଅଲିମ୍ପିକ୍‌ରେ ଭାଗ ନେବାରୁ ବଞ୍ଚିତ କରାଯାଇପାରିବ ନାହିଁ । ଅଥଚ ୨୦୧୨ରେ ଦେଶର ଆଭ୍ୟନ୍ତରୀଣ ଦୁର୍ନୀତି ଅଭିଯୋଗ ଏବଂ ୨୦୧୯ ରେ କେତେକ ନିର୍ଦ୍ଦିଷ୍ଟ ଦେଶ ବିରୋଧରେ ଭିସା କଟକଣା ଲାଗୁ କରିଥିବା ଅଭିଯୋଗରେ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି ଭାରତ ଉପରେ ଏବଂ ୨୦୧୭ ରେ ଇସ୍ରାଏଲ୍‌କୁ କେତେକ କ୍ଷେତ୍ରରେ ବିରୋଧ କରିଥିବା ଅଭିଯୋଗରେ 'ଫିଫା' ଇଣ୍ଡୋନେସିଆ ଉପରେ ନିଷେଧାଦେଶ ଜାରି କରିଥିଲା । ଅପରପକ୍ଷରେ ଏବେ ୧୨ରୁ ଊର୍ଦ୍ଧ୍ୱ ଦେଶ ବିରୋଧରେ ଭିସା କଟକଣା ଜାରି କରିଥିବା ଆମେରିକାକୁ ୨୦୨୮ ରେ ଅଲିମ୍ପିକ୍ କ୍ରୀଡ଼ା ଆୟୋଜନ କରିବାର ଅନୁମତି ମିଳିଛି । ଅର୍ଥାତ୍ ସମାନ କାରଣ ପାଇଁ ରୁଷ୍, ଭାରତ ଓ ଇଣ୍ଡୋନେସିଆ ବିରୋଧରେ ଲାଗୁ ହୋଇଥିବା କଟକଣା ଆମେରିକା ବିରୋଧରେ ଲାଗୁ ହୋଇପାରିଲା ନାହିଁ । ସମାନ ଘଟଣା ପାଇଁ ସମାନ ଅନୁଷ୍ଠାନର ଦୁଇବିପରୀତମୁଖୀ ଆଭିମୁଖ୍ୟ ପଛର ମୁଖ୍ୟ କାରଣ ହେଉଛି ବିଶ୍ୱ କ୍ରୀଡ଼ା ପାଣ୍ଠିକୁ ଆମେରିକାର ଏକାକୀ ଅବଦାନ ଏକ-ତୃତୀୟାଂଶ । ଆମେରିକାର ଆର୍ଥିକ ଦାଦାଗିରିର ଏହା ଆଉ ଏକ ଉଦାହରଣ ।

# ଘରଭଡ଼ା: ବିବାଦ ଓ ବୈଷମ୍ୟ

**ଅବଶ ପରିଡ଼ା**

କିଛିଦିନ ତଳେ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା 'ଓଡ଼ିଶା ସହରାଞ୍ଚଳ ଭଡ଼ା ନିୟନ୍ତ୍ରଣ ଆଇନ ୨୦୨୬' ନାମକ ଅଧିସୂଚିତ ଏକ ଚିଠା ଆଇନ ଆସିଛି । ରାଜ୍ୟର ୫୯ ବର୍ଷ ତଳର ପୁରୁଣା ଭଡ଼ା ଆଇନ ଏହା ହେଉଛି ସଂଶୋଧିତ ରୂପ । ଏଥିରେ ଅନେକ ନିୟମ ଅଛି; ଯେପରିକି ଲିଖିତ ଭଡ଼ା ଚୁକ୍ତିନାମାକୁ ବାଧ୍ୟତାମୂଳକ ସହିତ ଦୁଇମାସର ଭଡ଼ାରେ ଆବାସିକ ସୁରକ୍ଷା ଜମାକୁ ସୀମିତ କରାଯାଇଛି । ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ହେଉଛି ଯେ ୬୦ ରୁ ୯୦ ଦିନ ମଧ୍ୟରେ ଭଡ଼ାଟିଆ ଓ ଘରମାଲିକ ବିବାଦର ଦ୍ରୁତ ସମାଧାନ ପାଇଁ ସମର୍ପିତ 'ଭଡ଼ା ଅଦାଲତ' ସ୍ଥାପନ କରାଯିବାର ପ୍ରସ୍ତାବ ରହିଛି ।

ଏତେ ବର୍ଷ ପରେ ସରକାରଙ୍କ ଏହି ନିଷ୍ପତ୍ତି ସୂଚାଇ ଦେଉଛି ଯେ ଘର ମାଲିକ ଓ ଭଡ଼ାଟିଆ ବିବାଦ ଏବେ ଆଉ ବ୍ୟକ୍ତିଗତ ସମସ୍ୟା ନୁହେଁ । ଜମି ଓ ସମ୍ପତ୍ତି ବିବାଦର ବ୍ୟାପକ ବର୍ଗରେ ଆସୁଥିବା ଏହି ବିବାଦ ହେଉଛି ଭାରତରେ ନ୍ୟାୟିକ ବ୍ୟବସ୍ଥାର ଏକ ବଡ଼ ଅଂଶ । ଅଣଅନୁଷ୍ଠାନିକ ତଥ୍ୟ ଅନୁଯାୟୀ ଭାରତରେ ପ୍ରାୟ ଚାରି କୋଟିରୁ ଅଧିକ ଘରମାଲିକ ଓ ଭଡ଼ାଟିଆଙ୍କ ବିବାଦ ଅଦାଲତମାନଙ୍କରେ ଗଡ଼ୁଛି । ଏହି ପରିପ୍ରେକ୍ଷୀରେ କିଛିଦିନ ତଳେ ସର୍ବୋଚ୍ଚ ନ୍ୟାୟାଳୟ ଏକ ରାୟରେ ପ୍ରକାଶ କରିଥିଲେ ଯେ 'ଘରମାଲିକ ଓ ଭଡ଼ାଟିଆ ବିବାଦ ମାମଲାଗୁଡ଼ିକ ବହୁତଦିନ ଧରି ଚାଲୁଛି, ଯାହାଦ୍ୱାରା ଉଭୟ ପକ୍ଷ ପ୍ରଭାବିତ ହେଉଛନ୍ତି । କିଛି କ୍ଷେତ୍ରରେ, ସମ୍ପତ୍ତି ଓ ଭଡ଼ା ନ ପାଇବା ଯୋଗୁଁ ଘରମାଲିକ ଚିନ୍ତାରେ ରହୁଛନ୍ତି । ଅନେକାଂଶରେ ପ୍ରଚୁର ପରିମାଣର ଟଙ୍କା ଫେରସ୍ତ ନିର୍ଦ୍ଦେଶ ଦିଆଯିବା ପରେ ଭଡ଼ାଟିଆ ମଧ ଆର୍ଥିକ ଚାପ ଅନୁଭବ କରୁଛନ୍ତି । ଏହାର ଏକ ସଂରଚନାମୂଳକ ସମାଧାନ ଆବଶ୍ୟକ ଅଛି ।' ତେଣୁ ଏହା ଏକ ସାମାଜିକ -ଆଇନଗତ ସମସ୍ୟା କହିଲେ ଅତ୍ୟୁକ୍ତି ହେବ ନାହିଁ ।

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଲୋକଙ୍କର ସହରାଭିମୁଖୀ ମାନସିକତା ଯୋଗୁଁ ଭଡ଼ାଘରର ଚାହିଦା ବଢ଼ୁଛି । ତଦନୁଯାୟୀ ଘର ନିର୍ମାଣ ହୋଇପାରୁ ନ ଥିବାରୁ ଭଡ଼ାଘର ସମସ୍ୟାର ରୂପ ନେଇଛି । ଏହି ସମସ୍ୟା ଓ ଦ୍ୱନ୍ଦ୍ୱ ଏତେ ଶୀଘ୍ର ସମାଧାନ ହେବାର ଆଶା ନାହିଁ । ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ପ୍ରାୟ ତିନି କୋଟିରୁ ଅଧିକ ଭଡ଼ାଟିଆ ଘର ମଧ୍ୟରୁ ପ୍ରାୟ ୭୯.୪% ଥିଲା ସହରାଞ୍ଚଳରେ । ପ୍ରାୟ ପନ୍ଦର କୋଟିରୁ ଅଧିକ ଲୋକ ଭଡ଼ା ଘରେ ରହୁଥିଲେ । ଅନୌପଚାରିକ ଭଡ଼ା ଘର, ଭଡ଼ାଟିଆ ବସ୍ତି ବାସିନ୍ଦା ଓ ଚୁକ୍ତିନାମା ବିନା ଭଡ଼ାଘରର ସଠିକ ଆକଳନ ୧୫ ବର୍ଷ ତଳର ଜନଗଣନାରେ ଉଲ୍ଲେଖ ନଥିଲା । ତେଣୁ ସରକାରୀ ଆକଳନ ଏବଂ ପ୍ରକୃତ ସଂଖ୍ୟାରେ ନିଶ୍ଚିତ ଭାବେ ପାର୍ଥକ୍ୟ ରହିଥିବ ।

ଭଡ଼ାଘରର ଆର୍ଥିକ କାରବାର ହେଉଛି ଏକ ସ୍ୱତନ୍ତ୍ର ଅର୍ଥନୀତି ଏବଂ ଭାରତର ସହରାଞ୍ଚଳ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହା ରେଣ୍ଟାଲ ହାଉସିଂ ମାର୍କେଟ(ଆରଏଚ୍‌ଏମ୍) ଭାବେ ପରିଚିତ । ଭାରତରେ ଏହାର ବଜାର ମୂଲ୍ୟ ଦୁଇ ଲକ୍ଷ ହଜାର କୋଟି ଟଙ୍କାରୁ ଅଧିକ । ପ୍ରତି ବର୍ଷ ଏହା ପନ୍ଦର ପ୍ରତିଶତ ହାରରେ ବୃଦ୍ଧି ପାଉଥିବା ଜଣାପଡ଼ିଛି । କିନ୍ତୁ ଏହି ଆର୍ଥିକ ହିସାବ ଉପରେ ଅନେକଙ୍କ ସନ୍ଦେହ ଅଛି । ଏହା ବାସ୍ତବ ଚିତ୍ର ନୁହେଁ, ବରଂ ଏହି ଅର୍ଥନୀତି ହେଉଛି ଏକ ହିମପାହାଡ଼ର ଶୀର୍ଷ ସଦୃଶ୍ୟ । ଚାହିଦା, ଅଭାବ ଓ ଯୋଗାଣ ଭଳି ଅର୍ଥନୀତିର ସମସ୍ତ ଉପାଦାନ ଥିବା ଏକ ସ୍ୱତନ୍ତ୍ର ବଜାର ହେଉଛି ରେଣ୍ଟାଲ ହାଉସିଂ ମାର୍କେଟ । ତେଣୁ ଏଥିରେ ଶ୍ରେଣୀ ବିବାଦ ଓ ସ୍ୱାର୍ଥର ସଂଘର୍ଷ ମଧ ରହିବା ସ୍ୱାଭାବିକ ।

ସମାଜବିଜ୍ଞାନରେ ହୋଇଥିବା କିଛି ଗବେଷଣା ଅନୁଯାୟୀ ଭାରତରେ ଘରମାଲିକ-ଭଡ଼ାଟିଆ ବିବାଦ ମୁଖ୍ୟତଃ ଭଡ଼ା ଚୁକ୍ତିନାମା ନଥିବା ଅନୌପଚାରିକ ଭଡ଼ା କ୍ଷେତ୍ରରେ ଦେଖାଯାଏ । ଭଡ଼ା ବଜାରର ପ୍ରାୟ ୭୦% ହେଉଛି ଅନୌପଚାରିକ । ତେଣୁ ଆନୁଷ୍ଠାନିକ ଚୁକ୍ତିନାମା ବିନା ରହୁଥିବା ଆର୍ଥିକ ଦୁର୍ବଳ ବର୍ଗର ଭଡ଼ାଟିଆମାନେ ଘରମାଲିକଙ୍କ ଦୟା ଉପରେ ନିର୍ଭରଶୀଳ । ସେହିପରି ଅନ୍ୟକିଛି ଅଧ୍ୟୟନଗୁଡ଼ିକରେ ଉଲ୍ଲେଖ ହୋଇଛି ଯେ ଭାରତୀୟ ଘରମାଲିକମାନେ ପ୍ରାୟତଃ ଶୋଷଣମୂଳକ ସର୍ତ୍ତାବଳୀ ଲାଗୁ କରିଥିବାରୁ ଭଡ଼ାଟିଆଙ୍କ ପାଇଁ ଆର୍ଥିକ ଓ ସାମାଜିକ ଚାପ ସୃଷ୍ଟି ହେଉଛି । ସମାଜବିଜ୍ଞାନୀମାନଙ୍କ ମତରେ ଏହି ବିବାଦ ସହରାଞ୍ଚଳ ଶାସନ ବ୍ୟବସ୍ଥାକୁ ମଧ ଅନେକାଂଶରେ ପ୍ରଭାବିତ କରୁଛି । ସମାଧାନ ନିମନ୍ତେ ପୁଲିସ, ଭଦ୍ରଲୋକ, ସାହି ମୁରବି, ଭଡ଼ାଟିଆ ଗୁଣ୍ଡା, ନେତା ଏହି ବିବାଦରେ ସାମିଲ ହେଉଛନ୍ତି ।

ଆଧୁନିକ ସମାଜଶାସ୍ତ୍ରୀମାନେ ଘରମାଲିକ ଓ ଭଡ଼ାଟିଆଙ୍କ ସମ୍ପର୍କ ଓ ବିବାଦର ଏକ ସାମାଜିକ-ସାଂସ୍କୃତିକ ଦିଗ ଉପରେ ଗବେଷଣା କରୁଛନ୍ତି । ଏହି ଅଧ୍ୟୟନଗୁଡ଼ିକ ସୂଚାଇ ଦିଏ ଯେ ଭାରତୀୟ ସହରାଞ୍ଚଳରେ ଭଡ଼ା ଘର ସାମାଜିକ ପ୍ରତ୍ୟାଖ୍ୟାନର ଏକ ପ୍ରମୁଖ ସ୍ଥାନ ହୋଇଯାଇଛି, ଯେଉଁଠାରେ ପାରମ୍ପରିକ ପଦାନୁକ୍ରମ, ପୂର୍ବାଗ୍ରହ ଓ ପକ୍ଷପାତ ସିଧାସଳଖ ଭାବେ ଘରଭଡ଼ା ବଜାରକୁ ପ୍ରଭାବିତ କରୁଛି । 'ସେଣ୍ଟର ଫର ଇକ୍ୱିଟି ଷ୍ଟଡିଜ୍ ଆଣ୍ଡ ଅର୍ବାନ ଡିସ୍କ୍ରିମିନେସନ ପ୍ରୋଜେକ୍ଟ' ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ମୁସଲମାନ, ଦଳିତ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଲୋକମାନେ ସର୍ବାଧିକ ଭଡ଼ାବୈଷମ୍ୟର ସମ୍ମୁଖୀନ ହେଉଛନ୍ତି । ଘରମାଲିକମାନେ ପ୍ରାୟତଃ 'ସାଂସ୍କୃତିକ ସୁସଙ୍ଗତତା' କିମ୍ବା 'ସ୍ୱଚ୍ଛତା' ଆଳ ଦର୍ଶାଇ ଆମିଷ ଖାଦ୍ୟ ଖାଉଥିବା ଭଡ଼ାଟିଆଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି । ଗୁଜରାଟ ଓ ମହାରାଷ୍ଟ୍ରରେ ଉଚ୍ଚ-ଜାତି କିମ୍ବା କେବଳ ନିରାମିଷ ଖାଦ୍ୟ ଖାଉଥିବା ଭଡ଼ାଟିଆଙ୍କୁ ଅଗ୍ରାଧିକାର ଦିଆଯାଏ ବୋଲି ଏହି ରିପୋର୍ଟ ଉଲ୍ଲେଖ କରିଛି ।

ଭଡ଼ାଟିଆଙ୍କୁ ସୁରକ୍ଷା ଦେବା ପାଇଁ ଭାରତରେ କେତେକ ଆଇନ ଅଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଏ ସବୁ ନିୟମ ଏକ ସୁସ୍ଥ ଭଡ଼ା ବଜାର ପାଇଁ ପ୍ରତିବନ୍ଧକ ପାଲଟିଛି । ଏଠି ଜାଣି ରଖିବାକୁ ହେବ ଯେ ଭଡ଼ା ହେଉଛି ଘରମାଲିକଙ୍କ ପାଇଁ ଏକ ନିବେଶ । ତେଣୁ ଅଧିକ ଲାଭ ଆଶା କରିବା ସ୍ୱାଭାବିକ । କିନ୍ତୁ ଭଡ଼ାଟିଆ ବିବାଦ ଏବଂ କ୍ଷତିର ଭୟ ଯୋଗୁଁ ଭାରତରେ ଦୁଇକୋଟିରୁ ଅଧିକ ଘର ଭଡ଼ାରେ ଲାଗିପାରିନାହିଁ ବା ଖାଲି ପଡ଼ିଛି । ପୃଥିବୀର ପ୍ରାୟ ସମସ୍ତ ଦେଶରେ ପାରମ୍ପରିକ ଭଡ଼ା ତତ୍ତ୍ୱ ଏକ 'ବଣ୍ଟନ ପରିଣାମ' ରେ ପର୍ଯ୍ୟବସିତ । ଏହାର ଅର୍ଥ ହେଉଛି କିଏ ଭଡ଼ା ଦେବ ଏବଂ କିଏ ଲାଭ ପାଇବ ତାହା ହିଁ ଏହି ଅର୍ଥନୀତିର ଗତିଶୀଳତାକୁ ନିର୍ଣ୍ଣୟ କରେ । ଏହି ଧାରଣା ଯୋଗୁଁ ଅନେକ ସମୟରେ ଘରମାଲିକ ଓ ଭଡ଼ାଟିଆଙ୍କ ସମ୍ପର୍କ କେବଳ ଆର୍ଥିକ ନେଣଦେଣ ମଧ୍ୟରେ ସୀମିତ ରହିଯାଉଛି । ଉଦାହରଣ ସ୍ୱରୂପ କୋଭିଡ ମହାମାରୀ ଭଳି ବିପର୍ଯ୍ୟୟ ସମୟରେ ଏହି ବିବାଦ ତୀବ୍ର ହୋଇଥିଲା ।

ସୁରକ୍ଷିତ ରହିବା ପାଇଁ ଅନେକ ଭଡ଼ାଟିଆଙ୍କୁ ଘରୁ ବାହାର କରାଯାଇଥିଲା ବୋଲି କିଛି ରିପୋର୍ଟ ଉଦବେଗ ପ୍ରକାଶ କରିଥିଲେ । ଘର ମାଲିକର କଟୁ କଥା ବା ସମ୍ପର୍କରେ ପୂର୍ଣ୍ଣଚ୍ଛେଦର ଭାବନା ନୁହେଁ ବରଂ ଭଡ଼ାଟିଆଙ୍କୁ ନୂଆ ଆର୍ଥିକ ସର୍ତ୍ତ ସହ ପୁନଃ ବାସସ୍ଥାନ ଖୋଜିବା ଓ ସ୍ଥାନାନ୍ତରର ଚିନ୍ତା ବେଶୀ ଚାପଗ୍ରସ୍ତ କରିଦିଏ । ମାନବିକତା କିମ୍ବା ସହାନୁଭୂତି ଖୋଜିବା ନିରର୍ଥକ । କାରଣ ଆଧୁନିକ ସ୍ଥିତିରେ ଏହା ଚାହିଦା ଓ ଯୋଗାଣ ତତ୍ତ୍ୱ ଉପରେ ଆଧାରିତ । କେବଳ ଘରମାଲିକ ପାଖେ ସହାନୁଭୂତି ଖୋଜିଲେ ହେବନି । ବିବାଦ ପାଇଁ ଭଡ଼ାଟିଆମାନେ ମଧ ଅନେକ କ୍ଷେତ୍ରରେ ଦାୟୀ । ଠିକ ସମୟରେ ଭଡ଼ା ନ ଦେବା କିମ୍ବା ବିଳମ୍ବରେ ଭଡ଼ା ଦେବା ହେଉଛି ଏକ ପ୍ରମୁଖ କାରଣ । ଯାହାଫଳରେ ମାଲିକଙ୍କ ଉପରେ ଆର୍ଥିକ ଚାପ ଓ ପରସ୍ପର ମଧ୍ୟରେ ଅବିଶ୍ୱାସ ସୃଷ୍ଟି ହୁଏ । ସେହିପରି ଖରାପ ରକ୍ଷଣାବେକ୍ଷଣ, ଆବାସିକ ସ୍ଥାନର ବାଣିଜ୍ୟିକ ବ୍ୟବହାର ଏବଂ ଭଡ଼ାଘରର ଅପବ୍ୟବହାର ହେଉଛି ବିବାଦର ଅନ୍ୟକିଛି ପ୍ରମୁଖ କାରଣ ।

'ମନିଲାଇଫ୍ ଫାଉଣ୍ଡେସନ୍'ର ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ରିପୋର୍ଟ ହୋଇଥିବା ଘରମାଲିକ-ଭଡ଼ାଟିଆ ବିବାଦ ମଧ୍ୟରୁ ୩୮.୫% ହେଉଛି କେବଳ ରକ୍ଷଣାବେକ୍ଷଣ ଏବଂ ଭଡ଼ା ସମସ୍ୟା ଜନିତ । ଏହାବ୍ୟତୀତ ଘରଭଡ଼ାରେ ଦେଇଥିବା ସୁରକ୍ଷା ଜମା ରାଶି ଫେରସ୍ତକୁ ନେଇ ମଧ ବିବାଦ ହେବାର ଅନେକ ନଜିର ଅଛି । କେତେକ ସ୍ଥଳରେ ଭଡ଼ାଟିଆମାନେ ଭଡ଼ାଘରକୁ ଅକ୍ତିଆର ପାଇଁ ନ୍ୟାୟାଳୟର ଆଶ୍ରୟ ନେଉଥିବା ପରି ଘଟଣାକୁ ଅଣଦେଖା କରାଯାଇପାରିବ ନାହିଁ । 'ଜ୍ୟୋତି ଶର୍ମା ବନାମ ବିଷ୍ଣୁ ଗୋୟଲ' ମାମଲାର ଐତିହାସିକ ରାୟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ମତ ରଖିଥିଲେ ଯେ ଜଣେ ଭଡ଼ାଟିଆ ତାଙ୍କ ରହଣିର ଅବଧି ନିର୍ବିଶେଷରେ, ପ୍ରତିକୂଳ ଦଖଲ ମାଧ୍ୟମରେ କେବେବି ସମ୍ପତ୍ତିର ମାଲିକ ହୋଇପାରିବେ ନାହିଁ । ମାନ୍ୟବର ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଜଣେ ଭଡ଼ାଟିଆ ପାଞ୍ଚ ବର୍ଷ ପାଇଁ କିମ୍ବା ପଚାଶ ବର୍ଷ ଧରି ରହିଥିଲେ ମଧ ଘରମାଲିକମାନଙ୍କର ଆଇନଗତ ଅଧିକାର ବଜାୟ ରହିବ ।

ଘରମାଲିକ ଓ ଭଡ଼ାଟିଆଙ୍କ ସ୍ୱାର୍ଥକୁ ସନ୍ତୁଳିତ କରିବା ପାଇଁ ଉଭୟ ଭାରତ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ନୂଆ ଆଇନ ଆସିଛି । କିନ୍ତୁ ଭାରତରେ ଏହାର ପ୍ରୟୋଗକୁ ନେଇ ଆଶଙ୍କା ଉପୁଜୁଛି । ତେଣୁ କେବଳ ସ୍ୱଚ୍ଛ ନିୟମାବଳୀ ନୁହେଁ; ବରଂ ସାମାଜିକ ବିଶ୍ୱାସ ମାଧ୍ୟମରେ ଏହାର ସମାଧାନ ସମ୍ଭବ ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଦୁଇ ବର୍ଷ: ବଢ଼ିଛି କେତେ, ଛିଡ଼ିଛି କେତେ?

**ହିମାଂଶୁ ଶେଖର ତ୍ରିପାଠୀ**

ଇତିମଧ୍ୟରେ ଆମ ରାଜ୍ୟର ବିଜେପି ସରକାର ଦୁଇବର୍ଷ ପୂରଣ କରିସାରିଛି । ଦୀର୍ଘ ୨୫ ବର୍ଷରେ ଅନେକ ସଫଳତା ପାଇଥିବା ଏବଂ ଗରିବ କଲ୍ୟାଣ ଦିଗରେ ସାରା ଦେଶରେ ଚର୍ଚ୍ଚିତ ହୋଇଥିବା ବିଜେଡି ଭଳି ଏକ ଦଳକୁ କ୍ଷମତାରୁ ହଟାଇବା କଷ୍ଟସାଧ୍ୟ ଥିଲା । କିନ୍ତୁ ରାଜନୈତିକ ବିଶେଷଜ୍ଞମାନଙ୍କ ସମସ୍ତ ଆକଳନକୁ ଭୁଲ ପ୍ରମାଣିତ କରିଥିଲା ୨୦୨୪ର ସାଧାରଣ ନିର୍ବାଚନ । ଶିକ୍ଷା, ସୁରକ୍ଷା ଓ ରୋଜଗାର ସହିତ ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଲଢ଼େଇ ଭିତରେ ଯେଉଁ ପରିବର୍ତ୍ତନ ଭୋଟ ଆସିଲା ଏବଂ ଯେଉଁ ପ୍ରତିଶ୍ରୁତିକୁ ନେଇ ସରକାର କ୍ଷମତାକୁ ଆସିଲା ତାହା କେତେ ପୂରଣ ହେଲା ଆମେ ସମସ୍ତେ ଅବଗତ ଅଛନ୍ତି ।

ଅନୁକୂଳ ପରିସ୍ଥିତିରେ ସରକାରଙ୍କ ଜନକଲ୍ୟାଣ ଯୋଜନାକୁ ଶ୍ରେୟ ଦେବା ଆମ କର୍ତ୍ତବ୍ୟ । ରାଜ୍ୟ ସରକାର 'ବିକଶିତ ଓଡ଼ିଶା' ଗଠନ ସଂକଳ୍ପ ସହ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩.୧୦ ଲକ୍ଷ କୋଟି ଟଙ୍କାର ଏକ ଐତିହାସିକ ବଜେଟ୍ ଉପସ୍ଥାପନ କରିଛନ୍ତି । ଓଡ଼ିଶା ଇତିହାସରେ ଏହା ସର୍ବବୃହତ ବଜେଟ୍ ହୋଇଥିବା ବେଳେ ଏଥିରେ ଭିତ୍ତିଭୂମି ବିକାଶ, କୃଷି ଓ ମହିଳା ସଶକ୍ତୀକରଣକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି । 'ସୁଭଦ୍ରା' ଯୋଜନା, ଧାନର ଏମ୍‌ଏସ୍‌ପି ବୃଦ୍ଧି ସହ ସହାୟତା ପ୍ରଦାନ, ଶିକ୍ଷା କ୍ଷେତ୍ରରେ କେଜିରୁ ପିଜି ମାଗଣା ଶିକ୍ଷା, ନିଯୁକ୍ତି ବୟସ ସୀମା ବୃଦ୍ଧି, ଜନଶୁଣାଣି ଆଦି ପଦକ୍ଷେପ ସରକାରଙ୍କୁ ଲୋକାଭିମୁଖୀ କରୁଛି ବୋଲି ଶାସକ ଦଳ ପକ୍ଷରୁ ଉଦ୍‌ଘୋଷଣା କରାଯାଇଛି ।

ଅପରପକ୍ଷରେ ଏହି ଦୁଇ ବର୍ଷରେ ଅନେକ ଘଟଣା ଘଟିବା ସରକାରଙ୍କୁ ବଦନାମ କରିଛି । କିଛିଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ଫାଇଲ ହଜିବା ରହସ୍ୟମୟ ଲାଗୁଛି । ଆଜି ଅନେକ ସ୍ଥାନରେ ଭିଡ଼ ହିଂସା ବଢ଼ିବାରେ ଲାଗିଛି । ପୂର୍ବତନ ରାଜ୍ୟପାଳଙ୍କ ପୁଅ ପ୍ରଶାସନ କର୍ମଚାରୀଙ୍କୁ ଶାରୀରିକ ନିର୍ଯାତନା ଦେବାର ତଦନ୍ତ ଯେ କେଉଁ ଆଡ଼େ ଗଲା ଜନତାଙ୍କୁ ଜଣାନାହିଁ । ସରକାର ଦଳରେ ରହି ପ୍ରଶାସନର ଲୋକଙ୍କୁ ଧମକ ଦେବା ଏବେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି । ସଦ୍ୟ ସଦ୍ୟ ପ୍ରକାଶିତ ୩୮୦ କୋଟି ଟଙ୍କାର ବ୍ୟୟରେ ମୁଦ୍ରିତ ପାଠ୍ୟ ପୁସ୍ତକରେ ପାଖାପାଖି ୧୭୦୦ ଭୁଲ୍‌ରୁ କେଉଁ ଭଳି ଭାବେ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି ସ୍ପଷ୍ଟ ପ୍ରତୀୟମାନ ହେଉଛି । ନିଯୁକ୍ତି କ୍ଷେତ୍ରରେ କେତେବେଳେ ପେପର ଲିକ ତ କେତେବେଳେ ନିଯୁକ୍ତି କେଳେଙ୍କାରୀ । ଅବଶ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଘୋଷଣା ହେଉଛି । କିନ୍ତୁ ସେ ଭିତରେ ଅନେକ ବଡ଼ମାଛ ଖସି ଯାଉଛନ୍ତି, ଯାହାକୁ ଧରିବା ଆବଶ୍ୟକତା ରହିଛି । ଖଣି ଦୁର୍ନୀତିରେ ସମାନ ଅବସ୍ଥା । ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ପାଇଁ ଅନେକ ସମୟରେ ଚୋରାଚାଲାଣ ହେଉଥିବା ବେଳେ ଅନେକ ସମୟରେ ବାଲି ମାଫିଆଙ୍କ ଅତ୍ୟାଚାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଖରାପ କରୁଛି । ଗରିବ କଲ୍ୟାଣ ଦିଗରେ ପ୍ରାୟ ୨ ରୁ ୩ ମାସ ହେବ ଭତ୍ତା ପ୍ରଦାନ ନ କରିବା ରାଜ୍ୟ ସରକାରଙ୍କ ଭାବମୂର୍ତ୍ତି ବିଗାଡ଼ି ଦେଇଛି । ଲୋକେ ଏବେ କହୁଛନ୍ତି ଆମେ ଭାବିଥିଲେ କ'ଣ ହେଉଛି କ'ଣ?

ପ୍ରଥମ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଏକ ପ୍ରହସନ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଆଜି ପୁଣି ସେହି ଅବସ୍ଥା । ନିଷ୍ପତ୍ତି ନେବା ପୂର୍ବରୁ ଦୂରଦୃଷ୍ଟି ରଖିବା ଆବଶ୍ୟକ ରହିଛି । ରାଜ୍ୟରେ ଜେନ-ଜେଡ୍ ଭୋଟର ସଂଖ୍ୟା ପାଖାପାଖି ୭୦ ଲକ୍ଷ । ଯିଏ ଏହି ବର୍ଗର ଭୋଟରଙ୍କୁ ଅଧିକ ଆକୃଷ୍ଟ କରୁଛି ସେ ନିର୍ବାଚନ ମଇଦାନରେ ବିଜୟ ସମ୍ଭାବନା ଅଧିକ ଆଶା କରୁଛି । ଏହାକୁ ଆଖି ଆଗରେ ରଖି ସଂଗଠନର ବିଚାରଧାରା ପରିବର୍ତ୍ତେ ନେତା ମନ୍ତ୍ରୀ ବିଭିନ୍ନ ସମୟରେ ନିଜର ଚାଟୁକାର ସଜାଇବା ଦେଖିବାକୁ ମିଳୁଛି । ଏହାଦ୍ୱାରା ଆଗାମୀ ଦିନରେ ନେତୃତ୍ୱ ବଦଳରେ ଗୋଲାମୀ ପ୍ରଥା ଦେଖିବାକୁ ମିଳିବ ବୋଲି ଆଶଙ୍କା କରାଯାଉଛି । ଆଜିକାଲି ଏମିତି ବି ଦେଖା ଗଲାଣି ଯେ ଦୁର୍ନୀତି ଭ୍ରଷ୍ଟାଚାର କରି ଯେଉଁ ଲୋକଙ୍କୁ ଶାସନ ଗାଦିରୁ ହଟାଇଲେ, ସେମାନେ ଆଜି ପୁଣି ସରକାର ଦଳର ଛତ୍ରଛାୟା ତଳେ । ଯିଏ ପ୍ରତିକୂଳ ପରିସ୍ଥିତିରେ ଅନେକ ବଦନାମ କରିଥିଲେ ଆଜି ଅନୁକୂଳ ପରିସ୍ଥିତିରେ କିପରି ସଂଗଠନକୁ ସଶକ୍ତ କରିବେ ତାହା ପ୍ରଶ୍ନବାଚୀ? ଏ କଥା ଅସ୍ୱୀକାର କରିବାର ନାହିଁ ଯେ ଗତ ଦୁଇବର୍ଷରେ କାର୍ଯ୍ୟକ୍ଷେତ୍ରରେ କୌଣସି ପ୍ରକୃତ ବା ଗୁଣାତ୍ମକ ପରିବର୍ତ୍ତନ ହୋଇନାହିଁ । ଭିତରର ବ୍ୟବସ୍ଥା ଜରାଜୀର୍ଣ୍ଣ ଓ ଦୁର୍ନୀତିଗ୍ରସ୍ତ ହୋଇରହିଛି । ବିଭିନ୍ନ ନିଯୁକ୍ତିର ଅହେତୁକ ବିଳମ୍ବ ଘଟୁଛି । ପରିବର୍ତ୍ତନ ପ୍ରତାରଣା ଭଳି ମନେ ହେଉଛି ।

ବିଜ୍ଞାପନ ଓ ବାହାବା ନେବାରେ ସରକାର ଅଗ୍ରଣୀ ଭୂମିକା ପରିବର୍ତ୍ତେ ପ୍ରଥମେ ନିଜ ଭୁଲକୁ ସଂଶୋଧନ କରିବା ଆବଶ୍ୟକ । 'ସଶକ୍ତ ଓଡ଼ିଶା ସମୃଦ୍ଧ ଓଡ଼ିଶା' ଗଠନରେ ବ୍ରତୀ ହେବାକୁ ମୁଖିଆ ନୀତି ପ୍ରଣୟନ ସହ ଆଲୋଚନା ଆବଶ୍ୟକ । ଦୁର୍ନୀତି ନିବାରଣ କେବଳ ପ୍ରଚାର ପ୍ରସାରରେ ସୀମିତ ନ ରହି ତୃଣମୂଳସ୍ତରରୁ ସ୍ଥିତି ଅନୁଧ୍ୟାନ କରିବା ଆବଶ୍ୟକ । ଆମକୁ 'ବିକାଶର ଧାରା- ଓଡ଼ିଶା ସାରା' ନୀତିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସହ ବିକଶିତ ଓଡ଼ିଶା ଗଠନରେ ସମସ୍ତଙ୍କ ପ୍ରୟାସ ହେବା ଦରକାର । ଦୁଇ ବର୍ଷରେ ହୋଇଥିବା ବିକାଶର ଦୁଇ ଗୁଣା ବୃଦ୍ଧି ହେବା ସହ 'କାମନା ନୁହେଁ କର୍ମ', 'ପ୍ରତିଷ୍ଠା ନୁହେଁ ପରାକାଷ୍ଠା', 'ଆସକ୍ତି ନୁହେଁ ଆସ୍ଥା' ସର୍ବଦା ଆମ ସମସ୍ତଙ୍କ ଧ୍ୟେୟ ହେଉ ।

ଆସିକା, ମୋ: ୮୬୩୭୨୧୫୦୮୨

# ଶ୍ରୀପୁରୁଷୋତ୍ତମଙ୍କ ରତ୍ନଭଣ୍ଡାର

**ଚାରଣ ବସନ୍ତ ପଣ୍ଡା**

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



*ପୂର୍ବପ୍ରକାଶିତ ଉତ୍ତାରୁ...*

ରତ୍ନଭଣ୍ଡାର ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାର ମଧ୍ୟରେ ରହୁଥିଲା । ଭିତର ଭଣ୍ଡାର ଦୁଇଟି କୋଳପ(ତାଲା) ପଡ଼ି ଯଥାକ୍ରମେ ତାହାର ଚାବି ମନ୍ଦିର ସୁପରିଟେଣ୍ଡେଣ୍ଟ, ଭଣ୍ଡାର ନାୟକ ଓ ଭଣ୍ଡାର ମେକାପ ପାଖରେ ରହୁଥିଲା । ଏଥିରେ ଥିବା ସମସ୍ତ ସମ୍ପତ୍ତିର ତାଲିକା ପ୍ରସ୍ତୁତ ହୋଇ ରହୁଥିଲା । ଶ୍ରୀଜୀଉଙ୍କ ବିଭିନ୍ନ ବେଶ ତଥା ଅନ୍ୟାନ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରର ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ସେବକ ଓ ରାଜ ପ୍ରତିନିଧିଙ୍କ ଉପସ୍ଥିତିରେ ଅଳଙ୍କାର ତଥା ଦ୍ରବ୍ୟ ସକଳ ବାହାର କରାଯାଇ କାର୍ଯ୍ୟ ସମାପନାନ୍ତେ ଯଥାଯଥ ଭାବରେ ରଖାଯାଉଥିଲା । ୧୮୦୫ ମସିହା ପୂର୍ବରୁ ରତ୍ନ ଭଣ୍ଡାରରେ ଥିବା ସମସ୍ତ ରତ୍ନର ତାଲିକା ଥିଲା । ୧୮୦୫ ମସିହାରେ ତତ୍କାଳୀନ ପୁରୀ କଲେକ୍ଟର ଚାଲସ୍ ଗ୍ରୋମ ଭଣ୍ଡାର ମଧ୍ୟସ୍ଥ ସମସ୍ତ ସମ୍ପତ୍ତିର ଏକ ତାଲିକା ପ୍ରସ୍ତୁତ କରିଥିଲେ । ୧୯୦୫ ମସିହା ଫେବୃଆରୀ ୨୩ ତାରିଖରେ ରାଜକିଶୋର ଦାସ ଶ୍ରୀମନ୍ଦିରର ମ୍ୟାନେଜର ଥିବା ବେଳେ ତାଙ୍କ ତତ୍ତ୍ୱାବଧାନ ତଥା ମହନ୍ତ ଶ୍ରୀରଘୁନନ୍ଦନ ରାମାନୁଜ ଦାସ, ମାଜିଷ୍ଟ୍ରେଟ ଭିକାରୀ ମିଶ୍ର ଓ ଆବଶ୍ୟକୀୟ ପ୍ରଧାନ ସେବକମାନଙ୍କ ଉପସ୍ଥିତିରେ ତାଲିକା ପ୍ରସ୍ତୁତ ହୋଇ ଥିଲା । ୧୯୧୩ ମସିହାରେ ରାଜ କିଶୋର ଦାସ ପୁନର୍ବାର ଶ୍ରୀମନ୍ଦିରର ମ୍ୟାନେଜର ନିଯୁକ୍ତ ହେବା ପରେ ଶ୍ରୀଜୀଉଙ୍କ ଭାଙ୍ଗି ଯାଇଥିବା ଅଳଙ୍କାରଗୁଡ଼ିକୁ ଗଢ଼ାଇ ଥିଲେ । ସେ ସମୟରେ ମଧ ଏକ ତାଲିକା ପ୍ରସ୍ତୁତ ହୋଇଥିଲା । ୧୯୨୬ ମସିହାରେ ଗଜପତି ରାମଚନ୍ଦ୍ର ଦେବ ଶ୍ରୀମନ୍ଦିରର ସୁପରିଟେଣ୍ଡେଣ୍ଟ ହେବା ପରେ ଭଣ୍ଡାରର ସମସ୍ତ ଦ୍ରବ୍ୟ ମାନ ତଦାରଖ କରି ପୂର୍ବ ତାଲିକାକୁ ମିଳାଇ ଦେଖାଗଲା ଯେ ସାମାନ୍ୟ କିଛି ଅଳଙ୍କାରକୁ ଛାଡ଼ିଦେଲେ ପ୍ରାୟସବୁ ଠିକ୍ ଅଛି । ତାହାପରେ ସେ ସେଥିରେ ସ୍ୱାକ୍ଷର କରିଥିଲେ । ପରବର୍ତ୍ତୀ କାଳରେ ରତ୍ନ ଭଣ୍ଡାରରୁ କେତେକ ଅଳଙ୍କାର ବାହାରକୁ ଚାଲି ଯାଉଥିବାର ଖବର ତା୧୧.୯.୧୯୪୪ ମସିହା ଖବରକାଗଜ (ସମାଜ) ରେ ପ୍ରକାଶିତ ହୋଇଥିଲା ବୋଲି ଶ୍ରୀଯୁକ୍ତ ପ୍ରଫେସର୍ ସୁରେନ୍ଦ୍ର ନାଥ ଦାଶ 'ଶ୍ରୀମନ୍ଦିରର ରତ୍ନ ଭଣ୍ଡାର' ପୁସ୍ତକର ପୃ- ୯ ରେ ଉଲ୍ଲେଖ କରିଛନ୍ତି ।

ରାଜ୍ୟ ସରକାର ଶ୍ରୀପୁରୁଷୋତ୍ତମ ଜଗନ୍ନାଥଙ୍କ ମନ୍ଦିର ପରିଚାଳନା ଭାର (ପ୍ରଶାସନିକ) ୧୯୬୦ ମସିହାରେ ନେବା ପୂର୍ବରୁ ସ୍ପେଶାଲ ଅଫିସର ଲକ୍ଷ୍ମଣ ପଣ୍ଡାଙ୍କ ଦ୍ୱାରା ୧୯୫୨ ମସିହା ଶ୍ରୀମନ୍ଦିର (ପ୍ରଶାସନ) ଅଧିନିୟମ ବ୍ୟବସ୍ଥା ଅନୁଯାୟୀ ଭିତର ଭଣ୍ଡାର ଓ ବାହାର ଭଣ୍ଡାରରେ ଥିବା ସମସ୍ତ ସୁନା, ରୁପା, ହୀରା , ନୀଳା, ମୋତି , ମାଣିକ୍ୟ ଆଦି ଅଳଙ୍କାର ସଙ୍ଗକୁ ଆସବାବପତ୍ରର ଏକ ତାଲିକା ପ୍ରସ୍ତୁତ ହେଲା । ବୋଧହୁଏ ସେହି ତାଲିକା ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ପ୍ରକାଶିତ ହୋଇଛି । ତାଲିକାରେ ବାହାର ଓ ଭିତର ଭଣ୍ଡାରର ଅଲଗା ଅଲଗା ତାଲିକା ଅଛି । ବର୍ତ୍ତମାନ କେବଳ ବ୍ୟବହାରିକ ରତ୍ନ ଅଳଙ୍କାର ବାହାର ଭଣ୍ଡାରରେ ଭଣ୍ଡାର ମେକାପ ଜିମା ରହେ ଏବଂ ସେ ତହିଁର ରସିଦ ଦିଅନ୍ତି । ଭିତର ଭଣ୍ଡାରରେ ଦୁଇଟି ତାଲା ପଡ଼ିଥାଏ । ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ୧୯୩୦ ଠାରୁ ଉଭୟ ତାଲାର ଚାବି ରାଜାଙ୍କଠାରେ ରହିଥିବାର ଉଲ୍ଲେଖ ରହିଛି । ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ ୧୯୬୦ ଡିସେମ୍ବର ୨୭ ରେ ରାଜ୍ୟ ସରକାର ଏକ କମିଟି ଗଠନ କରି ମନ୍ଦିର ପରିଚାଳନା ପାଇଁ ପ୍ରଶାସନକୁ ଦାୟିତ୍ୱ ଦେଲେ । ତା'ପରଠାରୁ ଏହି ତାଲା ଚାବି ମନ୍ଦିର ପ୍ରଶାସନ ପାଖରେ ରହିଥିବା କୁହାଯାଏ । ୧୯୭୮ ମସିହାରେ ଓଡ଼ିଶାର ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିସକ୍ରମେ ରତ୍ନଭଣ୍ଡାରର ତାଲିକା ନିୟମ ୫(୧)ଓ(୩) ଅନୁସାରେ ଶ୍ରୀମନ୍ଦିର ପ୍ରଶାସକ ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ୧୩.୫.୧୯୭୮ ଠାରୁ ୨୩.୭.୧୯୭୮ ମଧ୍ୟରେ ତାଲିକା ପ୍ରସ୍ତୁତ କରି ସତ୍ୟବାଦୀ ପ୍ରେସ ଦ୍ୱାରା ମୁଦ୍ରିତ ତାଲିକା ପ୍ରକାଶ କରିଥଲେ । ପରବର୍ତ୍ତୀ କାଳରେ ରତ୍ନଭଣ୍ଡାର ଛାତ ଓ କାନ୍ଥରୁ ପାଣି ଝରିବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇବାରୁ ୨୦୧୮ ମସିହାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଉଚ୍ଚସ୍ତରୀୟକମିଟି ମାର୍ଚ୍ଚ୨୮, ୨୦୧୮ ରେ ରତ୍ନଭଣ୍ଡାରକୁ ପ୍ରବେଶ କରିଥିଲେ ମଧ ଚାବି ନମିଳିବା କାରଣରୁ ଭଣ୍ଡାରର ଉପଯୁକ୍ତ ପରୀକ୍ଷା ନିରୀକ୍ଷା ହୋଇ ପାରି ନ ଥିବା ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ରଘୁବୀର ଦାସ କମିଶନ ଏ ସମ୍ବନ୍ଧରେ ଗଠନ କରାଯାଇ ଥିଲେ ମଧ ମାନ୍ୟବର କମିଶନଙ୍କ ରିପୋର୍ଟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ ହୋଇ ନାହିଁ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ୨୦୨୫ରେ ନବଗଠିତ କମିଟି ରତ୍ନଭଣ୍ଡାର ଯାଞ୍ଚ କରିବା ସହିତ ଗଣତି ମଣତି ଆରମ୍ଭ ହେବ ବୋଲି ସୂଚନା ମିଳିଛି ।

ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରତ୍ନଭଣ୍ଡାରକୁ ନେଇ ବହୁ ଅଲୌକିକ ଗାଥା ଶୁଣିବାକୁ ମିଳେ । ତେଣୁ ସେହି ବୈଚିତ୍ର୍ୟମୟ ଅମୂଲ୍ୟ ଭଣ୍ଡାରର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦେଇ ଯଥା ସମୟରେ ଉଚିତ ପଦକ୍ଷେପ ଗ୍ରହଣ କରି ଏହାର ପୂର୍ବ ମହତ୍ୱ ଓ ଗରିମାକୁ ଅକ୍ଷୁଣ୍ଣ ରଖିବାକୁ ବିନମ୍ର ନିବେଦନ । (ସମାପ୍ତ)

ଜୟ ଜଗନ୍ନାଥ
ନୟାଗଡ଼, ମୋ: ୯୧୩୭୦୯୫୨୪୯



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

### ଗାଡ଼ିର ମାଲିକାନା ବଦଳ ପ୍ରସଂଗ

## ଜାଲ୍ କାଗଜପତ୍ର କ୍ଷେତ୍ରରେ ଉତ୍ତରଦାୟୀ ହେବେ ସମ୍ପୃକ୍ତ ଅଧିକାରୀ

କଟକ,୯।୭(ସମିସ): ରାଜ୍ୟରେ ଗାଡ଼ି ପଞ୍ଜୀକରଣ, ମାଲିକାନା ବଦଳ ଏବଂ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ କଡ଼ାକଡ଼ି କରିବା ପାଇଁ ରାଜ୍ୟ ପରିବହନ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଣିକି ଆବେଦନକାରୀଙ୍କ ପରିଚୟ, ଠିକଣା ଏବଂ ଆଞ୍ଚଳିକ ଯୋଗ୍ୟତାର ସଠିକ୍ ଯାଞ୍ଚ ନ କରି କୌଣସି ବି ଗାଡ଼ିର ଉପରୋକ୍ତ କାର୍ଯ୍ୟ କରାଯାଇପାରିବ ନାହିଁ। ନିକଟରେ ଘଟିଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାକୁ ଭିତ୍ତିକରି ପରିବହନ ବିଭାଗ ଏହି ନିଷ୍ପତ୍ତି ନେଇଛି। ଉକ୍ତ ଘଟଣାରେ ଜଣେ କ୍ରେତାଙ୍କ ଆଧାର କାର୍ଡ଼ ଠିକଣା ଅନ୍ୟ ଏକ ରାଜ୍ୟର ଥିବା ବେଳେ, ଫର୍ମ ୨୯ ଓ ୩୦ରେ ଓଡ଼ିଶାର ଏକ ସ୍ଥାନୀୟ ଠିକଣା ଦର୍ଶାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଗାଡ଼ିଟି ବିନା ଫିଟନେସ୍, ପରମିଟ୍, ଟ୍ୟାକ୍ସ ଏବଂ ଇନସ୍ୟୁରାନ୍ସରେ ଚାଲୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ମାଲିକଙ୍କୁ ନୋଟିସ ପଠାଯିବା ସତ୍ତ୍ୱେ ତାହା ଅପହଞ୍ଚ ହୋଇ ଫେରିଆସିଥିଲା। ଏଭଳି ସମସ୍ୟାକୁ ଏଡ଼ାଇବା ପାଇଁ ପରିବହନ କମିସନର ସମସ୍ତ ଆରଟିଓ ଓ ଅତିରିକ୍ତ ଆରଟିଓମାନଙ୍କୁ ସତର୍କ କରାଇ ଦେଇଛନ୍ତି। ଆବେଦନକାରୀ ଅପଲୋଡ୍ କରିଥିବା ସମସ୍ତ କାଗଜପତ୍ର ସ୍ୱ-ପ୍ରମାଣିତ ହେବା ଅନିବାର୍ଯ୍ୟ। ନାମ, ବାପାଙ୍କ ନାମ, ମୋବାଇଲ ନମ୍ବର କିମ୍ବା ଜନ୍ମ ତାରିଖରେ ସାମାନ୍ୟ ଅମେଳ ଥିଲେ ଆବେଦନ ନାକଚ କରିଦିଆଯିବ। ଯେଉଁ କାର୍ଯ୍ୟଗୁଡ଼ିକ ଆଧାର ମାଧ୍ୟମରେ ହେଉଛି, ତାହାର ସଠିକତା ଯାଞ୍ଚ କରାଯିବ। ଅଣଆଧାର କାର୍ଯ୍ୟ ପାଇଁ ମୂଳ କାଗଜପତ୍ରର ଯାଞ୍ଚ କରାଯିବ। ଯଦି କୌଣସି ବାହାର ରାଜ୍ୟର ବ୍ୟକ୍ତି ଓଡ଼ିଶାରେ ଗାଡ଼ିର ମାଲିକାନା ବଦଳ କିମ୍ବା ପଞ୍ଜୀକରଣ କରୁଛନ୍ତି, ତେବେ ଆରଟିଓ ସେହି ସ୍ଥାନୀୟ ଠିକଣାର ସତ୍ୟାସତ୍ୟ ଭଲଭାବେ ଯାଞ୍ଚ କରିବେ। ଅନ୍ୟ କାହାର ପରିଚୟ ପତ୍ର ବ୍ୟବହାର କରି ଗାଡ଼ି କିଣାବିକା କରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଲାଇସେନ୍ସ ନବୀକରଣ କିମ୍ବା ଠିକଣା ବଦଳାଇବା ସମୟରେ ସ୍ଥାନୀୟ ବାସିନ୍ଦା ହୋଇଥିବା ପ୍ରମାଣପତ୍ର ଜରୁରୀ। କେବଳ ଅନ୍ୟ ଜଣଙ୍କ ଠିକଣାକୁ ଆଧାର କରି ଡିଏଲରେ ଠିକଣା ପରିବର୍ତ୍ତନ କରାଯାଇପାରିବ ନାହିଁ। ଯଦି କୌଣସି ବ୍ୟକ୍ତି ଗାଡ଼ି ପଞ୍ଜୀକରଣ କିମ୍ବା ଡ୍ରାଇଭିଂ ଲାଇସେନ୍ସ ପାଇଁ ଜାଲ୍ କାଗଜପତ୍ର ଦେଇଥିବା ଜଣାପଡ଼େ, ତେବେ ଉକ୍ତ ଆରସି ଓ ଡିଏଲକୁ ରଦ୍ଦ କରାଯିବା ସହ ତାଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି ଯେ 'ବାହନ' କିମ୍ବା 'ସାରଥୀ' ପୋର୍ଟାଲରେ କୌଣସି କାର୍ଯ୍ୟକୁ ଅନୁମୋଦନ କରିବା ଅର୍ଥ ହେଉଛି ସମ୍ପୃକ୍ତ ଅଧିକାରୀ କାଗଜପତ୍ରର ସଠିକତାକୁ ସ୍ୱୀକାର କରୁଛନ୍ତି। ଯଦି ଭବିଷ୍ୟତରେ କୌଣସି ଭୁଲ୍ ଅନୁମୋଦନ କିମ୍ବା ନକଲି ଠିକଣା ମାମଲା ସାମ୍ନାକୁ ଆସେ, ତେବେ ସମ୍ପୃକ୍ତ ଯାଞ୍ଚକାରୀ ଏବଂ ଅନୁମୋଦନକାରୀ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

■ ଭିଏଡବ୍ଲ୍ୟୁ ନିଯୁକ୍ତି ବିଜ୍ଞପ୍ତି ବିରୋଧ ମାମଲାରେ ପୂର୍ଣ୍ଣଚ୍ଛେଦ

## ୩ ମାସରେ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୯।୭(ସମିସ): ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସଏସଏସସି) ପକ୍ଷରୁ ଜିଲ୍ଲା କ୍ୟାଡରର ପଦବି ଭିଏଡବ୍ଲ୍ୟୁ (ଭିଲେଜ ଏଗ୍ରିକଲଚରାଲ ୱାର୍କର) ନିଯୁକ୍ତି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ରୁଜୁ ଆବେଦନର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଆବେଦନକାରୀ ସହକାରୀ ବୈଷୟିକ ପରିଚାଳକଙ୍କ ଚାକିରି ନିୟମିତ ଓ ସେମାନଙ୍କୁ ସମାନ ସ୍ତରର ଭିଏଡବ୍ଲ୍ୟୁ ପଦବିରେ ଅବସ୍ଥାପିତ କରିବା ଦାବି ଉପରେ ତିନି ମାସ ଭିତରେ ନିଷ୍ପତ୍ତି ନେବାକୁ ଇମେଜ (ଇନଷ୍ଟିଚ୍ୟୁଟ ଅନ ମ୍ୟାନେଜମେଣ୍ଟ ଅଫ ଏଗ୍ରିକଲଚରାଲ ଏକ୍ସଟେନସନ୍) ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ସ୍ମୃତିରଞ୍ଜନ ମିଶ୍ର ଓ ଅନ୍ୟ ୯ ଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତେବେ ଇତିମଧ୍ୟରେ ଓଏସଏସଏସସି ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଆଧାରରେ ଯଦି କୌଣସି ନିଯୁକ୍ତି ପ୍ରଦାନ କରାଯାଇଥିବ ତେବେ ତାହା ଇମେଜ ନିର୍ଦ୍ଦେଶକ ଆବେଦନକାରୀଙ୍କ ପ୍ରସଂଗରେ ଗ୍ରହଣ କରିବାକୁ ଥିବା ନିଷ୍ପତ୍ତିର ଫଳାଫଳ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀ ବିଭିନ୍ନ ଜିଲ୍ଲାରେ ଜିଲ୍ଲା କୃଷି ଅଧିକାରୀଙ୍କ ଅଧିନରେ ଚୁକ୍ତିଭିତ୍ତିକ ବୈଷୟିକ ପରିଚାଳକ ଭାବେ ୨୦୧୩ରୁ କାମ କରି ଆସୁଛନ୍ତି। ଆବେଦନକାରୀଙ୍କ ଚାକିରି ନିୟମିତ ଦାବିକୁ ବିଚାରକୁ ନ ନେଇ ସରକାର ଓଏସଏସଏସସି ମାଧ୍ୟମରେ ୧୮୫୬ଟି ଭିଏଡବ୍ଲ୍ୟୁ ପଦ ପୂରଣ କରିବାକୁ ପଦକ୍ଷେପ ନେଇଥିଲେ। ଭିଏଡବ୍ଲ୍ୟୁ ଓ ଅନ୍ୟ ପଦ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ଲାଗି ୨୦୨୫, ଡିସେମ୍ବର ୩୦ରେ ଓଏସଏସଏସସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୬ ବର୍ଷରୁ ଅଧିକ ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ କାର୍ଯ୍ୟ କରି ସାରିଥିବାରୁ ଚାକିରି ନିୟମିତ କରି ଭିଏଡବ୍ଲ୍ୟୁ ପଦରେ ଅବସ୍ଥାପିତ କରିବା ପାଇଁ ଆବେଦନକାରୀ ଦାବି କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରମାକାନ୍ତ ଷଡଙ୍ଗୀ ମାମଲା ପରିଚାଳନା କରୁଥିଲେ।

### ବେଆଇନ ଟୋଲ୍‌ପ୍ଲାଜା ଅତିକ୍ରମ

## ୩ ମାସରେ ୧୧,୪୦୧ ଗାଡ଼ି ନାମରେ ୪୩,୬୯୬ ଚାଲାଣ

କଟକ,୯।୭(ସମିସ): ରାଜ୍ୟରେ ବୈଧ ଫିଟନେସ୍ ପ୍ରମାଣପତ୍ର ନଥାଇ ଚାଲୁଥିବା ଗାଡ଼ିଗୁଡ଼ିକ ବିରୋଧରେ ରାଜ୍ୟ ପରିବହନ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଗତ ଏପ୍ରିଲ ୧ରୁ ଜୁନ୍ ୩୦ ପର୍ଯ୍ୟନ୍ତ ତିନି ମାସ ଅବଧି ମଧ୍ୟରେ ସମୁଦାୟ ୪୩,୬୯୬ଟି ଇ-ଚାଲାଣ ୧୧,୪୦୧ଟି ନିର୍ଦ୍ଦିଷ୍ଟ ଗାଡ଼ି ବିରୋଧରେ କଟାଯାଇଛି। ରାଜ୍ୟର

### ବାରମ୍ବାର ନିୟମ ଭାଙ୍ଗିଛନ୍ତି ୬୬୩୫ଟି ଗାଡ଼ି

ବିଭିନ୍ନ ଟୋଲ୍ ପ୍ଲାଜାରେ ଇ-ଡିଟେକ୍ସନ ପୋର୍ଟାଲ ମାଧ୍ୟମରେ କରାଯାଇଥିବା ସମୀକ୍ଷାରୁ ଏକ ଚାଂଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଏହି ତିନି ମାସ ମଧ୍ୟରେ ବିନା ଫିଟନେସରେ ଗାଡ଼ି ଚାଲୁଥିବା ନେଇ ଏହି ଗାଡ଼ିଗୁଡ଼ିକ ମଧ୍ୟରୁ ୬,୬୩୫ଟି ଗାଡ଼ି ଏଭଳି ରହିଛି ଯାହାକୁ ଏକରୁ ଅଧିକ ଥର ନିୟମ ଉଲ୍ଲଂଘନ କରୁଥିବା ଚିହ୍ନଟ କରାଯାଇଛି। ବାରମ୍ବାର ନିୟମ ଭାଙ୍ଗୁଥିବା ଏହି ଗାଡ଼ିଗୁଡ଼ିକ ପାଇଁ ୩୮,୯୩୦ଟି ଚାଲାଣ ଜାରି ହୋଇଛି। ରିପୋର୍ଟ ଅନୁସାରେ, ୨,୧୯୧ଟି ଗାଡ଼ି ୫ କିମ୍ବା ତା'ଠାରୁ ଅଧିକ ଥର, ୯୬୦ଟି ଗାଡ଼ି ୧୦ କିମ୍ବା ତା'ଠାରୁ ଅଧିକ ଥର, ୩୫୯ଟି ଗାଡ଼ି ୨୦ରୁ ଅଧିକ ଥର ଏବଂ ୩୭ଟି ଗାଡ଼ି ୫୦ ରୁ ଅଧିକ ଥର ବିନା ଫିଟନେସରେ ଟୋଲ୍ ପ୍ଲାଜା ଅତିକ୍ରମ ବେଳେ ଧରାପଡ଼ିଛନ୍ତି। ଏପରିକି କେତେକ ଗାଡ଼ି ସର୍ବାଧିକ ୭୫, ୭୬, ୭୯, ୮୦ ଏବଂ ୮୨ ଥର ପର୍ଯ୍ୟନ୍ତ ବାରମ୍ବାର ଏହି ନିୟମ ଉଲ୍ଲଂଘନ କରିଛନ୍ତି। ରାଜ୍ୟର ପ୍ରାୟ ୩୧ଟି ଟୋଲ୍ ପ୍ଲାଜାରେ ଏହି ନିୟମ ଉଲ୍ଲଂଘନ ଦେଖିବାକୁ ମିଳିଛି, ଯେଉଁଥିରେ ପ୍ରମୁଖ ଭାବେ ବଦାଳୋ/ମଙ୍ଗୁଳି ଟୋଲ୍ ପ୍ଲାଜାରେ ସର୍ବାଧିକ ୫,୨୮୧ ଟି ମାମଲା ଚିହ୍ନଟ ହୋଇଛି। ଏହା ପଛକୁ ପିପିଲି ଟୋଲ୍ ପ୍ଲାଜାରେ ୪,୮୧୬ଟି, ସେରଗଡ଼ରେ ୩,୭୬୯ଟି, ଗୁଡ଼ିପଦା/ଗଙ୍ଗାପଦାରେ ୨,୮୦୭ଟି, ସମ୍ବଲପୁର-ବରଗଡ଼ରେ ୨,୩୩୮ଟି, ଭାଗଡ଼ା ନାରାୟଣପୁରରେ ୨,୧୪୧ଟି, କାନ୍ଧାରେ ୧,୬୨୯ଟି, ଗୁରାପାଲିରେ ୧,୫୬୯ଟି, କାରାପାଡୁରେ ୧,୫୬୩ଟି ଏବଂ ଦାର୍ଜିଙ୍ଗ ଟୋଲ୍ ପ୍ଲାଜାରେ ୧,୫୦୨ ଟି ମାମଲା ସାମ୍ନାକୁ ଆସିଛି। ଏହି ପରିପ୍ରେକ୍ଷୀରେ ପରିବହନ କମିସନର ସମସ୍ତ ଆରଟିଓ, ଅତିରିକ୍ତ ଆରଟିଓ ଏବଂ ଡେପୁଟି ପରିବହନ କମିସନରଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗ ପକ୍ଷରୁ ଚାରୋଟି ଶ୍ରେଣୀରେ ନୋଟିସ୍ ଏବଂ ଏନଫୋର୍ସମେଣ୍ଟ କାର୍ଯ୍ୟାନୁଷ୍ଠାନ ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇଛି। ଯେଉଁ ଗାଡ଼ିଗୁଡ଼ିକ ୧୦ କିମ୍ବା ତା'ଠାରୁ ଅଧିକ ଥର ନିୟମ ଭାଙ୍ଗିଛନ୍ତି, ସେମାନଙ୍କୁ ପ୍ରଥମ ଶ୍ରେଣୀରେ ରଖି ୭ ଦିନ ମଧ୍ୟରେ ନୋଟିସ୍ ଏବଂ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ୫ରୁ ୯ ଥର ଉଲ୍ଲଂଘନ କରିଥିବା ଗାଡ଼ିକୁ ଦ୍ୱିତୀୟ ଶ୍ରେଣୀରେ ରଖି ୧୫ ଦିନ ମଧ୍ୟରେ, ୨ରୁ ୪ ଥର ଉଲ୍ଲଂଘନ କରିଥିବା ଗାଡ଼ିକୁ ୩୦ ଦିନ ମଧ୍ୟରେ ନୋଟିସ୍ ଦିଆଯିବ ଏବଂ ମାତ୍ର ଗୋଟିଏ ଥର ଚିହ୍ନଟ ହୋଇଥିବା ଗାଡ଼ିଗୁଡ଼ିକର ଫିଟନେସ୍ ନବୀକରଣ କରାଯିବ। ଆରଟିଓମାନେ ସ୍ଥାନୀୟ ପୁଲିସ, ହାଇୱେ ପାଟ୍ରୋଲିଂ ଏବଂ ଟୋଲ୍ ପ୍ଲାଜା କର୍ତ୍ତୃପକ୍ଷଙ୍କ ସହ ମିଶି ସ୍ପେସାଲ ଡ୍ରାଇଭ୍ କରିବେ ଏବଂ ଗାଡ଼ିଗୁଡ଼ିକୁ ଜବତ କରିବେ। ଜବତ ହୋଇଥିବା ଗାଡ଼ିଗୁଡ଼ିକ କେବଳ ଜରିମାନା ଦେଲେ ମୁକୁଳି ପାରିବେ ନାହିଁ, ବରଂ ବୈଧ ଫିଟନେସ୍, ଇନସ୍ୟୁରାନ୍ସ, ପରମିଟ୍ ଏବଂ ଟ୍ୟାକ୍ସ ପୈଠର ଲିଖିତ ପ୍ରମାଣ ଦେଖାଇବା ପରେ ହିଁ ସେମାନଙ୍କୁ ଛଡ଼ାଯିବ। ବାରମ୍ବାର ନିୟମ ଉଲ୍ଲଂଘନ କରୁଥିବା ଗାଡ଼ିଗୁଡ଼ିକର ପଞ୍ଜୀକରଣ ପ୍ରମାଣପତ୍ର ଏବଂ ପରମିଟ୍‌କୁ ରଦ୍ଦ କରିବା ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

## ୩ ମାସ ହେଲା ବନ୍ଦ ହୋଇଛି 'ଆଶୀର୍ବାଦ' ସହାୟତା

### କୋଭିଡ୍ ଅନାଥ ଛୁଆଙ୍କ ଭତ୍ତା ବନ୍ଦକୁ ନେଇ ବିଜେଡିର ପ୍ରଶ୍ନ

ଭୁବନେଶ୍ୱର,୯।୭(ସମିସ): କୋଭିଡ ମହାମାରୀ ସମୟରେ ୫୦ ହଜାରରୁ ଊର୍ଦ୍ଧ୍ୱ ପିଲା ଯେଉଁମାନେ ନିଜ ବାପା, ମାଙ୍କୁ ହରାଇଛନ୍ତି। ରାଜ୍ୟ ସରକାର

### ବାପାମାଆ ଛେଉଣ୍ଡଙ୍କ ପ୍ରତି ସରକାର ସମ୍ବେଦନହୀନ

ସେମାନଙ୍କୁ ମାର୍ଚ୍ଚ ମାସରୁ ଆର୍ଥିକ ସହାୟତା ଦେଉ ନାହାନ୍ତି। ବୟସ୍କ, ଭିନ୍ନକ୍ଷମ ଓ ବିଧବାଙ୍କୁ ଭତ୍ତା ପ୍ରଦାନରେ ବିଫଳ ହୋଇଥିବା ସରକାର ଛୋଟ ଛୋଟ ଅନାଥ ଶିଶୁଙ୍କ ସମ୍ବେଦନହୀନ ହୋଇଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି।

ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ କୋଭିଡ ମହାମାରୀ ସମୟରେ ରାଜ୍ୟର ୫୦ ହଜାରରୁ ଊର୍ଦ୍ଧ୍ୱ ଛୋଟ ଛୋଟ ଶିଶୁ ନିଜ ବାପାମାଆଙ୍କୁ ହରାଇ ଅନାଥ ହୋଇଥିଲେ। ସେମାନଙ୍କ ଲାଳନପାଳନ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶୀର୍ବାଦ ଯୋଜନା ପ୍ରଚଳନ କରି ମାସିକ ଆର୍ଥିକ ସହାୟତା ପ୍ରଦାନର



ବ୍ୟବସ୍ଥା କରିଥିଲେ। କୋଭିଡରେ ଉଭୟ ବାପାମାଆଙ୍କୁ ହରାଇଥିବା ପିଲାମାନେ ମାସିକ ୨.୫ ହଜାର ଏବଂ ଉଭୟଙ୍କ ମଧ୍ୟରୁ ଜଣଙ୍କୁ ହରାଇଥିଲେ ମାସିକ ୧.୫ ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ଏହି ମାସିକ ସହାୟତା ଅର୍ଥ ଅନାଥ ଶିଶୁମାନଙ୍କୁ ଲାଳନପାଳନ କରୁଥିବା ତାଙ୍କ ସଂପର୍କୀୟ ବା ସେ ରହୁଥିବା ଅନୁଷ୍ଠାନଙ୍କୁ ସିଧାସଳଖ ଆକାଉଣ୍ଟ ପ୍ରଦାନ କରାଯାଉଥିଲା। ଗତ ମାର୍ଚ୍ଚ ମାସଠାରୁ ଏହି ସହାୟତା ରାଶି ସରକାରଙ୍କ ପକ୍ଷରୁ ପ୍ରଦାନ କରାନଯିବାରୁ ଏହି ପିଲାମାନଙ୍କ ଲାଳନପାଳନରେ ଘୋର ସଂକଟ ସୃଷ୍ଟି ହେଉଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଆଶୀର୍ବାଦ ଯୋଜନା କାର୍ଯ୍ୟକାରୀ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିଲେ ମଧ୍ୟ ସରକାରୀ ସହାୟତା ବନ୍ଦ ହୋଇଥିବାରୁ ବର୍ତ୍ତମାନ ନିଜର ଅସହାୟତା ପ୍ରକାଶ କରୁଛନ୍ତି। ସରକାର ତୁରନ୍ତ ବକେୟା ଅର୍ଥ ରାଶି ସହ ମାସିକ ଭତ୍ତା ପ୍ରଦାନ କରିବାକୁ ବିଜେଡି ଦାବି କରିଛି।

### ଅଦାଲତ ଆଦେଶ ଅବମାନନା ମାମଲା

## ଗଣଶିକ୍ଷା ସଚିବଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ

କଟକ,୯।୭(ସମିସ): ହାଇକୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଅଦାଲତଙ୍କ ଆଦେଶ ପାଳନ କରାଯାଉ ନ ଥିବାରୁ ଉଦବେଗ ପ୍ରକାଶ କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରି ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ସହ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସସ୍ମିତା ସାହୁଙ୍କ ଦ୍ୱାରା ଦାୟର ହୋଇଥିବା ଏକ ଅଦାଲତ ଅବମାନନା ମାମଲାର ଶୁଣାଣି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅଗଷ୍ଟ ୫ରେ ମାମଲାର ପରବର୍ତ୍ତୀ ଶୁଣାଣି ଦିନ ଗଣଶିକ୍ଷା ସଚିବ ନିଜେ କୋର୍ଟରେ ଉପସ୍ଥିତ ରହି ଏହାର କାରଣ ଦର୍ଶାଇବେ। ତେବେ ଯଦି ଏହି ସମୟ ମଧ୍ୟରେ କୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରି ଦିଆଯାଏ, ତେବେ ସଚିବଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ସମାନ ସ୍ଥିତିରେ ଥିବା ଅନ୍ୟଜଣେ ଶିକ୍ଷା ସହାୟକଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ପାଇଁ ଏକ ଆଦେଶ ମାଧ୍ୟମରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିଛନ୍ତି ସରକାର। ତେଣୁ ତାଙ୍କ କ୍ଷେତ୍ରରେ ସରକାର ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିବା ଅନୁଚିତ। ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଏହାକୁ କାହିଁକି ପାଳନ କରାଯାଉନାହିଁ, ସେନେଇ ସ୍କୁଲ ଓ ଗଣଶିକ୍ଷା ସଚିବ ସ୍ପଷ୍ଟୀକରଣ ରଖିବାକୁ କହିଛନ୍ତି ଖଣ୍ଡପୀଠ।


**ଦଲିଲ ହଜିଛି**

ମମତା ପରିଡା (୪୭), ସ୍ୱାମୀ ସର୍ବେଶ୍ୱର ପରିଡା, ସଡାଙ୍ଗୋଇ ଉତ୍ତରବାଡ଼, ପୋଷ୍ଟ ସଡାଙ୍ଗୋଇ, ଥାନା ଡେଲାଙ୍ଗ, ଜିଲ୍ଲା ପୁରୀ ତା.୨୯.୦୬.୨୦୨୬ ରେ ଗାଁରୁ ଡେଲାଙ୍ଗ ତହସିଲ କାର୍ଯ୍ୟାଳୟକୁ ଆସିବା ରାସ୍ତାରେ ଡେଲାଙ୍ଗ ସବରେଜିଷ୍ଟରଙ୍କ ଦ୍ୱାରା ତା.୦୩.୦୩.୨୦୨୩ରେ ସମ୍ପାଦିତ ୧୧୫୫୨୩୦୦୧୭୫ ନମ୍ବର ଦଲିଲ ଓ କେତେକ କାଗଜପତ୍ର ଥିବା ଫାଇଲଟି ହଜିଯାଇଛି | କେହି ପାଇଥିଲେ ଉପର ଠିକଣାରେ ଜଣାଇବାକୁ ଅନୁରୋଧ|

**ହଜିଛି**

ମୁଁ, ଶ୍ରୀମତୀ ପ୍ରତିମା ସାହୁ, ସ୍ୱାମୀ: ଭଗବାନ ସାହୁ, ବାସସ୍ଥାନ ଗ୍ରାମ: ହରିପୁର, ପୋ: ବକ୍ସିବଜାର, ଜିଲ୍ଲା: କଟକ, ମୋର ଜମି ସମ୍ବନ୍ଧୀୟ ମୂଳ ଆର୍.ଓ.ଆର୍ (ପଟ୍ଟା) ଖାତା ନଂ.: ୧୫୧୦/୧୨୩, ପ୍ଲଟ୍ ନଂ.: ୮୧୦, କ୍ଷେତ୍ର: ଏକର୦.୦୩୩ ଡିସିମିଲିର ଘର ବଦଳ ସମୟରେ କେଉଁଠି ହଜିଯାଇଛି। ଏ ସମ୍ପର୍କରେ ମୁଁ ପୁରୀଘାଟ ଥାନା, କଟକରେ ଏଫଆଇଆର ଦାୟର କରିଛି ଯାହାର ଏଫଆଇଆର ପଞ୍ଜିକୃତ ସିରିଏଲ୍ ନଂ.: ୧୩, ତାରିଖ: ୦୬.୦୭.୨୦୨୬। ଯଦି କେହି ବ୍ୟକ୍ତି ଉପରୋକ୍ତ ଡକ୍ୟୁମେଣ୍ଟ ପାଆନ୍ତି ଦୟାକରି ୯୪୩୮୬୭୦୮୫୭ରେ ଯୋଗାଯୋଗ କରନ୍ତୁ।

**AFFIDAVIT**

I, MD REZA AHMED, aged about 55 years, S/o- MOHAMMED MOKIM KHAN resident of TRIJANGA COLONY, NEW SIARIA, DANAGADI, JAJPUR-755026, ODISHA, declared by this Affidavit No.2778 Dated.07.07.2026, That now onwards I shall be Known as REZA AHMED KHAN That for all future Purposes.

**ଦଲିଲ ହଜିଛି**

ମୁଁ ଶ୍ରୀମତୀ ପୂର୍ଣ୍ଣିମା ତନ୍ତୀ, ସ୍ୱାମୀ - ଉଦୟନାଥ ତନ୍ତୀ, ବୟସ -୪୬ ବର୍ଷ, ଜାତିଗତ (ସାଧାରଣ) ଭାବରେ ଗ୍ରାମ/ପୋ ହନୁମାନ ନଗର (ଗାନ୍ଧୀ ନଗର), ସେମିଲିଗୁଡ଼ା, ଥାନା ସୁନାବେଡା, ତହସିଲ- ସେମିଲିଗୁଡ଼ା, ଜିଲ୍ଲା- କୋରାପୁଟ, ଓଡ଼ିଶା, ପିନ୍- ୭୬୪୦୩୬ ଏଠାରେ ଘୋଷଣା କରୁଛି ଯେ ତାରିଖ ୨୨.୦୫.୨୦୨୬ ସକାଳ ୮:୩୦ ରୁ ୧୧:୦୦ ଟା ଭିତରେ ମୁଁ ମୋର ମୋଟର ସାଇକେଲ ଯୋଗେ ସେମିଲିଗୁଡ଼ାରୁ ଜୟପୁର ମୋର ଘରକୁ ଯାଉଥିବା ସମୟରେ, ଅରିଜିନାଲ ROR ଖାତା ନଂ. ୬୫/ ୭୮୭୮ ଏବଂ ପଞ୍ଜିକୃତ ବିକ୍ରୟ ଦଲିଲ ନଂ. ୧୧୨୨୧୨୦୦୭୩୧ ତାରିଖ ୨୬.୦୯.୨୦୧୨ ରେ ଯାହା ଶ୍ରୀଯୁକ୍ତ ରଘୁନାଥ ଖଟେଇ, ସ୍ୱର୍ଗତ ଭଗବାନ ଖଟେଇଙ୍କ ନାମ ଥିଲା, ରାସ୍ତାରେ ଉକ୍ତ ଦଲିଲଗୁଡ଼ିକ ହଜିଯାଇଛି ଏବଂ ମୋର ସର୍ବୋତ୍ତମ ଚେଷ୍ଟା ପରେ ମୁଁ ଉକ୍ତ ଦଲିଲଟି ପାଇଲି ନାହିଁ। ଯଦି କେହି ଉପରୋକ୍ତ ହଜିଯାଇଥିବା ଡକ୍ୟୁମେଣ୍ଟଗୁଡ଼ିକ ପାଆନ୍ତି, ତେବେ ଦୟାକରି ଏହି ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ୱା/- ବିକାଶ ଚନ୍ଦ୍ର ପ୍ରଧାନ

ମୋ: ୯୪୩୭୭୩୬୨୩୪୩

**AFFIDAVIT**

I, Manish Garg, S/o Laxman Prasad Garg, Resident of Bikash Lane, Po/Ps and Dist.- Boudh, Pin-762014, Odisha, declare by this Affidavit No.- 4413 dated 06 November 2025 that now onwards I shall be known as **MANISH KUMAR GARG** for all future purposes.

**AFFIDAVIT**

I SARAT CHANDRA GURU S/O ARJUN CHARAN SAHANI, RESIDENT AT- UNIT-4 BAIDYANATH NAGAR, BASUPUR, JAJPUR- 755001, ODISHA DECLARE BY THIS AFFIDAVIT NO- 10071, DT- 08.07.2026. THAT NOW ON WARDS I SHALL BE KNOWN AS **SARAT CHANDRA SAHANI** FOR ALL FEATURES PURPOSES.

**AFFIDAVIT**

By virtue of an affidavit (CF No. 18, dtd- 18.04.2026) sworn before The Executive Magistrate, Jharbandh, Dist- Bargarh. I, **Hiradhar Sidar**, S/o Radheshyam Sidar, permanent resident of Vill- Krafodganj, PO- Gothuguda, PS/Tah: Jharbandh, Dist: Bargarh, State: Odisha declare that I have changed my minor daughter's name from **Mausumi Sidar** (old name) to **Rashmita Sidar** (new name). Henceforth, she shall be known as **Rashmita Sidar** (new name) for all purposes.

**Hiradhar Sidar**

**AFFIDAVIT**

I, **MOHAMMED MASUD**, S/o Mohammed Saud resident of At- Barada, PO/PS- Korai, Dist- Jajpur, Odisha, PIN- 755022, declare by this Affidavit No 4084, dated 08/07/2026 that I have changed my name from **MOHAMAD MASUD (Old Name)** to **MOHAMMED MASUD (New Name)**. Henceforth, I shall be known as **MOHAMMED MASUD** for all purposes.

Sd- **MOHAMMED MASUD**

**AFFIDAVIT**

By virtue of an affidavit sworn before the Notary Public, Bhubaneswar on dated 07/07/2026, I **SIMRAN PATRO** W/o Suraj Kumar Patro resident of At- Plot No- 1505, Bhimeswar Marg, Lane-15, Bhimatangi, PO. Old Town, PS. Airfield, Bhubaneswar- 751002, Dist- Khordha, Odisha declare that I have changed my name from **SIMRAN PATRI** (Old Name) to **SIMRAN PATRO** (New Name). Henceforth, I shall be known as **SIMRAN PATRO** for all future purposes.

Sd- **SIMRAN PATRO**

**DADHIBAMAN DEGREE COLLEGE, TURUMUNGA**

AT/PO: Turumunga, Dist.: Keonjhar, PIN-758046

E-mail: dadhibamandegree1@gmail.com | Phone No.: 06766-238128

**Walk-in-Interview**

A Walk-in-Interview for the post of Lecturer (Management) in Political Science, Economics, History and Odia having 55% marks at the P.G. level may attend the interview with their Bio-Data and all testimonials (original and xerox) **on dated 16.07.2026 (Thursday) at 11:00 A.M. at the College Office.**

The decision of the authority is final giving the appointment and also he has the rights to reject, reschedule, or postpone the interview without any notice or reason thereof.

**Sd/-Principal-cum-Secretary**
**Dadhibaman Degree College, Turumunga**

**NOTICE FOR MINOR**

By virtue of an affidavit sworn before Executive Magistrate, Bhubaneswar, dated 08/07/2026 I, Jharana Digal, W/o Manas Kumar Digal, Address Maiyafayar Nagar, Salia Sahi,Jayadev Vihar, Po-RRL, PS-Maitree Vihar, Bhubaneswar, Pin-751013 declare that I have changed the name of my son from Jyoti Raditya Digal to Alfaz Digal. Henceforth, He shall be known as **Alfaz Digal** for all purposes.

Jharana Digal

**AFFIDAVIT**

I, SHAIKH OBEDUR RAHEMAN, aged about 62 years, S/o- Sk Rahemat Baksh,resident of ADHANGAGARH, JAGATSINGHPUR-754102, ODISHA, declared by this Affidavit No.820/2026 Dated.03.07.2026, that now onwards I shall be Known as SK OBEDUR RAHEMAN That for all future Purposes.

**AFFIDAVIT**

I MIRARANI GURU W/O SARAT CHANDRA SAHANI AT- UNIT-4 BAIDYANATH NAGAR, BASUPUR, JAJPUR- 755001, ODISHA DECLARE BY THIS AFFIDAVIT NO- 10072, DT- 08.07.2026. THAT NOW ON WARDS I SHALL BE KNOWN AS **MEERARANI GURU** FOR ALL FEATURES PURPOSES.

**AFFIDAVIT**

I, Santosh Kumar Agarwala, S/o- Late Radheshyam Agarwala, resident of At- B/1554, Sector- 6, Market Nagar, CDA, Cuttack Sadar, Bidanasi, Cuttack, Orissa, Pin- 753014, State- Odisha, declare by this affidavit No. 1600, dtd- 09.07.2026, that now onwards I shall be known as **SANTOSH KUMAR AGARWAL** for all future purposes.

**AFFIDAVIT**

I, Aneepa Nayak, aged about 45 years, W/o- Sheetal Nayak, resident of At- Plot No. 396, Behind Sahid Nagar High School, Sahid Nagar, Bhubaneswar, Pin- 751007, Odisha do hereby declare by this affidavit No. 1368, dtd- 09/07/2026, that now onwards I shall be known as **ANEEPA KAR** for all future purposes.

**AFFIDAVIT**

I, CHANDARAKANTA PARIDA, S/O TRILOCHAN PARIDA resident of At - Palli, Atto, PO - Sabarang, PS - Bhadrak Town, Dist - Bhadrak - 756123, Odisha declare by this Affidavit No. 3038, Dated - 09/07/2026, that now onwards I shall be known as **CHANDRAKANTA PARIDA** for all future purposes.

32001/524/2627

E-mail : eemijharsuguda@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JHARSUGUDA.**
**'e' Procurement Notice**
**Bid Identification No. SE MID JSD 01/2026-27**
eemijharsuguda@gmail.com
**No. 1347 // MID // date. 04.07.2026**

The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of the works: Civil Construction work
2. Total No. of works: **07 (Six) Nos.**
3. Estimated Cost: (Detail list of work annexed) **Rs.1.77 Lakh to Rs.36.24 Lakh**
4. Class of Contractor: As mentioned against work
5. Period of completion: As mentioned against work
6. Date & time of Availability of Bid Document in the Portal: **10.07.2026 to 20.07.2026 during office hours**
7. Last date/Time for receipt of Bid in the Portal: **20.07.2026 during office hours**
8. Date/Time of Opening of Bid: **21.07.2026 at 10.00 AM** at Office of the S.E., MI Divn. Jharsuguda.
9. Name & Address of the Officer Inviting the Bid: Superintending Engineer, M.I Division,Jharsuguda
10. Mode of Payment of Bid Cost & Bid Security: **Online**

**Superintending Engineer**
**M.I. Division, Jharsuguda**

OIPR-32001/32291/1/26-27/0003

1001/92/2627

e-mail: eeaiadp@gmail.com

**EXECUTIVE ENGINEER (AGRIL.),**
**SAMBALPUR DIVISION, SAMBALPUR**
**AT/PO-REMED, DIST-SAMBALPUR**
**PIN-768006**

**QUOTATION CALL NOTICE**

**No. 929 Date. 07.07.2026**

Sealed Quotations are invited from interested registered consultancy for preparation of (1) preliminary sketches and working drawing (2) detailed estimate, (3) Structural design and technical assistance for the work *"Construction of alternative campus at Sambalpur (Creation of a new seed processing and seed storage campus at Sambalpur)"*.

The sealed quotations documents, completed in all aspects along with all supporting documents should reach to the office of the undersigned through Speed Post/Registered Post from **14.07.2026 to 21.07.2026 by 5:00 P.M.** The tender document may be downloaded from the Government of Odisha official portal (**www.odisha.gov.in**)/in the office of the **Executive Engineer (Agril.), Sambalpur Division, Sambalpur** from **dt.09.07.2026 to dt.20.07.2026.** The quotation must be submitted along with the Cost of Tender paper of **Rs.10,000/-** in shape of Demand Draft and EMD of **Rs.10,000/-** in shape of Deposit receipt of Nationalised Bank / Kissan Vikash Patra / Post Office Savings Bank Account / National Savings Certificate / Postal Office Time Deposit Account drawn in favour of the **Superintending Engineer (Agril.), Northern Zone, Sambalpur** payable at **Sambalpur** and submitted along with the quotation as EMD. After completion of quotation process, EMD shall be refunded to unsuccessful bidders. The authority reserves the right to accept or reject any tender without assigning any reasons thereof.

**Executive Engineer (Agril.),**
**Sambalpur Division, Sambalpur**

OIPR-1001/1033/1/26-27/0002

**OFFICE OF THE SUPERINTENDING ENGINEER,**
**POTTERU CANAL DIVISION, M.V-79**

32001/519/2627

AT-M.V-79, POST-LACHHIPETA, DIST-MALKANGIRI
**Email ID:** eepcdbhuba65@gmail.com

**e-Procurement Notice No. SE-PCD-MV79-01/2026-27**
**TENDER CANCELLATION NOTICE**

It is hereby notified to all concerned that the tender invited through **e-Procurement Notice No. SE-PCD-MV79-01/2026-27 (Online)** for the following work is hereby cancelled due to administrative reason.

| Sl. No. | Name of the Work | Bid Identification No. | Approximate Value of Work (Rs. in Lakhs) | Remarks |
|---|---|---|---|---|
| 1 | Renovation of **1 No. of Fall**, Cement Concrete Channeling in between from **RD.0.450 Km to RD.0.650 Km** and Re-sectioning from **RD.0.00 Km to RD.0.750 Km** of **Bejangiwada S/M-I** and Renovation of **1 No. Fall**, Cement Concrete Channeling in between from **RD.1.420 Km to RD.1.620 Km** and Re-sectioning from **RD.0.00 Km to RD.1.620 Km** of **Bejangiwada S/M-II**. | SE-PCD-MV79-01(3)/2026-27 | 28.18 | — |

Further details can be seen from the Government website: www.tendersodisha.gov.in.

**Superintending Engineer**
**Potteru Canal Division, M.V-79**

OIPR-32001/32551/1/26-27/0003

**AFFIDAVIT**

By virtue of an affidavit on dtd- 08.07.2026 sworn before The Notary Public, Bhubaneswar. I, **Asish Prasad Nahak** (new name), S/o Arjun Nahak, permanent resident of At/Po/Ps: Sarankul, Dist: Nayagarh, Odisha declare that I have changed my name from **Om Prakash Nahak** (old name) to **Asish Prasad Nahak** (new name). Henceforth, I shall be known as **Asish Prasad Nahak** (new name) for all purposes.

**Asish Prasad Nahak**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. CAOCRSPBBS-36-2026

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧିନସ୍ଥ ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ ଛତ୍ରପୁର (CAP) ଏବଂ ଜଗନ୍ନାଥପୁର (JNP) ଷ୍ଟେସନ (ଖୋର୍ଦ୍ଧା-ପଲାସା ସେକ୍ସନ) ମଧ୍ୟରେ କି.ମି. 592/20-22 ଠାରେ ଆପ୍ରୋଚ ଅଂଶ ନିମନ୍ତେ ସାନକୁଶସ୍ଥଳି ପାର୍ଶ୍ୱରେ 4 X 24.0 M RCC T-ବିମ୍ ଗର୍ଡ଼ର ଏବଂ ମାଣ୍ଡିଆପଲି ପାର୍ଶ୍ୱରେ 14 X 24.0 M RCC T-ବିମ୍ ଗର୍ଡ଼ରର ପ୍ରସ୍ତାବିତ ସ୍ଥାନ ଏବଂ ଲେଭେଲ କ୍ରସିଙ୍ଗ ନଂ. 302 ପରିବର୍ତ୍ତେ କି.ମି. 592/16-18 ଠାରେ ରେଳବାଇ ଅଂଶରେ 1 X 24.0 M କମ୍ପୋଜିଟ୍ ଗର୍ଡର (ସାନକୁଶସ୍ଥଳି ପାର୍ଶ୍ୱ) + 1 X 42.0 M କମ୍ପୋଜିଟ୍ ଗର୍ଡର (ରେଳବାଇ ସ୍ପାନ) + 1 X 24.0 M କମ୍ପୋଜିଟ୍ ଗର୍ଡର ସହିତ ରୋଡ଼ ଓଭର ବ୍ରିଜ୍‌ର ନିର୍ମାଣ।

**ବିଜ୍ଞାପିତ ମୂଲ୍ୟ :** ₹ 65,06,69,462.34, EMD : ₹ 1,30,13,400/-, ଶେଷ ହେବା ଅବଧି: 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.21.07.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.08.2026ରିଖ 1200 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/ RSP/ଭୁବନେଶ୍ୱର

PR-126/CJ/26-27

**NOTICE**

By virtue of an affidavit sworn before the Executive Magistrate, Athmallik dated 09th July 2026, I, Mr. KHIROD KUMAR MAHAPATRA address Son of BIJAY KUMAR MAHAPATRA, Village : DOLAMANDAP SAHI, P.O. : ATHMALLIK, P.S.: ATHMALLIK , District: ANUGOLA, PIN : 759125 , STATE : ODISHA, declare that I have changed the name of my daughter from "ADYASHA MAHAPATRA" to "SHREYANSHI MAHAPATRA". Henceforth, she shall be known as **"SHREYANSHI MAHAPATRA"** for all purposes.

**KHIROD KUMAR MAHAPATRA**

**AFFIDAVIT**

By virtue of an affidavit sworn before the Executive Magistrate, Dharamgarh (Kalahandi), dated 09/07/2026, I, PADMABATI RANA, wife of Rasikaraj Rana, residing at Village/PO-Behera, PS-Koksara, Dist.-Kalahandi, Odisha – 766103, hereby declare that I have changed my name from PADAMABATI RANA to PADMABATI RANA. Henceforth, I shall be known as **PADMABATI RANA** for all purposes.

**(PADMABATI RANA)**

**AFFIDAVIT**

By the virtue of an affidavit sworn before the Executive Magistrate Daringbadi, Dated - 07.07.2026 . I Gudisa Padra , S/o Ghasi Padra , vill : Mahaguda, Po: Kattingia, Ps: Bamunigoan, Dist: Kandhamal, State: Odisha- 762021 declare that I have changed my minor son's name from RUTIRAJ PADRA to RUTURAJ PADRA . Henceforth, He shall be known as **RUTURAJ PADRA** for all purposes.

ସକାଳ THE SAKALA



# ନିଶାସକ୍ତଙ୍କ କବ୍ଜାରେ ନୂଆ ଡାକ୍ତରଖାନା କୋଠା

**ବଲାଙ୍ଗିର, ୯ ।୭ (ସମିସ)**

ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ନେଇ ସବୁବେଳେ ଚର୍ଚ୍ଚା ହୋଇଥାଏ। ବିଳମ୍ବରେ ମେଡିକାଲ କଲେଜ ସ୍ଥାନାନ୍ତର ହେଉ କି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭିତ୍ତିଭୂମି ସମ୍ପର୍କିତ କୌଣସି ପ୍ରସଙ୍ଗ ହେଉ ବଲାଙ୍ଗିର ଜିଲ୍ଲାର ନାମ ସାମ୍ନାକୁ ଆସିଥାଏ। ତେବେ ବ୍ଲକ ସ୍ତରରେ ରହିଥିବା





ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ପାଇଁ ଉତ୍ତମ ଭିତ୍ତିଭୂମି ବ୍ୟବସ୍ଥା କରିବା ପାଇଁ ଉଭୟ କେନ୍ଦ୍ର ଓ ତତ୍କାଳୀନ ରାଜ୍ୟ ସରକାରଙ୍କ ଉଦ୍ୟମରେ ନୂତନ ଡାକ୍ତରଖାନା କୋଠା ନିର୍ମାଣ କରିବାକୁ ଅନୁଦାନ ପ୍ରଦାନ କରାଯାଇଥିଲା। ୨୦୨୩ ମସିହାରେ ତ୍କାଳୀନ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଏହି ସବୁ ଡାକ୍ତରଖାନାଗୁଡ଼ିକର ଶିଳାନ୍ୟାସ କରିଥିଲେ। ଏହା ପରେ କାମ ଆରମ୍ଭ ହୋଇ ଶେଷ ମଧ୍ୟ ହୋଇଛି; କିନ୍ତୁ ନୂତନ କୋଠାକୁ ପୁରୁଣା ଡାକ୍ତରଖାନା ସ୍ଥାନାନ୍ତର ହୋଇପାରିନି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀରେ ଥିବା ଲୋଇସିଂହା, ଆଗଲପୁର ଓ ଜାମଗାଁ ଡାକ୍ତରଖାନା ଏବେ ବି ପୁରୁଣା କୋଠାରେ ଚାଲିଛି। ତାହା କେବେ ନୂତନ କୋଠାକୁ ସ୍ଥାନାନ୍ତର ହେବ ଓ ତାହା କେବେ ଉଦ୍‌ଘାଟନ ହେବ ତାହା କହିବା ମୁସ୍କିଲ। ଏହି କୋଠାଗୁଡିକ ନିଶାଖୋରଙ୍କ ଆଡ୍ଡାସ୍ଥଳ ସାଜିଛି। କୋଠାରୁ ବିଭିନ୍ନ ସାମଗ୍ରୀ ଚୋରି ହେଉଛି। ବଲାଙ୍ଗିର ଜିଲ୍ଲା ୨୬ ନଂ ଜାତୀୟ ରାଜପଥ କଡରେ ରହିଛି ଲୋଇସିଂହା ଡାକ୍ତରଖାନା। ରାଜପଥ କଡରେ ଥିବାରୁ ଏହି ଡାକ୍ତରଖାନା ଉପରେ ଅଧିକ ଲୋକ ନିର୍ଭର କରନ୍ତି; ହେଲେ ଅନେକ ସମୟରେ ଭିତ୍ତିଭୂମି ସମସ୍ୟା ଯୋଗୁଁ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ଲୋକେ ବଞ୍ଚିତ ହୋଇଥାନ୍ତି। ଏକ ଛୋଟିଆ ଜାଗାରେ ଡାକ୍ତରଖାନା ରହିଥିବାରୁ ସାଧାରଣ ଲୋକ ଓ କର୍ମଚାରୀ ଅନେକ ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଥାଏ। ଏହି ଡାକ୍ତରଖାନାର ନୂତନ କୋଠା ପାଇଁ ୨୦୨୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ଲୋଇସିଂହା-ବାଙ୍ଗିପାଲି ରାସ୍ତାରେ ନୂତନ କୋଠା ନିର୍ମାଣ କରିବାକୁ ଅନୁଦାନ ଦିଆଯାଇଥିଲା। ଆବଶ୍ୟକ ପ୍ରକ୍ରିୟା ପରେ ଡାକ୍ତରଖାନା ନିର୍ମାଣ କାମ ସରିଯାଇଥିବା ବେଳେ ଆଉ କିଛି କାମ ବାକି ରହିଛି। ଯାହାକି ଦୀର୍ଘ ମାସ ହେଲା କରା ନ ଯାଇ ପଡ଼ିରହିଛି। ଡାକ୍ତରଖାନା ସାମ୍ନାରେ ଏକ ପାଚେରି ନିର୍ମାଣ କରାଯାଇଥିବା ବେଳେ ବାକି ଅଞ୍ଚଳରେ ପାଚେରୀ ନାହିଁ। କୋଠା କାମ ସରିବା ପରେ ରଙ୍ଗ ମାରି ଛାଡିଦିଆଯାଇଛି। ଏହାର ନିକଟରେ ବିପିଏମ କାର୍ଯ୍ୟାଳୟ, କର୍ମଚାରୀ କ୍ୱାର୍ଟର ମଧ୍ୟ ନିର୍ମାଣ ହୋଇଛି; କିନ୍ତୁ କୋଠାରେ କେବେ ଡାକ୍ତରଖାନା ଆରମ୍ଭ ହେବ ତାହା କାହାକୁ ଜଣାନାହିଁ। ଇତିମଧ୍ୟରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠା ଅସୁରକ୍ଷିତ ଭାବେ ପଡ଼ିରହିଥିବାରୁ ନିଶାଖୋର ଓ ଚୋରଙ୍କ ଆଡ୍ଡା ସାଜିଛି। ଝରକା, କବାଟଗୁଡିକ ଚୋରି ହେବା ଆରମ୍ଭ ହୋଇଛି। ସେହିପରି ଆଗଲପୁର ଡାକ୍ତରଖାନା ପାଇଁ ମଧ୍ୟ ନୂତନ କୋଠା ମଞ୍ଜୁର ହୋଇଥିଲା। ପ୍ରାୟ ଦୁଇ ବର୍ଷ ହେଲା କୋଠା କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ତାହା ମଧ୍ୟ ଆରମ୍ଭ ହୋଇନାହିଁ। ଉଦ୍‌ଘାଟନ କିମ୍ବା ସ୍ଥାନାନ୍ତର ହୋଇ ନ ଥିବାରୁ ଡାକ୍ତରଖାନା ଆଜି ବି ପୁରୁଣା କୋଠାରେ ଚାଲିଛି। ଅନ୍ୟପକ୍ଷରେ ପୁଇଁନ୍ତଲା ବ୍ଲକ ଜାମଗାଁରେ ଥିବା ସିଏଚସି ଅବସ୍ଥା ମଧ୍ୟ ସମାନ। ସିଏଚସି ପାଇଁ ଆବଶ୍ୟକ ଭିତ୍ତିଭୂମି ଏକ ବଡ ସମସ୍ୟା ହୋଇଥିବା ବେଳେ ଏହି ସିଏଚସି ପାଇଁ ମଧ୍ୟ ନୂତନ କୋଠା ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ତାହା ମଧ୍ୟ ନିର୍ମାଣାଧୀନ ଥିବା ବେଳେ କେବେ କାମ ସରିବ ଓ ଡାକ୍ତରଖାନା ନୂତନ କୋଠାକୁ ସ୍ଥାନାନ୍ତର ହେବ ତାହା କହିବା ମୁସ୍କିଲ। ଗୋଟିଏ ପଟେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ଅନ୍ୟପଟେ ତାହା ଠିକ୍ ଭାବେ ବିନିଯୋଗ କରା ନ ଯିବା ଓ ବିଭାଗୀୟ ଅବହେଳା ଯୋଗୁଁ ଠିକ ଭାବେ ବ୍ୟବହାର ନ ହୋଇ ପଡ଼ି ରହୁଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀରେ ଥିବା ୩ ବ୍ଲକ ଲୋଇସିଂହା, ଆଗଲପୁର ଓ ପୁଇଁନ୍ତଲା ବ୍ଲକରେ ଥିବା ୩ ଡାକ୍ତରଖାନାର ଏହି ଅବସ୍ଥା ଦୁର୍ଭାଗ୍ୟଜନକ ବୋଲି ଲୋକେ ଅଭିଯୋଗ କରିଛନ୍ତି।

# ମଦ କାରବାରରେ ୪ ଗିରଫ







**ଶଗଡ଼ା/ମନମୁଣ୍ଡା, ୯ ।୭ (ସମିସ):** ମନମୁଣ୍ଡା ପୁଲିସ ୪ଟି ପୃଥକ ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ଦେଶୀ, ବିଦେଶୀ ମଦ ଜବତ କରିବା ସହ ୪ଜଣକୁ ଗିରଫ କରିଛି। ସାହୁପଡ଼ା ଗ୍ରାମ ରାସ୍ତା କଡରେ ମଦ ବିକ୍ରି ହେଉଥିବା ଖବର ପାଇ ଏଏସ ଆଇ ଅଜୟ ସିଂ ବାରିକଙ୍କ ନେତୃତ୍ୱରେ ଚଢ଼ଉ ହୋଇଥିଲା। ଗ୍ରାମର ସୁଜୟ ନାଏକ ବେଆଇନ ଭାବରେ ମଦ ବିକ୍ରି କରୁଥିବା ଅଭିଯୋଗରେ ତାକୁ ଗିରଫ କରିବା ସହ ତା ନିକଟରୁ ୨୫୦ଟି ଦେଶୀ ପାଉଚ (୫୦ଲିଟର ) ଜବତ ହୋଇଛି। ସେହିପରି ବରଗୋଛା ଗ୍ରାମର ଧର୍ମେନ୍ଦ୍ର ପ୍ରଧାନ ଘରେ ଚଢ଼ଉ କରି ୧୭ କାର୍ଟୁନ ବିୟର ଜବତ କରିବା ସହ ଧର୍ମେନ୍ଦ୍ରକୁ ଗିରଫ କରାଯାଇଛି। ଏଏସ୍ଆଇ ପୁଷ୍ପାଞ୍ଜଳି ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ ଧୁଙ୍ଗିଆପଦର ଗ୍ରାମର ସୁବାଷ ଦନ୍ତା ଘରେ ଚଢ଼ଉ କରି ୨୦୦ଟି ଦେଶୀ ପାଉଚ (୪୦ ଲିଟର) ଜବତ କରିବା ସହ ତାକୁ ଗିରଫ କରାଯାଇଛି। ସେହିପରି ବିଚିକା ଗ୍ରାମର ନରେନ୍ଦ୍ର ଯାନୀ ଘରେ ଚଢ଼ଉ କରି ୪୦ଟି କେନ ବିୟର (୨୦ ଲିଟର) ଜବତ କରିବା ସହ ତାକୁ ଗିରଫ କରିଛି।

# ଜନବସତିରେ ୩୩ କେଭି ତାର ଟଣାକୁ ବିରୋଧ

**ଶଗଡ଼ା, ୯ ।୭ (ସମିସ):** ବୌଦ୍ଧ ଜିଲା ବାଉଁଶୁଣି ପଞ୍ଚାୟତ ଜମଘାଟି ମୌଜାର ଜନବସତି ଓ ସ୍କୁଲ ଉପର ଦେଇ ୩୩ କେଭି ବିଦ୍ୟୁତ୍ ତାର ସଂଯୋଗକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ବାରମ୍ବାର ବିରୋଧ ସତ୍ତ୍ୱେ ଠିକା ସଂସ୍ଥା ଜୋର୍ ଜବରଦସ୍ତ ପୋଲ୍ ପୋତି ତାର ଟାଣିବାକୁ କେନ୍ଦ୍ର କରି ଅସନ୍ତୋଷ ଦେଖା ଦେଇଥିଲା। ଗ୍ରାମବାସୀ ଏନେଇ ବୌଦ୍ଧ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ ବୌଦ୍ଧ ତହସିଲଦାର ଅନିତା ସାହୁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଗୁନ୍ଦୁଳିଆଠାରେ ନିର୍ମାଣ ହେଉଥିବା ନୂତନ ଗ୍ରୀଡ୍/ ଫିଡର୍ ପାଇଁ ବାଉଁଶୁଣି ଅଞ୍ଚଳରୁ ୩୩ କେଭି ବିଦ୍ୟୁତ ତାର ନିଆଯାଉଛି। ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ଜନବସତି ଏବଂ ସ୍କୁଲ ଉପର ଦେଇ ଯାଉଥିବାରୁ ଜନଜୀବନ ପ୍ରତି ବିପଦ ସୃଷ୍ଟି କରିବ ବୋଲି ଗ୍ରାମବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ପୂର୍ବରୁ ଗ୍ରାମବାସୀ ଏହାକୁ ବାରମ୍ବାର ବିରୋଧ କରି ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ; ମାତ୍ର ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ନ ଦେଇ ଠିକାସଂସ୍ଥା ଜୋର୍‌ଜବରଦସ୍ତ କାମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବୌଦ୍ଧ ତହସିଲଦାର, ବିଦ୍ୟୁତ ବିଭାଗ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ପହଞ୍ଚି ସ୍ଥାନୀୟ ଜନସାଧାରଣ, ଗ୍ରାମର ଭଦ୍ରବ୍ୟକ୍ତି ବିଦ୍ୟୁତ ବିଭାଗ ସହ ଆଲୋଚନା କରିଛନ୍ତି। ସ୍କୁଲ ଓ ଜନବସତି ଅଞ୍ଚଳରେ ଯେଭଳି କୌଣସି ଅଘଟଣ ନ ଘଟେ ଏବଂ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କିଭଳି ବିକଳ୍ପ ବ୍ୟବସ୍ଥା କରାଯାଇପାରିବ ସେନେଇ ତହସିଲଦାର ସମାଧାନର ବାଟ ଖୋଜୁଥିବା ଜଣାପଡ଼ିଛି।

# ବିପଦସଙ୍କୁଳ ଗୋଛାପଡ଼ା ରାସ୍ତା



**ଶଗଡ଼ା, ୯ ।୭ (ସମିସ):** ଲଗାଣ ବର୍ଷାରେ ବୌଦ୍ଧ ବ୍ଲକ ଗୋଛାପଡ଼ା ଗାଁ ମୁଣ୍ଡ କେନାଲ ଓ ରାସ୍ତା ସଂଯୋଗ ହୋଇଥିବା ସ୍ଥାନରେ ବିରାଟ ଗାତ ସୃଷ୍ଟି ହୋଇଛି। ବର୍ଷା ଛାଡ଼ିବା ପରେ ମଧ୍ୟ ରାସ୍ତା ମରାମତି ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏପରି ସ୍ଥିତିରେ ଗାଁ ଭିତରକୁ କୌଣସି ଚାରିଚକିଆ ଯାନ ଯିବା ଆସିବା କରିପାରୁ ନାହିଁ। ଏହାଫଳରେ ଗ୍ରାମରୁ ବିଭିନ୍ନ ସ୍କୁଲ କଲେଜ ଯିବା ଆସିବା କରୁଥିବା ଗାଡ଼ି ଗାଁ ମୁଣ୍ଡରେ ଅଟକି ରହୁଛି। ସନ୍ଧ୍ୟାରେ ଖାଲରେ ପଡ଼ି ଲୋକେ ଆହତ ହେଉଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ କିମ୍ବା ଜନପ୍ରତିନିଧିଙ୍କ ଅବହେଳା ମନୋଭାବ ଅସନ୍ତୋଷର କାରଣ ହୋଇଛି। ନିର୍ବାଚନ ପୂର୍ବରୁ ନେତା ଭୋଟ ପାଇଁ ଘର ଘର ବୁଲି ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ଗ୍ରାମବାସୀଙ୍କ ଅସୁବିଧା ସମୟରେ ନେତାଙ୍କ ଦେଖା ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି।

# ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନ ଭୋଜନ ଖାଇଲେ ଜିଲ୍ଲାପାଳ

**ଝାରସୁଗୁଡ଼ା, ୯ ।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଲଖନପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଖଣ୍ଡ ହଠାତ୍ ପରିଦର୍ଶନ କରିଛନ୍ତି। ସେଠାକାର ଶିକ୍ଷାଦାନ ଓ ଅନ୍ୟାନ୍ୟ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଲଖନପୁର ବ୍ଲକ ଉନ୍ନୟନ ଅଧିକାରୀ ବିନୟ ପଟେଲ ମଧ୍ୟ ଉପସ୍ଥିତ ଥିଲେ। ପରିଦର୍ଶନ କାଳରେ ଜିଲ୍ଲାପାଳ ସ୍କୁଲର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ସ୍କୁଲ୍ ପରିସରର ସ୍ୱାସ୍ଥ୍ୟକର ପରିବେଶ ଉପରେ ଗୁରୁତ୍ୱ ଦେଇ, କ୍ୟାମ୍ପସ ମଧ୍ୟରେ ସ୍ୱଚ୍ଛତା ଓ ନିୟମିତ ପରିମଳ ବ୍ୟବସ୍ଥା ବଜାୟ ରଖିବା ପାଇଁ ଶିକ୍ଷକ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରିବା ପାଇଁ ନିଜେ ଛାତ୍ରଛାତ୍ରୀଙ୍କ ଗହଣରେ ବସି ଭୋଜନ କରିଥିଲେ। ଖାଦ୍ୟ ଗ୍ରହଣ କରିବା ପରେ ଏହାର ପ୍ରସ୍ତୁତି ପ୍ରଣାଳୀରେ ଅଧିକ ସୁଧାର ଆଣିବାର ଆବଶ୍ୟକତା ରହିଛି ବୋଲି ସେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ କହିଥିଲେ। ଏଥିସହ ପିଲାମାନଙ୍କୁ ଯୋଗାଇ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତାରେ ଯେପରି କୌଣସି ପ୍ରକାରର ସାଲିସ୍ ନ ହୁଏ ତାହା ନିଶ୍ଚିତ କରିବାକୁ ସେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦେଇଛନ୍ତି।

# ଜଙ୍ଗଲରୁ ନିଖୋଜ ଯୁବକଙ୍କ ଗଳିତ ଶବ ଉଦ୍ଧାର

**ମନମୁଣ୍ଡା/କଣ୍ଟାମାଳ/ଶଗଡ଼ା, ୯ ।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ଚନ୍ଦନିଆମୁଣ୍ଡା ଜଙ୍ଗଲରୁ ପୁଲିସ ଆଜି ସକାଳେ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକ ହେଲେ ଚନ୍ଦନିଆମୁଣ୍ଡା ଗାଁର ଶିବ ବସ୍ତିଆଙ୍କ ପୁଅ ବିନୋଦ ବସ୍ତିଆ (୩୫)। ପ୍ରାୟ ୧୭ ଦିନ ଧରି ସେ ନିଖୋଜ ଥିଲେ। ପରିବାର ପକ୍ଷରୁ ସେନେଇ ଥାନାରେ ଏତଲା ଦିଆଯାଇଥିଲା। ସେହିଦିନ ଠାରୁ ପରିବାର ଲୋକେ ତାକୁ ଖୋଜାଖୋଜି କରି ଆସୁଥିଲେ। ଆଜି ସକାଳେ ଗାଁ ନିକଟସ୍ଥ ନଗଡ଼ାଖୋଲ ଜଙ୍ଗଲରେ ଏକ ଗଳିତ ଶବ ପଡ଼ିଥିବା ପରିବାର ବର୍ଗ ଖବର ପାଇ ସେଠାକୁ



ଯାଇ ଶବ ଚିହ୍ନଟ କରିଥିଲେ। ଏହାପରେ କଣ୍ଟାମାଳ ପୁଲିସକୁ ଖବର ଦେଇଥିଲେ। ଶବ ବ୍ୟବଚ୍ଛେଦ ପାଇଁ ପୁଲିସ ମନମୁଣ୍ଡା ଡାକ୍ତରଖାନାକୁ ଆଣିଥିଲା। ଏହି ଘଟଣା ପରେ ୧୨ ବର୍ଷର ଝିଅ ଓ ଏକ ୫ ବର୍ଷର ପୁଅକୁ ନେଇ ତାଙ୍କ ପତ୍ନୀ ଭାଙ୍ଗି ପଡ଼ିଛନ୍ତି। ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି

# ଜିଲ୍ଲାପାଳଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ







**ଝାରସୁଗୁଡ଼ା, ୯ ।୭ (ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ତାଙ୍କ ସହ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତଥା 'ଆତ୍ମା'ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ନନ୍ଦ ମଧ୍ୟ ଉପସ୍ଥିତ ଥିଲେ। ପରିଦର୍ଶନ କାଳରେ ଜିଲ୍ଲାପାଳ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଚାଲୁ ରହିଥିବା ବିଭିନ୍ନ ଚାଷୀ ଆଭିମୁଖୀ କାର୍ଯ୍ୟକ୍ରମର ବିସ୍ତୃତ ସମୀକ୍ଷା କରିଥିଲେ। ଏହି ଅବସରରେ ସମ୍ମାନିତ ଜିଲ୍ଲାପାଳ କେନ୍ଦ୍ର ପରିସରରେ ଚାଲୁ ରହିଥିବା କୁକୁଡ଼ା ପାଳନ ତାଲିମ ଶିବିରର ପ୍ରଶିକ୍ଷାର୍ଥୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏହାପରେ ଜିଲ୍ଲାପାଳ କେନ୍ଦ୍ରର ଆଇସିଟି କେନ୍ଦ୍ର, ମୃତ୍ତିକା ପରୀକ୍ଷାଗାର, ରଙ୍ଗୀନ ମାଛ ଚାଷ ୟୁନିଟ୍, ପଲି ହାଉସ୍, ଆଜୋଲା ଉତ୍ପାଦନ କେନ୍ଦ୍ର, ଖତ ଓ କମ୍ପୋଷ୍ଟ ୟୁନିଟ୍ ଏବଂ କୁକୁଡ଼ା ପାଳନ କେନ୍ଦ୍ର ବୁଲି ଦେଖିଥିଲେ।

# କୁକୁରଜଙ୍ଘା ରଥଯାତ୍ରା ପାଇଁ ପ୍ରସ୍ତୁତି

**ଝାରସୁଗୁଡ଼ା, ୯ ।୭ (ସମିସ):** ଜୁଲାଇ ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କୁକୁରଜଙ୍ଘାସ୍ଥିତ ଶ୍ରୀ ପତିତପାବନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ପବିତ୍ର ରଥଯାତ୍ରା ସୁପରିଚାଳନା ପାଇଁ ଆଜି ଝାରସୁଗୁଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଛି। ରଥଯାତ୍ରା ସମୟରେ ମନ୍ଦିର ପରିଚାଳନା କମିଟି କୌଣସି ପ୍ରକାରର ବ୍ୟବସାୟିକ କାର୍ଯ୍ୟକଳାପ କରିପାରିବେ ନାହିଁ ବୋଲି ବୈଠକରେ ସ୍ପଷ୍ଟ କରାଯାଇଛି। ସେହିପରି ଆଇନଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ସହ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ଦ୍ୱାରା ରଥଯାତ୍ରା ପୂର୍ବରୁ ଅଗ୍ନି ନିରାପତ୍ତା ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଏହା ସହ ରଥଟଣା ମାର୍ଗରେ ଥିବା ବୈଦ୍ୟୁତିକ ତାର ଓ ସଂଯୋଗୀକରଣର ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକର ନିର୍ଦ୍ଧାରିତ ନିଷ୍ପତ୍ତି ସମ୍ପର୍କରେ ଝାରସୁଗୁଡ଼ା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୃଷ୍ଣାକେଶୀ ବଳିୟାରସିଂହ ସୂଚନା ପ୍ରଦାନ କରିଛନ୍ତି।

# ବେହେରାମାଲରେ କଳସ ଯାତ୍ରା

**ଝାରସୁଗୁଡ଼ା, ୯ ।୭ (ସମିସ):** ଝାରସୁଗୁଡ଼ା ସହରର ବେହେରାମାଲସ୍ଥିତ ରାଧାମାଧବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହେବାକୁ ଥିବା ମା' ଗଜଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଆଜି ଏକ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇଉଠିଥିଲା। କଳସ ଯାତ୍ରା ବେହେରାମାଲର ବିଭିନ୍ନ ପ୍ରମୁଖ ରାସ୍ତା ପରିକ୍ରମା କରିଥିଲା। ପୋଖରୀରୁ କଳସରେ ଜଳ ଭରି ମନ୍ଦିର ପ୍ରାଙ୍ଗଣରେ ସମସ୍ତେ ପହଞ୍ଚିଥିଲେ। ସୁମିତ ଦାଶ ପୂଜକ ଓ ଶୈଳେନ୍ଦ୍ର ନାୟକ କର୍ତ୍ତା କାର୍ଯ୍ୟ ତୁଲାଇଛନ୍ତି।



# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଡୁଙ୍ଗୁରିପାଲି, ୯ ।୭ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ କନ୍ଦାଗାଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ ପଧାନ ଓ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କୃଷ୍ଣ ଚନ୍ଦ୍ର ବୁଢ଼ିଆଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କନ୍ଦାଗାଡ଼ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱାମିତ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡୁଙ୍ଗୁରିପାଲି ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିସାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ ପଧାନ ଓ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କୃଷ୍ଣଚନ୍ଦ୍ର ବୁଢ଼ିଆଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ବାଙ୍ଗୀପାଲି ସରପଞ୍ଚ ଲକ୍ଷ୍ମୀ ପାଣ୍ଡେ, ସିଆରସିସି ସୁନୀଲ ସେଟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ନବୀନ ପଧାନ, ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରାଜକିଶୋର ପଧାନ, ପୂର୍ବତନ ସଭାପତି ବାସୁଦେବ ପଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷକ ସମ୍ପଦ ଖମାରୀ, ସୁବାସ ବାରିକ, ପଞ୍ଚାନନ ବାରିକ, ଜିଲ୍ଲା ହିନ୍ଦୀ ଶିକ୍ଷକ ସଭାପତି ସୁବାସ ଚନ୍ଦ୍ର ବାରିକ, ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଛାତ୍ରୀମାନେ ସ୍ୱାଗତ ଓ ବିଦାୟ ସଙ୍ଗୀତ ଗାଇଥିଲେ।

# ଗରାଏ ପାଣି ପାଇଁ ଘଣ୍ଟା ଘଣ୍ଟା ଧରି କସରତ

**କଣ୍ଟାମାଳ, ୯ ।୭ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତର ସିକାପାଲି ଗ୍ରାମରୁ ଏକ ଚିନ୍ତାଜନକ ଖବର ସାମ୍ନାକୁ ଆସିଛି। ବର୍ଷା ଋତୁରେ ମଧ୍ୟ ଏହି ଗାଁରେ ପାଣି ସମସ୍ୟା ଦେଖାଦେଇଛି। ଏହା ଯୋଗୁଁ ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ପାନୀୟ ଜଳ ପାଇଁ ମାତ୍ର ଗୋଟିଏ ନଳକୂଅ ରହିଛି। ଏହି ଏକମାତ୍ର ନଳକୂଅରୁ ପାଣି ପାଇବା ପାଇଁ ଲୋକଙ୍କୁ ପ୍ରବଳ ପରିଶ୍ରମ କରିବାକୁ ପଡୁଛି। ସ୍ଥିତି ଏପରି ହୋଇଛି ଯେ ପ୍ରାୟ



ଅଧଘଣ୍ଟା ଧରି କଷ୍ଟରେ ନଳକୂପ ମାରିବା ପରେ ଗୋଟିଏ ଗରା ପାଣି ବାହାରୁଛି। ଏହି କାରଣରୁ ମହିଳାମାନେ ଘରର ଅନ୍ୟ ସମସ୍ତ କାମ ଛାଡ଼ି କେବଳ ଗରାଏ ପାଣି ପାଇଁ ଘଣ୍ଟା ଘଣ୍ଟା ଧରି ନଳକୂପ ନିକଟରେ ଲାଇନ୍ ଲଗାଇ ଜଗି ରହୁଛନ୍ତି। ପାନୀୟ ଜଳର ଏଭଳି ସଙ୍କଟ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନଯାତ୍ରାକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି।

# ଜିଲ୍ଲାପାଳଙ୍କ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ଝାରସୁଗୁଡ଼ା, ୯ ।୭ (ସମିସ)**

ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲାପାଳଙ୍କ ସହ ଲଖନପୁର ବିଡିଓ ବିନୟ ପଟେଲ ମଧ୍ୟ ଉପସ୍ଥିତ ଥିଲେ। ଜିଲ୍ଲାପାଳ ମେଡିକାଲର ସ୍ଥିତି ପରଖିବା ସହ ଡାକ୍ତର, ପାରାମେଡିକାଲ କର୍ମଚାରୀ ଏବଂ ଅନ୍ୟାନ୍ୟ ଷ୍ଟାଫ୍‌ଙ୍କ ଉପସ୍ଥାନ ଖାତା ଯାଞ୍ଚ କରିଥିଲେ। ତେବେ ମେଡିକାଲ ପରିସରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ଠିକ୍ ନ ଥିବାରୁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ସ୍ୱଚ୍ଛତା



ବଜାୟ ରଖିବା ପାଇଁ ସ୍ଥାନୀୟ ମେଡିକାଲ ଅଫିସର ଏବଂ ଝାରସୁଗୁଡ଼ା ସିଡିଏମଓ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ମେଡିକାଲର ଇନଡୋର ୱାର୍ଡକୁ ଯାଇ ଚିକିତ୍ସିତ ହେଉଥିବା ରୋଗୀଙ୍କ ସହ ସେମାନଙ୍କ ସ୍ୱାସ୍ଥ୍ୟ ଏବଂ ମିଳୁଥିବା ଚିକିତ୍ସା ସେବା ସମ୍ପର୍କରେ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ। ଏହା ପରେ ସେ ନୂତନ ନିର୍ମାଣାଧୀନ ବିଲ୍ଡିଂ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ନୂତନ ବିଲ୍ଡିଂ କାମକୁ ମାର୍ଚ୍ଚ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ସେଠାରେ ଉପସ୍ଥିତ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିର୍ମିତ ହୋଇଥିବା ବିପିଏଚ୍‌ଓ ଅଫିସ୍ ପରିଦର୍ଶନ କରି ବିଲ୍ଡିଂରେ ଥିବା କେତେକ ତ୍ରୁଟି ବିଚ୍ୟୁତିକୁ ତୁରନ୍ତ ସୁଧାରିବା ପାଇଁ ସମ୍ପୃକ୍ତ ଯନ୍ତ୍ରୀଙ୍କୁ କହିଛନ୍ତି।

# ବନ ମହୋତ୍ସବ ପାଳିଲେ; ଚାରା ଲଗାଇଲେ








ବରଗଡ଼, ୯ । ୭ (ସମିସ)

ଗୋଟିଏ ଛାତ୍ର ଗୋଟିଏ ଗଛ। ଏଇ ସ୍ଲୋଗାନ କୁ ଆଧାର କରି ଆଜି କଟାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ମେହେର ଏଥିରେ ଅଧ୍ୟକ୍ଷତା କରି ଗଛର ଉପକାରିତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମିଶି ବିଦ୍ୟାଳୟ ପରିସରରେ ପ୍ରାୟ ଦୁଇ ଶହରୁ ଅଧିକ ଚାରାରୋପଣ କରିଥିଲେ। ପ୍ରତ୍ୟେକ ଛାତ୍ର ଛାତ୍ରୀ ଗୋଟିଏ ଲେଖାଏଁ ଗଛ ଲଗାଇ ତାର ଯତ୍ନ ନେବାକୁ ଶପଥ ନେଇଥିଲେ।

କଟାପାଲି ସରକାରୀ ଉଚ୍ଚବିଦ୍ୟାଳୟରେ ମଧ୍ୟ ବନ ମହୋତ୍ସବ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ବୈଲୋଚନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାମଚନ୍ଦ୍ର ସାହୁ ଓ ମୁଖ୍ୟବକ୍ତା ଭାବେ କବି ନିତିଶ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ବିକ୍ରମ ବଢେଇ, ପଞ୍ଚସଖା ଶିକ୍ଷା ସେତୁ କମିଟିର ଚେୟାରମ୍ୟାନ ସୁଦାମ ସାହୁ, ଜିଲ୍ଲାପରିଷଦ ସଦସ୍ୟା ପୁଷ୍ପା ଭୋଇ ଓ ମାନସ ଦାଶ ମଞ୍ଚାସୀନ ଥିଲେ। ଶିକ୍ଷକ ଭୁବନେଶ୍ୱର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଦଶମ ଶ୍ରେଣୀର ଛାତ୍ରୀ ରିଜା ଭୋଇ ଓ ସୋନମ୍ ସାହୁ ନିଜର ବକ୍ତବ୍ୟ ରଖିଥିଲେ। ପୁଷ୍ପା ସାହୁ ଓ ସୁଦାମ ସାହୁ ବନ ମହୋତ୍ସବର ଆବଶ୍ୟକତା ଉପରେ ନିଜର ମତ ରଖିଥିଲେ। ଜୁନିୟର ଓ ସିନିୟର ବିଭାଗରେ ଆୟୋଜିତ କରାଯାଇଥିବା କୁଇଜ୍, ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ସଫଳତା ଲାଭକରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଚାରା ବଣ୍ଟନ କରିଥିଲେ। ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ଓ ଅତିଥିଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ଦୀପାଞ୍ଜଳି ବେହେରା, ସଙ୍ଗୀତା ନାଏକ, ରୀତା ବାଗ୍, ନମିତା ପ୍ରଧାନ, ସୂର୍ଯ୍ୟକାନ୍ତି ସେଠ, ସୁନୀତା ନାଏକ, ସରିତା ମାହାଣା, ଶିକ୍ଷକ ବିକାଶ ଚୌଧୁରୀ, ହୃଦାନନ୍ଦ ଭୋଇ, ଅଭିଜିତ ସ୍ୱାଇଁ, ସଞ୍ଜିପ ରଣା ଓ ବିଦ୍ୟାଳୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପରିଶେଷରେ ବରିଷ୍ଠ ଶିକ୍ଷକ ସମୀର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ପି ଏମ୍ ଶ୍ରୀ ଜର୍ଜ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ବନ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ କବିସୂର୍ଯ୍ୟ ସାହୁ ଏବଂ ପୁରାତନ ଛାତ୍ର ସଂସଦର ସମ୍ପାଦକ ନବକିଶୋର ପାଣିଗ୍ରାହୀ, ବରିଷ୍ଠ ଶିକ୍ଷକ ସୁରେଶ ଦାଶ, ଦୁଷ୍ମନ୍ତ ଭୁଏ, ଗୁଞ୍ଜ କୁମ୍ଭାର, ଇକୋ କ୍ଲବ୍ ଇନଚାର୍ଜ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପ୍ରଧାନ, ମମତା ବିଶି, କୁମୁଦିନୀ ପାଣିଗ୍ରାହୀ, ସଞ୍ଜୁବାଳା ପୃଷ୍ଟି, ମଧୁମିତା ପୁରୋହିତ, ସୁରେଖା ସାହୁ, ସଙ୍ଗୀତା ପଟେଲ ପ୍ରମୁଖ ଚାରାରୋପଣ କରିଥିଲେ। ବରିଷ୍ଠ ଶିକ୍ଷକ ସୁରେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର:** ବରିହାପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସଭାରେ ଭୁବନେଶ୍ୱର ପ୍ରଧାନ, କେଦାରନାଥ ସାହୁ, ମୀନକେତନ ସାହୁ, ବରିହାପାଲି ସରପଞ୍ଚ ନିରଦ ରଞ୍ଜନ ସାହୁ ଓ ବିଦ୍ୟାଳୟର ସଭାପତି କୀର୍ତ୍ତନ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସହଦେବ ପ୍ରଧାନ, ଆଶିଷ ଜ୍ୟୋତିଶ, ବିଜ୍ଞାନ ଶିକ୍ଷକ ସୁନିଲ ସାହୁ, ଦେବାଶିଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନିଗମାନନ୍ଦ ବିହାରରେ ଭାଗବତ ପାଠର ଶୁଭାରମ୍ଭ

**ବରଗଡ଼, ୯ । ୭ (ସମିସ):** ବରଗଡ଼ ପୌର ପରିଷଦର ୧ ନମ୍ବର ୱାର୍ଡ ଅଧୀନ ନିଗମାନନ୍ଦ ବିହାର କଲ୍ୟାଣ ମଣ୍ଡପରେ ଭାଗବତ ସୁରକ୍ଷା ମଞ୍ଚ ଆନୁକୂଲ୍ୟରେ ଭାଗବତ ପାଠ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଭାଗବତ ସୁରକ୍ଷା ମଞ୍ଚର ଆବାହକ ବାଙ୍କା ବିହାରୀ ସାହୁ, ସମ୍ପାଦକ ସନ୍ତୋଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଭାଗବତ ଜାଗରଣ ପାଇଁ ପ୍ରତ୍ୟହ ସନ୍ଧ୍ୟା ୭ରେ ପଡ଼ାର କଲ୍ୟାଣ ମଣ୍ଡପରେ ଭାଗବତ ପାଠ କରାଯିବ। ଅବସରପ୍ରାପ୍ତ ଶିକ୍ଷକ ସୁଶାନ୍ତ ଭୋଇ ନିଜ ପେନସନ ପଇସାରୁ ଭାଗବତ ଗ୍ରନ୍ଥ କିଣି ସୁରକ୍ଷା ମଞ୍ଚକୁ ଅର୍ପଣ କରିଛନ୍ତି। ପ୍ରତ୍ୟହ ଭାଗବତ ପାଠ ଓ ଶ୍ରବଣ ଦ୍ୱାରା ପଡ଼ାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇ ପାରିବ ବୋଲି କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ସୁରେଶ ବାରିକ ଉଲ୍ଲେଖ କରିଛନ୍ତି।

## ପଦ୍ମପୁର ଗସ୍ତରେ ଆସିବେ ମନ୍ତ୍ରୀ ରବି ନାଏକ

**ପଦ୍ମପୁର, ୯ । ୭ (ସମିସ):** ଓଡ଼ିଶାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଏକ ୫ ଦିନିଆ ସରକାରୀ ଗସ୍ତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଜୁଲାଇ ୮ ତାରିଖ ରାତିରୁ ଆରମ୍ଭ ହୋଇଥିବା ଏହି ଗସ୍ତ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ମନ୍ତ୍ରୀ ବିଭିନ୍ନ ଜିଲ୍ଲା ଗସ୍ତ କରିବା ସହ ଅନେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ପଦ୍ମପୁରରେ ପ୍ରକଳ୍ପର ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ଜୁଲାଇ ୧୦ ତାରିଖ ପୂର୍ବାହ୍ନ ୧୧ଟାରେ ମନ୍ତ୍ରୀ ପଦ୍ମପୁରଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଶିଳାନ୍ୟାସ କରିବେ।

## ପଦ୍ମିନୀ ପ୍ରଧାନଙ୍କ ପରଲୋକ

**ଗାଇସିଲେଟ, ୯ । ୭ (ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଗନିଆପାଲି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଜେପି ନେତା ଶାନ୍ତନୁ ପ୍ରଧାନଙ୍କ ପତ୍ନୀ ପଦ୍ମିନୀ ପ୍ରଧାନ (୪୧)ଙ୍କ ଆଜି ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ



ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କର ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ପରିବାର, ଶୁଭେଚ୍ଛୁ, ରାଜନୈତିକ ମହଲ ଓ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ବିଜେପୁର ବିଧାୟକ ସନତ ଗଡ଼ତିଆ, ଜିଲ୍ଲାପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ବିଜେପି ଜିଲ୍ଲା ଉପସଭାପତି ପ୍ରବୀଣ ପାଣିଗ୍ରାହୀ, ବିଜେପି ରାଜ୍ୟ ପରିଷଦ ସଦସ୍ୟ ଶରତ ବିଶି, ମଣ୍ଡଳ ପ୍ରଭାରୀ ସଞ୍ଜୟ ପୁରୋହିତ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଗାଁ ଶ୍ମଶାନରେ ଶବ ସତ୍କାର କରିଥିବା ବେଳେ ପୁଅ ଅଂଶୁମାନ ମୁଖାଗ୍ନି ଦେଇଥିଲେ।

## ବରଗଡ଼ ସରକାରୀ ପଲିଟେକ୍ନିକର ୧୪୨ ଛାତ୍ରଛାତ୍ରୀ କ୍ୟାମ୍ପସ ନିଯୁକ୍ତି ପାଇଲେ



**ବରଗଡ଼, ୯ । ୭ (ସମିସ):** ବରଗଡ଼ ସରକାରୀ ପଲିଟେକ୍ନିକର ୧୪୨ଜଣ ଛାତ୍ରଛାତ୍ରୀ ଦେଶର ବିଭିନ୍ନ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥା ଓ ବହୁଜାତୀୟ କମ୍ପାନୀରେ କ୍ୟାମ୍ପସ ନିଯୁକ୍ତି ମାଧ୍ୟମରେ ଚାକିରି ସୁଯୋଗ ପାଇଛନ୍ତି। ଚଳିତ ବର୍ଷ ଅନୁଷ୍ଠାନରେ ଏକାଧିକ ଅନ୍-କ୍ୟାମ୍ପସ ନିଯୁକ୍ତି ଶିବିର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସଚିନ୍ଦ୍ର ଗୋଖୁରା, ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ ଅଫିସର ସ୍ୱାଗତିକା ବାବୁ, ନିତେଶ ଆଚାର୍ଯ୍ୟ ପ୍ରମୁଖ ମାର୍ଗ ଦର୍ଶନ କରିଥିଲେ। ଜେଏସଡବ୍ଲୁ ଗ୍ରୁପ୍, ଆଦାନୀ ଗ୍ରୁପ୍, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଟାଟା ପାୱାର, ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍, ଏସକେଏଚ ୱାଇ-ଟେକ୍, ଏମଆରଏଫ ଟାୟାର୍ସ, ଶ୍ୟାମ ମେଟାଲିକ୍ସ ଏବଂ ଜ୍ୟାକସନ୍ ଗ୍ରୀନ୍ ପରି ଦେଶର ଅଗ୍ରଣୀ କମ୍ପାନୀମାନେ ଅନୁଷ୍ଠାନରେ ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରିଥିଲେ।



ଭେଡେନ ଡାକ୍ତରଖାନାରେ ବିଭିନ୍ନ ବିଶେଷଜ୍ଞ ପଦ ଖାଲି ପଡ଼ିଥିବା ନେଇ ସ୍ଥାନୀୟ ସଚେତନ ଯୁବକ ମାନସ ରଥ, ମହେଶ ବରେଇ ମୁଖ୍ୟ ଚିକିତ୍ସକ ଡାକ୍ତର ସୁଧୀର ମେହେରଙ୍କ ସହ ଆଲୋଚନା କରୁଛନ୍ତି।

## ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ଓ ଜାତିଆଣ ଆକ୍ଷେପ ଅଭିଯୋଗ

**ବରଗଡ଼, ୯ । ୭ (ସମିସ):** ଝାରବନ୍ଧ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମାରିବା ସହ ଜାତିଆଣ ଆକ୍ଷେପ କରାଯାଇଥିବା ନେଇ ଅଭିଯୋଗ ଉଠିଛି। ଏହି ଘଟଣାକୁ ନେଇ ଛାତ୍ରଙ୍କ ବାପା ସୁଶୀଲ ବନଛୋର ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ଚେୟାରମ୍ୟାନ ଛାତ୍ରଙ୍କୁ





ଜାତିଆଣ ଆକ୍ଷେପ କରିବା ସହ ମାଡ଼ ମାରିଥିବା ଦର୍ଶା ଯାଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ ଆଇନଗତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ବନଛୋର ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ଦୁଇ ଯୋଡ଼ି ଦିବ୍ୟାଙ୍ଗଙ୍କ ବିବାହ ସମ୍ପନ୍ନ

**ବରଗଡ଼, ୯ । ୭ (ସମିସ):** ସ୍ଥାନୀୟ ସର୍ବେଶ୍ୱର ମଣ୍ଡପରେ ଦୁଇଜଣ ଦିବ୍ୟାଙ୍ଗ ଯୋଡିଙ୍କ ବାହାଘର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ପାୱାର ଅଫ ଦିବ୍ୟାଙ୍ଗ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହିନ୍ଦୁ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଛି। ସ୍ୱପ୍ନା ସାହୁ ଓ ରାଜ କୁମାର ସାହୁ ଏବଂ ସବିତା ସିଂ ଓ ପ୍ରଦୀପ ପଣ୍ଡାଙ୍କ ବିବାହ ସମ୍ପନ୍ନ ହୋଇଛି। ଏହି ବିବାହ କାର୍ଯ୍ୟକ୍ରମରେ ବରଗଡ଼ର ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଓ ଅତାବିରା ବିଧାୟକ ନିହାର ମହାନନ୍ଦ ମଧ୍ୟ ଉପସ୍ଥିତ ଥିଲେ। ପାୱାର ଅଫ ଦିବ୍ୟାଙ୍ଗର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲଙ୍କ ସହ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଓ ଦିବ୍ୟାଙ୍ଗମାନେ ଉପସ୍ଥିତ ଥିଲେ। ଯେଉଁ ଦିବ୍ୟାଙ୍ଗମାନେ ବିବାହ ହେବା ପାଇଁ ଚାହୁଁଛନ୍ତି ସେମାନେ ପାୱାର ଅଫ ଦିବ୍ୟାଙ୍ଗଙ୍କୁ ଯୋଗାଯୋଗ କଲେ ତାଙ୍କ ବିବାହ ମଧ୍ୟ କରି ଦିଆଯିବ ବୋଲି ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ ଜଣାଇଛନ୍ତି।

## ଟ୍ରାଫିକ୍ ବ୍ୟବସ୍ଥା ସୁଦୃଢ଼ କରିବାକୁ ଏସ୍‌ପିଙ୍କୁ ଦାବି



**ବରଗଡ଼, ୯ । ୭ (ସମିସ):** ବରଗଡ଼ ସହରରେ ଘଟିଥିବା ଜଣେ ସ୍କୁଲ ଛାତ୍ରଙ୍କ ଦୁଃଖଦ ମୃତ୍ୟୁ ଘଟଣା ପରେ ଏନ୍ଏସ୍‌ୟୁଆଇ ପକ୍ଷରୁ ବରଗଡ଼ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସହରର ବନ୍ଧୁଟିକ୍ରା ଛକ, କାଳୀମନ୍ଦିର ଛକ, ଥାନା ଛକ, ଘୁଲିପାଲି ଛକ, ସରକାରୀ ବସ୍‌ଷ୍ଟାଣ୍ଡ ଛକ ଓ ଗାନ୍ଧୀ ଛକ ଭଳି ବ୍ୟସ୍ତ ସ୍ଥାନରେ ସ୍କୁଲ ସମୟରେ ସକାଳ ୯ଟାରୁ ୧୦ଟା ଏବଂ ସନ୍ଧ୍ୟା ୪ଟାରୁ ୫ଟା ପର୍ଯ୍ୟନ୍ତ କଡ଼ାକଡ଼ି ଟ୍ରାଫିକ୍ ବ୍ୟବସ୍ଥା ଏବଂ ପର୍ଯ୍ୟାପ୍ତ ଟ୍ରାଫିକ୍ ପୁଲିସ ନିୟୋଜିତ ପାଇଁ ଦାବି କରାଯାଇଛି।

## କ୍ରିଷ୍ଣା ବିକାଶ ଛାତ୍ରଛାତ୍ରୀଙ୍କ ବନ ବିଭାଗ ନର୍ସରୀ ଭ୍ରମଣ



**ବରଗଡ଼, ୯ । ୭ (ସମିସ):** କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ୭୫ ଜଣ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ବରଗଡ଼ ବରାହଗୁଡାସ୍ଥିତ ବନ ବିଭାଗ ନର୍ସରୀ ପରିଦର୍ଶନ କରିଛନ୍ତି। ବିଜ୍ଞାନ ବିଭାଗର ମୁଖ୍ୟ ବିନୀତ ଦୋରା ଓ ଭୂଗୋଳ ଶିକ୍ଷକ କମଳାକାନ୍ତ ବାରିକ ସେମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ବନ ବିଭାଗର ରେଞ୍ଜ ଅଫିସର ରଞ୍ଜିତ ସିଂ ବାବୁ ଓ ଫରେଷ୍ଟର ଲୋକେଶ୍ୱର ଭୋଇ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ନର୍ସରୀ ପରିଚାଳନା, ଚାରା ଉତ୍ପାଦନ ପ୍ରଣାଳୀ, ଜୈବ ବିବିଧତା, ସଂରକ୍ଷଣ, ବନୀକରଣ ଏବଂ ପରିବେଶ ସୁରକ୍ଷାର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ବିଭିନ୍ନ ପ୍ରଜାତିର ଔଷଧୀୟ, ଶୋଭାବର୍ଦ୍ଧକ ଏବଂ ବନଜାତୀୟ ଉଦ୍ଭିଦ ସମ୍ପର୍କରେ ଅବଗତ ହେବା ସହ ପ୍ରାୟୋଗିକ ପ୍ରଦର୍ଶନ ମାଧ୍ୟମରେ ସ୍ଥାୟୀ ବନ ପରିଚାଳନା ପ୍ରଣାଳୀ ବିଷୟରେ ଜ୍ଞାନ ଲାଭ କରିଥିଲେ। ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ ଓ ଉପାଧ୍ୟକ୍ଷ ଡ. ମନୋଜ ତ୍ରିପାଠୀଙ୍କ ମାର୍ଗଦର୍ଶନ କରିଥିଲେ।

## ବିଜେପୁରରେ ଏବିଭିପିର ପ୍ରତିଷ୍ଠା ଦିବସ

**ବିଜେପୁର, ୯ । ୭ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ୭୮ତମ ପ୍ରତିଷ୍ଠା ଦିବସ ତଥା ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳିତ ହୋଇଯାଇଛି। ବ୍ଲକ ଦୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁଟୁକିଗ୍ରିଞ୍ଜେଲ ଓ ଭୀମ ଭୋଇ ମହାବିଦ୍ୟାଳୟ କଟାପାଲିରେ ସମାରୋହର ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବିଜେପୁର ବ୍ଲକ ସଂଯୋଜକ ରାଜେଶ ସାହୁ ଅଧ୍ୟକ୍ଷତା କରିଥିଲେ। ରୁଦ୍ରପ୍ରତାପ ସାହୁଙ୍କ ପରିଚାଳନାରେ ଆୟୋଜିତ ଉଭୟ




କାର୍ଯ୍ୟକ୍ରମରେ ସାହିଲ ସାହୁ, କୁଷବନ୍ତ ନାଏକ, ରାହୁଲ ନାଗ ପ୍ରମୁଖ ଯୋଗ ଦେଇଥିଲେ।

## ବିନା ସୂଚନା ଫଳକରେ କାମ

**ପାଇକମାଳ, ୯ । ୭ (ସମିସ):** ପାଇକମାଳ ବ୍ଲକ ଜାମସେଠ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାଲିଥିବା ପାଚେରି ପ୍ରାଚୀର ନିର୍ମାଣ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଛି। ପୁରୁଣା ପାଚେରି ଭାଙ୍ଗି ନୂତନ ପାଚେରି ନିର୍ମାଣ କାମ ଚାଲିଛି। ତେବେ କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନି। ଏଣୁ କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସାଧାରଣତଃ ସରକାରୀ ଅର୍ଥରେ କରାଯାଉଥିବା ନିର୍ମାଣ କାର୍ଯ୍ୟରେ ପ୍ରକଳ୍ପର ନାମ, ବ୍ୟୟ ଅଟକଳ, କାର୍ଯ୍ୟାଦେଶ ସଂଖ୍ୟା, କାର୍ଯ୍ୟକାରୀ ସଂସ୍ଥା ଏବଂ ନିର୍ମାଣ ଅବଧି ଆଦି ସମ୍ବଳିତ ସୂଚନା ଫଳକ ପ୍ରଦର୍ଶନ କରାଯାଏ; କିନ୍ତୁ ଏହି କାମରେ ସେପରି କୌଣସି ବ୍ୟବସ୍ଥା ନ ଥିବାରୁ କାର୍ଯ୍ୟର ବିବରଣୀ ସମ୍ପର୍କରେ ଲୋକେ ଅବଗତ ହୋଇପାରୁନାହାନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ପୁରୁଣା ପାଚେରି ଭାଙ୍ଗି ନୂତନ କାମ କରାଯାଉଛି। ଏହି



କାମ କେଉଁ ବିଭାଗ ମାଧ୍ୟମରେ ହେଉଛି, କେତେ ଅର୍ଥ ବ୍ୟୟ ହେଉଛି ଏବଂ କେଉଁ ଠିକାଦାର ଏହାର ଦାୟିତ୍ୱ ନେଇଛନ୍ତି ସେନେଇ ସ୍ପଷ୍ଟ ସୂଚନା ମିଳୁନାହିଁ। ଏହାଫଳରେ ଜନସାଧାରଣଙ୍କ ମନରେ ବିଭିନ୍ନ ସନ୍ଦେହ ଦେଖା ଦେଇଛି। ଏନେଇ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଏହି କାର୍ଯ୍ୟରେ ସୂଚନା ଫଳକ ଦିଆଯିବାର ଆବଶ୍ୟକତା ନ ଥିବା କହି ସେ କଥାକୁ ଏଡାଇ ଦେଇଥିଲେ। ତେବେ ଅଞ୍ଚଳବାସୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟର ସମସ୍ତ ବିବରଣୀ ସାର୍ବଜନୀନ କରିବା ଓ ତୁରନ୍ତ ସୂଚନା ଫଳକ ଲଗାଇବାକୁ ଦାବି କରିଛନ୍ତି। ଏଥିସହ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ ତଦନ୍ତ କରାଯିବା ଆବଶ୍ୟକ ବୋଲି ଦାବି ହୋଇଛି।

# ଚଣ୍ଡିଭଟା ମାର୍କେଟୟାର୍ଡରେ ନିମ୍ନମାନର କାମ

## କାର୍ଯ୍ୟ ବନ୍ଦ କଲେ ସ୍ଥାନୀୟ ଲୋକ

ପଦ୍ମପୁର, ୯ । ୭ (ସମିସ)

ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ଚଣ୍ଡିଭଟା ସମବାୟ ସମିତି ଅଧୀନ ମାର୍କେଟ ୟାର୍ଡରେ ନିର୍ମାଣ କାର୍ଯ୍ୟ ଚାଲିଛି; ହେଲେ ଏଥିରେ ବ୍ୟାପକ ଅନିୟମିତତା ହେଉଛି। ଏହାସହ କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଛି। ଆକଳନ ଅନୁଯାୟୀ କାମ ହେଉନି। ଏଭଳି ଅଭିଯୋଗ କରି ସ୍ଥାନୀୟ ଜନସାଧାରଣ ତୀବ୍ର ବିରୋଧ କରିଛନ୍ତି। ଲୋକଙ୍କ ଅଭିଯୋଗ ଅନୁଯାୟୀ, ଠିକାଦାର ଉପଯୁକ୍ତ ସାମଗ୍ରୀ ବ୍ୟବହାର କରୁନାହାନ୍ତି। ପେଭର ବ୍ଲକ ମଧ୍ୟ ନିମ୍ନମାନର ଲଗାଯାଉଛି। ଏହାଫଳରେ କିଛି



ଦିନ ମଧ୍ୟରେ କାମ ନଷ୍ଟ ହୋଇଯିବ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି। ସେହିପରି ନିମ୍ନମାନର ସିମେଣ୍ଟ ବ୍ୟବହାର ଯୋଗୁଁ ମାର୍କେଟ ପିଣ୍ଡା ଏବଂ ନୂତନ ଅଫିସ ଗୃହରେ ଫାଟ ସୃଷ୍ଟି ହୋଇଛି। ବରଗଡ଼ର ଠିକାଦାର କମଳ ଲୋଚନ ନାୟକ କାର୍ଯ୍ୟସ୍ଥଳକୁ ନ ଆସି କିପରି କାମ ହେଉଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ଏକତ୍ରିତ ହୋଇ କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ବରିଷ୍ଠ ଅଧିକାରୀ ଆସି କାମର ତ୍ରୁଟି ଯାଞ୍ଚ କରିବା ପର୍ଯ୍ୟନ୍ତ କାମ କରିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ ପିଡବ୍ଲୁଡି ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ଶେଖର ସାହୁଙ୍କୁ ଯୋଗାଯୋଗ କରାଯିବାରୁ ଅଭିଯୋଗ ମିଳିଛି। କାମର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

■ ଗଜପତିଙ୍କ ନିବେଦନକୁ ଇସ୍କନର ନା

# ଅଦିନିଆ ରଥଯାତ୍ରା କରିବାକୁ ଜିଦ୍

ପୁରୀ, ୯।୭ (ସମିସ): ଶ୍ରୀଜଗନ୍ନାଥ ସଂସ୍କୃତି ମହାନ ପରମ୍ପରା ଓ ରୀତିନୀତିକୁ ଅକ୍ଷୁଣ୍ଣ ରଖିବା ପାଇଁ ମହାପ୍ରଭୁଙ୍କ ଆଦ୍ୟ ସେବକ ତଥା ଶ୍ରୀମନ୍ଦିର ପରମ୍ପରାର ରକ୍ଷକ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅପିଲ୍‌କୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଦେଇଛି ଇସ୍କନ। ଅଦିନିଆ ରଥଯାତ୍ରା ସମ୍ବନ୍ଧରେ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ଇସ୍କନ ସ୍ପଷ୍ଟ କରିଦେଇଛି। ଫଳରେ ନିଜ ଇଚ୍ଛା ଅନୁସାରେ ଦେଶ ବିଦେଶରେ ଅତିଥିରେ ଇସ୍କନ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ ଜାରି ରଖିବ ବୋଲି ଏହି ନିଷ୍ପତ୍ତି ହିଁ ସ୍ପଷ୍ଟ କରୁଛି। ଫଳରେ ଇସ୍କନର ଏଭଳି ଅମାନିଆ ନିଷ୍ପତ୍ତିକୁ ନେଇ ଶ୍ରୀଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଶାସ୍ତ୍ର ଓ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଅଦିନରେ ରଥଯାତ୍ରା ଓ ସ୍ନାନଯାତ୍ରା କରିବା ବିଧିସମ୍ମତ ନୁହେଁ। ଏହି ପ୍ରସଙ୍ଗରେ ଗଜପତି ମହାରାଜା ଗତ ୪ ତାରିଖରେ ଇସ୍କନ କର୍ତ୍ତୃପକ୍ଷଙ୍କୁ ଏକ ଚିଠି ଲେଖି ଅତିଥିରେ ଏହି ଯାତ୍ରାଗୁଡ଼ିକୁ ବନ୍ଦ ରଖିବା ପାଇଁ ନିବେଦନ

## ଇସ୍କନ ନିଷ୍ପତ୍ତିକୁ ଭକ୍ତ ଓ ସେବାୟତଙ୍କ ବିରୋଧ

କରିଥିଲେ। ସେ ଶାସ୍ତ୍ରୀୟ ମର୍ଯ୍ୟାଦା ରକ୍ଷା କରି ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନ ଯାତ୍ରା ଏବଂ ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ଗତ ୭ ତାରିଖରେ ଗଜପତିଙ୍କ ଚିଠିର ଉତ୍ତର ଇସ୍କନର ଅଧ୍ୟକ୍ଷ ମଧୁସେବିତ ଦାସ ଇ-ମେଲ୍ ମାଧ୍ୟମରେ ଜବାବ ପଠାଇଛନ୍ତି। ସେ ଲେଖିଛନ୍ତି, "ଆମେ ସମ୍ମାନର ସହିତ ଏହି ଆଲୋଚନାରୁ ଓହରୁଛୁ'। ତେବେ ଇସ୍କନ ମୋର ଅନୁରୋଧକୁ ଦୃଢ଼ତାର ସହ ପ୍ରତ୍ୟାଖ୍ୟାନ କରିଛି ବୋଲି ଗଜପତି ମହାରାଜା ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ହିଁ ରଥଯାତ୍ରା ହୋଇଥାଏ। କିନ୍ତୁ ଇସ୍କନ ଦେଶ ବିଦେଶର ବିଭିନ୍ନ ସହରରେ ସ୍ଥାନୀୟ ସୁବିଧା ଅନୁଯାୟୀ ଅତିଥିରେ ସ୍ନାନଯାତ୍ରା ଏବଂ ରଥଯାତ୍ରା କରିଆସୁଛି। ବାରମ୍ବାର ଜଗନ୍ନାଥ ସଂସ୍କୃତି ଉପରେ ଇସ୍କନର ଭଳି କୁଠାରାଘାତକୁ ନେଇ ପୂର୍ବରୁ ଶ୍ରୀମନ୍ଦିର ସେବାୟତ ଓ ଜଗନ୍ନାଥପ୍ରେମୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଆସିଛନ୍ତି। ଏବେ ଗଜପତି ମହାରାଜାଙ୍କ ଆବେଦନକୁ ସିଧାସଳଖ ଇସ୍କନ ପ୍ରତ୍ୟାଖ୍ୟାନ କରିବାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗଜପତି ମହାରାଜା ହେଉଛନ୍ତି ଶ୍ରୀମନ୍ଦିରର ପ୍ରଥମ ସେବକ ଏବଂ ସନାତନ ପରମ୍ପରାର ରକ୍ଷକ। ତାଙ୍କର ଏହି ଅପିଲ୍‌କୁ ପ୍ରତ୍ୟାଖ୍ୟାନ କରିବା ଅର୍ଥ ମହାପ୍ରଭୁଙ୍କୁ ଅପମାନ। ତେଣୁ ଆଗାମୀ ଦିନରେ ଇସ୍କନକୁ ତୀବ୍ର ବିରୋଧ ହେବା ନେଇ ଆଭାସ ଦେଇଛନ୍ତି ଭକ୍ତ। ଫଳରେ ପୁଣି ଥରେ ପରମ୍ପରା ବନାମ ପ୍ରଚାର ବିବାଦ ସାମ୍ନାକୁ ଆସିଛି। ଇସ୍କନକୁ ପୁରୀରେ ଏପରିକି ଆଗାମୀ ରଥଯାତ୍ରାରେ ତୀବ୍ର ବିରୋଧ କରାଯିବା ନେଇ ଅନେକ ସାମାଜିକ ଗଣମାଧ୍ୟମରେ ସ୍ପଷ୍ଟ କରିଛନ୍ତି।

ଜଣେ ଭକ୍ତ ସୁଧାଂଶୁ ପାତ୍ର କହିଛନ୍ତି, ଇସ୍କନର ଏଭଳି ନିଷ୍ପତ୍ତି ଆମ ପରମ୍ପରା ଉପରେ ସିଧା ଆକ୍ରମଣ। ଗଜପତି ମହାରାଜା ହେଉଛନ୍ତି ମହାପ୍ରଭୁଙ୍କ ଆଦ୍ୟ ସେବକ। ତାଙ୍କ କଥାକୁ ମାନିବା ମାନେ ଶାସ୍ତ୍ରକୁ ମାନିବା। ଅଦିନିଆ ରଥ ଟାଣିଲେ ଆମ ରୀତିନୀତିର ମର୍ଯ୍ୟାଦା ରହିବ କ'ଣ? ଇସ୍କନ ଯଦି ପ୍ରଚାର କରିବାକୁ ଚାହୁଁଛି ତେବେ ଠିକ୍ ତିଥିରେ କରୁ। ଆମେ ଏହାର ତୀବ୍ର ବିରୋଧ କରୁଛୁ। ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି, ଏହା ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଆତ୍ମସମ୍ମାନର ନିର୍ଲଜ୍ଜ ଅବମାନନା। ଶ୍ରୀମନ୍ଦିରର ପବିତ୍ର ପରମ୍ପରା, ଶାସ୍ତ୍ରୀୟ ତିଥି-ନୀତି ଓ ଜଗନ୍ନାଥ ଭକ୍ତିର ମହିମାକୁ ଇସ୍କନ୍ ସଂସ୍ଥା ବାରମ୍ବାର ନିର୍ଲଜ୍ଜ ଭାବେ ପାଦତଳେ ପେଷି ଚାଲିଛି। ଅଦିନରେ ରଥଯାତ୍ରା ଓ ସ୍ନାନଯାତ୍ରା ଆୟୋଜନ କରି ସେମାନେ ଗଜପତି ମହାରାଜାଙ୍କ ସ୍ପଷ୍ଟ ଅନୁରୋଧକୁ ପ୍ରତ୍ୟାଖାନ କରୁଛନ୍ତି ଏବଂ ଓଡ଼ିଆ ଜାତିର ଆଧ୍ୟାତ୍ମିକ ପରମ୍ପରାକୁ ଉପହାସ କରୁଛନ୍ତି। ଏହା ଏକ ସାଧାରଣ ବିବାଦ ନୁହେଁ, ଏହା ଜଗନ୍ନାଥ ସଂସ୍କୃତିର ଉପରେ ଏକ ପ୍ରତ୍ୟକ୍ଷ ଆକ୍ରମଣ ଏବଂ ଓଡ଼ିଆ ଗର୍ବର ଅପମାନ। ସେହିପରି ଅନ୍ୟଜଣେ ଶ୍ରଦ୍ଧାଳୁ ସଂଗ୍ରାମ ମିଶ୍ର କହିଛନ୍ତି "ମହାପ୍ରଭୁ ସମସ୍ତଙ୍କର। ବିଦେଶରେ ବସୁଥିବା ଓଡ଼ିଆ ମାନେ ମଧ୍ୟ ରଥଯାତ୍ରା ଦେଖି ଖୁସି ହୁଅନ୍ତି। ହେଲେ ଗଜପତି ମହାରାଜାଙ୍କ ଅପିଲ୍‌କୁ ସିଧା ନା କହିବା ଠିକ୍ ହୋଇନି। ଆଲୋଚନା କରି ଏହାର ସମାଧାନ ରାସ୍ତା ବାହାର କରାଯାଇପାରିଥାନ୍ତା। ପରମ୍ପରା ରକ୍ଷା ହେବା ଦରକାର, ଆଉ ପ୍ରଚାର ମଧ୍ୟ ହେବା ଦରକାର। ଦୁହେଁ ମିଶି ବସି ସମାଧାନ କଲେ ଭଲ ହୁଅନ୍ତା।

# ଗଜପତି ମହାରାଜାଙ୍କ ଅନୁରୋଧକୁ ଇସ୍କନର ପ୍ରତ୍ୟାଖ୍ୟାନ ଦୁର୍ଭାଗ୍ୟଜନକ: ଖଣ୍ଡପଡ଼ା ରାଜା



ଭୁବନେଶ୍ୱର, ୯।୭ (ସମିସ): ବିଦେଶରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ପୁରୀ ଶ୍ରୀମନ୍ଦିରରେ ପାଳିତ ପାରମ୍ପରିକ ବୈଦିକ ତିଥି ଅନୁଯାୟୀ ଆୟୋଜନ କରିବାକୁ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅନୁରୋଧକୁ ଇସ୍କନ ପକ୍ଷରୁ ପ୍ରତ୍ୟାଖ୍ୟାନ କରାଯିବା ଘଟଣାକୁ ନେଇ ଖଣ୍ଡପଡ଼ା ଗଡ଼ଜାତର ରାଜା, ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିରର ବଂଶାନୁକ୍ରମିକ ଟ୍ରଷ୍ଟି ତଥା ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ଏକ ପ୍ରେସ ବିଜ୍ଞପ୍ତିରେ ସେ କହିଛନ୍ତି ଯେ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ଓ ପ୍ରାଚୀନ ପରମ୍ପରାର ଉଲ୍ଲଙ୍ଘନ କେବଳ ଓଡ଼ିଆ ଜାତି ପ୍ରତି ନୁହେଁ; ସମଗ୍ର ହିନ୍ଦୁ ସମାଜର ଧାର୍ମିକ ଭାବାବେଗ ପ୍ରତି ମଧ୍ୟ ଅସମ୍ମାନ ସଦୃଶ। ପୁରୀ ଗଜପତି ମହାରାଜା ଶ୍ରୀଜଗନ୍ନାଥଙ୍କ ପ୍ରଥମ ସେବକ ଓ ଚଳନ୍ତି ପ୍ରତିମା ହୋଇଥିବାରୁ ତାଙ୍କ ଅନୁରୋଧକୁ ଏଭଳି ପ୍ରତ୍ୟାଖ୍ୟାନ କରିବା ଅନୁଚିତ ବୋଲି ସେ କହିଛନ୍ତି। ଶ୍ରୀ ମର୍ଦ୍ଦରାଜ ବିଦେଶରେ ରଥଯାତ୍ରା ପାଳନ ସମ୍ପର୍କିତ ବିବାଦରେ ପୁରୀ ଶ୍ରୀମନ୍ଦିର ପ୍ରଶାସନ, ଓଡ଼ିଶା ସରକାର ଓ କେନ୍ଦ୍ର ସରକାର ଗୁରୁତ୍ୱର ସହ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ନେବାକୁ ଆହ୍ୱାନ ଜଣାଇଛନ୍ତି। ସେ ଆହୁରି କହିଛନ୍ତି ଯେ ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିରରେ ପୁରୀ ଶ୍ରୀମନ୍ଦିରର ସମସ୍ତ ନୀତିନିୟମ ଓ ପରମ୍ପରା ଅନୁସରଣ କରି ରଥଯାତ୍ରା ସହ ସମସ୍ତ ପର୍ବପର୍ବାଣୀ ପାଳନ କରାଯାଉଛି। ଏହି ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ସମସ୍ତ ଜଗନ୍ନାଥପ୍ରେମୀଙ୍କ ଦାୟିତ୍ୱ ବୋଲି ସେ ମତ ପ୍ରକାଶ କରିଛନ୍ତି।

ଶ୍ରୀ ମର୍ଦ୍ଦରାଜଙ୍କ ମତରେ ଶ୍ରୀଜଗନ୍ନାଥ ସଂସ୍କୃତିର ପାରମ୍ପରିକ ବିଧାନ ଅନୁଯାୟୀ ରଥଯାତ୍ରା କେବଳ ପୁରୀ ଶ୍ରୀମନ୍ଦିରରେ ପାଳିତ ଶାସ୍ତ୍ରସମ୍ମତ ତିଥିରେ ହିଁ ଅନୁଷ୍ଠିତ ହେବା ଉଚିତ। ତିଥି ପରିବର୍ତ୍ତନ କରି ରଥଯାତ୍ରା ପାଳନ କରିବା ମହାପ୍ରଭୁଙ୍କ ପ୍ରାଚୀନ ପରମ୍ପରା ଓ ଆଚାରବିଧି ସହ ସଙ୍ଗତିପୂର୍ଣ୍ଣ ନୁହେଁ ବୋଲି ସେ କହିଛନ୍ତି।

## ସତ୍ୟବାଦୀ ତହସିଲ୍‌ରେ ମହାପ୍ରଭୁଙ୍କ ଜମିଜମା ରେକର୍ଡ ସଂଶୋଧନ

# ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର ହେଲା ମହାପ୍ରଭୁଙ୍କ ଭୂ-ସମ୍ପତ୍ତି

ପୁରୀ, ୯।୭ (ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ନାମରେ ଥିବା ଏବଂ ମାର୍ଫତ୍‌ଦାରଙ୍କ ନାମରେ ରେକର୍ଡଭୁକ୍ତ ଜମିର ରେକର୍ଡ ଅଫ୍ ରାଇଟ୍ସ ସଂଶୋଧନ କାର୍ଯ୍ୟରେ ଆଉ ଏକ ସଫଳତା ମିଳିଛି। ଏହି କ୍ରମରେ ସତ୍ୟବାଦୀ ତହସିଲ୍‌ରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀଙ୍କ ନାମରେ ଥିବା ରେକର୍ଡଭୁକ୍ତ ଜମିର ଅରିଜିନାଲ୍ ରେକର୍ଡ ଅଫ୍ ରାଇଟ୍ସ (ଆର୍‌ଓଆର୍) ସଂଶୋଧନ କାର୍ଯ୍ୟ କରାଯାଇଛି। ସତ୍ୟବାଦୀ ତହସିଲ୍‌ରେ ମୋଟ ୩୮ଟି ଖାତାର ରେକର୍ଡ ସଂଶୋଧନ କରାଯାଇଛି। ଫଳରେ ସତ୍ୟବାଦୀର ବିଭିନ୍ନ ମୌଜା ଅନ୍ତର୍ଗତ ମୋଟ ୬୯୩.୧୦୬ ଏକର ଜମିର ଖତିଆନ୍ ସଂଶୋଧନ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି ଭାବେ ଏହି ଜମି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ସତ୍ୟବାଦୀ ତହସିଲ୍‌ଦାର ଏହି ସମ୍ପର୍କିତ ଏକ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ପୂର୍ବରୁ ୪୫୮.୮୯୬ ଏକର ଜମିର ରେକର୍ଡ ସଂଶୋଧନ କରାଯାଇଥିବାବେଳେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଲ୍ୟାଣ୍ଡ ସେଲ ଆରମ୍ଭ ହେବା ପରେ ନୂତନ ଭାବେ ଆଉ ୨୩୪.୨୧ ଏକର ଜମିର ରେକର୍ଡ ସଂଶୋଧନ ହୋଇଛି।

ମହାପ୍ରଭୁଙ୍କ ଜମିଜମାର ସୁରକ୍ଷା, ସଠିକ୍ ରେକର୍ଡ ସଂରକ୍ଷଣ ଏବଂ ଆଇନଗତ ସୁରକ୍ଷା ପାଇଁ ସମସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ନିକଟରେ ଖୋର୍ଦ୍ଧା ଜିଲ୍ଲାର ୪,୭୦୦ ଏକରରୁ ଊର୍ଦ୍ଧ୍ୱ ଜମିର ରେକର୍ଡ ସଂଶୋଧନ ମହାପ୍ରଭୁଙ୍କ ନାମରେ କରାଯାଇଛି। ସେହିଭଳି ପିପିଲି ତହସିଲ୍‌ରେ ମଧ୍ୟ ୮୨ଟି ଖାତାରେ ଥିବା ୭୭.୨୦ ଏକର ଜମିର ଖତିଆନ୍ ସଂଶୋଧନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂ-ସମ୍ପତ୍ତିର ସୁରକ୍ଷା ତଥା ରାଜସ୍ୱ ପ୍ରଶାସନରେ ସ୍ୱଚ୍ଛତା ବଜାୟ ରଖିବା ସହ ଭବିଷ୍ୟତରେ ଜମି ସମ୍ବନ୍ଧୀୟ ବିବାଦ ରୋକିବା ଦିଗରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଉଛି। ଆଗକୁ ମଧ୍ୟ ଏହି କାର୍ଯ୍ୟ ଜାରି ରହିବ ଏବଂ ରାଜ୍ୟ ସରକାର ଏହି ଦିଗରେ ତତ୍ପର ଅଛନ୍ତି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି।

## ଦୁର୍ଘଟଣାରେ ବଡ଼ ମା' ମୃତ; ପୁତୁରା ଗୁରୁତର

କୁଆଖିଆ, ୯।୭ (ସମିସ): କୁଆଖିଆ ଥାନା ଅନ୍ତର୍ଗତ ସାହାପୁର ପୋଲ ନିକଟରେ ଏକ ସଡକ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଥିବା ଜଣାପଡ଼ିଛି। ମୃତା ମହିଳା ଜଣକ ହେଲେ ଯାଜପୁର ସଦର ଥାନା ଦେବିଲ ଗ୍ରାମର ସଂଯୁକ୍ତା ବିଶ୍ୱାଳ। ଗୁରୁତର ହୋଇଥିବା ବ୍ୟକ୍ତି ହେଉଛନ୍ତି ମୃତ ସଂଯୁକ୍ତାଙ୍କ ପୁତୁରା ପ୍ରିୟବ୍ରତ। ସୂଚନା ମୁତାବକ ଉଭୟ ବଡ଼ ମା' ଓ ପୁତୁରା ଜାରକାରୁ ସୁନା କିଣି ସ୍କୁଟି ଯୋଗେ ଯାଜପୁର ରୋଡ ଆଡକୁ ଯାଉଥିବା ବେଳେ ସାହାପୁର ବ୍ରିଜ ଉପରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ସଙ୍ଗେସଙ୍ଗେ ଯାଜପୁର ଟାଉନ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ମହିଳାଙ୍କୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିବା ବେଳେ ପୁତୁରା ପ୍ରିୟବ୍ରତଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ପଠାଯାଇଛି।

## ଆୟ ବହିର୍ଭୂତ ସମ୍ପତ୍ତି ଠାବ

# କେନ୍ଦ୍ରାପଡ଼ା ବନାଞ୍ଚଳ ରେଞ୍ଜର ଗିରଫ

କେନ୍ଦ୍ରାପଡ଼ା, ୯।୭ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ କେନ୍ଦ୍ରାପଡ଼ା ବନାଞ୍ଚଳ ଫରେଷ୍ଟ ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରିଛି। ଗିରଫ ପରେ ତାଙ୍କୁ କଟକସ୍ଥ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯିବ। ଭିଜିଲାନ୍ସ ଅଧିକାରୀ ରେଞ୍ଜରଙ୍କ ବିଭିନ୍ନ ସ୍ଥାନରେ ଥିବା ସମ୍ପତ୍ତି ଉପରେ ଚଢ଼ଉ କରି ତଦନ୍ତ କରିଥିଲେ। ଏହି ତଲାସି ବେଳେ ତାଙ୍କ ନିକଟରୁ ବହୁ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଜବତ ସମ୍ପତ୍ତି ମଧ୍ୟରେ ୨ଟି କୋଠାଘର, ସେଥିରୁ ଗୋଟିଏ ପ୍ରାୟ ୭,୦୩୮ ବର୍ଗଫୁଟ ବିଶିଷ୍ଟ ଚାରି ମହଲା ବିଶାଳ ଅଟ୍ଟାଳିକା, ୬ଟି ଉଚ୍ଚମୂଲ୍ୟର ପ୍ଲଟ୍, ୨୮୩ ଗ୍ରାମ ସୁନା ଅଳଙ୍କାର, ନଗଦ ୨.୧୪ ଲକ୍ଷ ଟଙ୍କା, ପ୍ରାୟ ୭୬ ଲକ୍ଷ ଟଙ୍କାର ବିଭିନ୍ନ ଜମାରାଶି, ଗୋଟିଏ ଚାରିଚକିଆ ଗାଡ଼ି ସମେତ ଅନ୍ୟାନ୍ୟ ସମ୍ପତ୍ତି ରହିଛି। ଉକ୍ତ ସମ୍ପତ୍ତିର ଉତ୍ସ ସମ୍ପର୍କରେ ରେଞ୍ଜର ସନ୍ତୋଷଜନକ ସ୍ପଷ୍ଟୀକରଣ ଦେଇପାରି ନ ଥିଲେ। ଏହାପରେ କଟକ ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନ-୨୦୧୮ ଅନୁଯାୟୀ ୨୫/୨୦୨୬ରେ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଜାରି ରହିଥିବାବେଳେ ଆଗାମୀ ଦିନରେ ଅଧିକ ତଥ୍ୟ ସାମ୍ନାକୁ ଆସିପାରେ ବୋଲି ଅନୁମାନ କରାଯାଉଛି।

## ଓଡ଼ିଶାରେ ଶିମିଳିପାଳ ଅନନ୍ୟ

# ବାଘ ବଂଶ ବୃଦ୍ଧି ଓ ଆନୁବଂଶିକ ବିବିଧତା ରକ୍ଷାରେ ସଫଳ

ବାରିପଦା, ୯।୭ (ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର) ବାଘ ବଂଶ ବୃଦ୍ଧି ଓ ଆନୁବଂଶିକ ବିବିଧତା (ଜେନେଟିକ୍ ବିବିଧତା) ରକ୍ଷା କରିବାରେ ଅନନ୍ୟ ସାବ୍ୟସ୍ତ ହୋଇଛି। ମହାରାଷ୍ଟ୍ରର ତାଡୋବାରୁ ସ୍ଥାନାନ୍ତରିତ ବାଘୁଣୀ ଜିନତ୍ ମେ' ମାସରେ ଚାରୋଟି ସୁସ୍ଥ ଶାବକ ଜନ୍ମ ଦେବା ଭାରତର ଉଚ୍ଚାକାଂକ୍ଷୀ ବ୍ୟାଘ୍ର ଜେନେଟିକ୍ ରେସ୍କ୍ୟୁ କାର୍ଯ୍ୟକ୍ରମର ପ୍ରଥମ ଦୃଶ୍ୟମାନ ସଫଳତା ଆଣିଛି। ଏହି କାର୍ଯ୍ୟକ୍ରମ ଶିମିଳିପାଳ ଜାତୀୟ ଉଦ୍ୟାନର ବାଘ ବଂଶ ବୃଦ୍ଧି ଓ ଜେନେଟିକ୍ ବିବିଧତା (ଆନୁବଂଶିକ ବିବିଧତା) ରକ୍ଷା ପାଇଁ ଦେଶର ଅନ୍ୟତ୍ର ସ୍ୱାସ୍ଥ୍ୟବାନ ବାଘ ଜନସଂଖ୍ୟାରୁ ସମ୍ପର୍କହୀନ ବାଘକୁ ଆଣି ସଫଳତା ମିଳିଛି। ଦଶକ ଧରି ଅନ୍ୟ ବାଘ ଅଞ୍ଚଳରୁ ବିଚ୍ଛିନ୍ନ ହୋଇଥିବା କାରଣରୁ ଶିମିଳିପାଳର ବାଘମାନେ ଇନବ୍ରିଡିଂ (ନିକଟ ସମ୍ପର୍କୀୟ ପ୍ରଜନନ) ଯୋଗୁଁ ଜେନେଟିକ୍ ଭାବେ ଦୁର୍ବଳ ହୋଇପଡ଼ିଛନ୍ତି।

୨,୭୫୦ ବର୍ଗ କିଲୋମିଟର ବିସ୍ତୃତ ଶିମିଳିପାଳରେ ପ୍ରାୟ ୩୨ଟି ବାଘ ରହିଛନ୍ତି। ଏହା ବିଶ୍ୱର ଏକମାତ୍ର ଜଣାଶୁଣା ଲ୍ୟାଣ୍ଡସ୍କେପ୍। ଯେଉଁଠାରେ ବହୁସଂଖ୍ୟକ ସ୍ୟୁଡୋ-ମେଲାନିଷ୍ଟିକ୍ (କଳା) ବାଘ ପ୍ରାକୃତିକ ଭାବେ ଦେଖାଯାଏ। ସେମାନଙ୍କର ଆକର୍ଷଣୀୟ ରୂପ ସେମାନଙ୍କୁ ବିଶ୍ୱବ୍ୟାପୀ ପ୍ରସିଦ୍ଧ କରିଛି। କିନ୍ତୁ ସଂରକ୍ଷଣ ବିଦ୍ୱାନମାନେ ବିଶ୍ୱାସ କରନ୍ତି ଯେ ସେମାନଙ୍କର ଅସ୍ୱାଭାବିକ ଅଧିକ ସଂଖ୍ୟା ରିଜର୍ଭର ହ୍ରାସ ପାଉଥିବା ଜେନେଟିକ୍ ବିବିଧତାର ପ୍ରତିଫଳନ। ଦଶକ ଧରି ଅନ୍ୟ ବ୍ୟାଘ୍ର ଲ୍ୟାଣ୍ଡସ୍କେପ୍ ସହ ବିଚ୍ଛିନ୍ନ ହୋଇଥିବାରୁ ନୂତନ ଜିନ୍ ପ୍ରବେଶ ହୋଇ ନ ଥିଲା। ଫଳରେ ବ୍ୟାଘ୍ରମାନେ କ୍ରମଶଃ ଇନବ୍ରିଡ୍ ହୋଇଗଲେ। ୨୦୦୬ରେ ପ୍ରାୟ ୪୫ଟି ବ୍ୟାଘ୍ର ଥିବା ଅନୁମାନ କରାଯାଇଥିଲା, କିନ୍ତୁ ୨୦୧୮ ସର୍ବଭାରତୀୟ ବାଘ ଗଣନା (ଏଆଇଟିଇ) ରେ ମାତ୍ର ୮ଟି ବାଘ ଥିବା ଫଟୋ ଉତ୍ତୋଳିତ ହୋଇଥିଲା। ବ୍ୟାଘ୍ର ଘନତ୍ୱ ୧୦୦ ବର୍ଗ କିଲୋମିଟର ପ୍ରତି ପ୍ରାୟ ୧.୦୨ଟି ହୋଇଯାଇଥିଲା। ପରେ ଉନ୍ନତ ସୁରକ୍ଷା ଓ ଆବାସ ପରିଚାଳନା ଯୋଗୁଁ ସଂଖ୍ୟା ପୁନରୁଦ୍ଧାର ହୋଇଥିଲା। ତଥାପି କଳା ବାଘଙ୍କ ଦ୍ରୁତ ବୃଦ୍ଧି ନୂଆ ଚିନ୍ତା ସୃଷ୍ଟି କରିଥିଲା। ୨୦୨୩-୨୪ ସର୍ବଭାରତୀୟ ବାଘ ଗଣନାରେ ଶିମିଳିପାଳରେ ୧୩ଟି କଳା ବ୍ୟାଘ୍ର ଦେଖାଯାଇଥିଲା, ଯାହା ମୋଟ ସଂଖ୍ୟାର ପ୍ରାୟ ଅଧା ଅଂଶ। ସ୍ୟୁଡୋ-ମେଲାନିଷ୍ଟିକ୍ ବାଘମାନେ ଅଲଗା ଉପପ୍ରଜାତି ନୁହଁନ୍ତି। ସେମାନେ ବେଙ୍ଗଲ




ଟାଇଗର, ଯେଉଁମାନେ ଟାକପେପ୍ ଜିନ୍‌ରେ ଏକ ବିରଳ ରିସେସିଭ୍ ମ୍ୟୁଟେସନ୍ ପାଇଥା'ନ୍ତି। ଉଭୟ ପିତା ଓ ମାତାଙ୍କଠାରୁ ମ୍ୟୁଟେସନ୍ ଜିନ୍ ପାଇଲେ ହିଁ କଳା ରଙ୍ଗ ଦେଖାଯାଏ।

୨୦୨୧ର ଜେନେଟିକ୍ ଅଧ୍ୟୟନରେ ଶିମିଳିପାଳରେ ବାଘଙ୍କ ଅସ୍ୱାଭାବିକ କମ୍ ଜେନେଟିକ୍ ବିବିଧତା ଓ ଉଚ୍ଚ ସମ୍ପର୍କୀୟତା ପ୍ରମାଣିତ ହୋଇଥିଲା। ଏନସିବିଏସ, ବେଙ୍ଗାଲୁରୁର ପ୍ରଫେସର୍ ଉମା ରାମକୃଷ୍ଣନଙ୍କ ନେତୃତ୍ୱରେ କରାଯାଇଥିବା ଅଧ୍ୟୟନରେ ଶିମିଳିପାଳର ୧୨ଟି ବାଘର ଜେନେଟିକ୍ ନମୁନା ସହ ଦେଶର ବିଭିନ୍ନ ଅଞ୍ଚଳର ୩୬୬ଟି ବ୍ୟାଘ୍ରର ତୁଳନା କରାଯାଇଥିଲା। ଜେନେଟିକ୍ ବିବିଧତା ମାପ ୦.୨୮ ଓ ସମ୍ପର୍କୀୟତା ୦.୩୮ ଜଣାଯିବା, କମ୍ ଜେନେଟିକ୍ ବିବିଧତା ଓ ଗୁରୁତର ଇନବ୍ରିଡିଂ ପ୍ରମାଣ କରୁଥିଲା। ଏଣୁ ବାହାର ଅଭୟାରଣ୍ୟରୁ ବାଘୁଣୀ ଆଣିବାକୁ ଚିନ୍ତା କରାଗଲା। ମଧ୍ୟଭାରତର ବ୍ୟାଘ୍ର ଜନସଂଖ୍ୟାର ଜେନେଟିକ୍ ବିବିଧତା ଅଧିକ ଥିଲା। ମହାରାଷ୍ଟ୍ରର ତାଡୋବା-ଆନ୍ଧାରୀ ଟାଇଗର ରିଜର୍ଭ ସର୍ବୋତ୍ତମ ଡୋନର୍ ହୋଇଉଠିଥିଲା। ୨୦୨୪ରେ ଏନଟିସିଏ ପ୍ରଥମ ପର୍ଯ୍ୟାୟରେ ଜିନତ୍ ଓ ଯମୁନା ନାମକ ଦୁଇ ବାଘୁଣୀ ଆଣିବାକୁ ଅନୁମୋଦନ କରିଥିଲା। ତଦନୁସାରେ ବାଘ ବଂଶ ବୃଦ୍ଧି ଓ ଜେନେଟିକ୍ ବିବିଧତା (ଆନୁବଂଶିକ ବିବିଧତା) ରକ୍ଷା କରିବା ପାଇଁ ୨୦୨୪ ନଭେମ୍ବରରେ ମହାରାଷ୍ଟ୍ର ତଡବା ଅଭୟାରଣ୍ୟରୁ ଶିମିଳିପାଳକୁ ପର୍ଯ୍ୟାୟକ୍ରମେ ଆସିଥିବା ୨ଟି ମହାବଳ ବାଘୁଣୀ ମଧ୍ୟରୁ ଜିନତ ୪ଟି ସୁସ୍ଥ ଶାବକକୁ ଜନ୍ମ ଦେଇଛି। ଏହି ସଫଳତା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ କଳାବାଘ ସଂଖ୍ୟା ନିୟନ୍ତ୍ରଣ ସହିତ ବାଘ ସଂଖ୍ୟାରେ ବୃଦ୍ଧି ଯୋଜନାର ଲକ୍ଷ୍ୟ ହାସଲ ହୋଇଛି। ତତସହିତ ଏହି ୪ ଶାବକକୁ ମିଶାଇ ବର୍ଷକ ମଧ୍ୟରେ ଶିମିଳିପାଳରେ ୧୬ଟି ବାଘ ଶାବକ ଜନ୍ମ ନେଇଛନ୍ତି। ୫ଟି ମାଈ ବାଘୁଣୀ ଔରସରୁ ଏହି ଶାବକ ଜନ୍ମ ହୋଇଥିବାବେଳେ ସେଥିମଧ୍ୟରୁ ମହାରାଷ୍ଟ୍ର ବାଘୁଣୀ ଜିନତ୍ ୪ଟି ଶାବକ ଜନ୍ମ ଦେଇଛି। ଆଗାମୀ ପଦକ୍ଷେପ ସ୍ୱରୂପ ଅକ୍ଟୋବର ମାସରେ ଆଉ ୨ଟି ବାଘୁଣୀ ସହିତ ଏକ ମହାବଳ ବାଘ ଆଣିବା ଯୋଜନା କରାଯାଇଛି। ଶିମିଳିପାଳ ଏକାକୀ ପ୍ରାୟ ୭୫ଟି ପ୍ରାପ୍ତବୟସ୍କ ବାଘ ରହିବା ଭଳି କ୍ଷେତ୍ର ସମର୍ଥନ ଦେଇପାରିବ ବୋଲି ଅନୁମାନ କରାଯାଉଛି। ବିସ୍ତୃତ ଲ୍ୟାଣ୍ଡସ୍କେପ୍‌ରେ ୨୦୦ ପର୍ଯ୍ୟନ୍ତ ବାଘ ବାସ କରିବା ସମ୍ଭାବନା ରହିଛି। ଦୀର୍ଘକାଳୀନ ଲକ୍ଷ୍ୟ ହେଉଛି, ପୂର୍ବ ଭାରତରେ ପ୍ରାକୃତିକ ଜିନ୍ ପ୍ରବାହ ପୁନଃସ୍ଥାପନ କରିବା ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହୀରାକୁଦ ଖୋଲିଲା...

ଆଜି ସକାଳ ୯ଟା ସମୟରେ ଜଳସ୍ତର ୬୧୪.୯୩ ଫୁଟ୍‌ରେ ପହଞ୍ଚିଥିଲା ଏବଂ ପ୍ରତି ସେକେଣ୍ଡରେ ୧୪୧୪୩୮ କ୍ୟୁସେକ୍ ଜଳ ଜଳଭଣ୍ଡାର ମଧ୍ୟକୁ ପ୍ରବେଶ କରୁଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯିବା ପରେ ଜଳଭଣ୍ଡାରର ୪ଟି ସ୍ଲୁଇସ ଗେଟ୍‌କୁ ଖୋଲାଯାଇଛି। ପ୍ରତିବର୍ଷ ଭଳି ପ୍ରଥମେ ଗେଟ୍ ନଂ. ୭ ଖୋଲାଯାଇଥିଲା। ଏହାପରେ ପର୍ଯ୍ୟାୟକ୍ରମେ ମୋଟ ୪ଟି ଗେଟ୍ ଖୋଲାଯାଇଥିଲା। ଏଥିମଧ୍ୟରୁ ବାମପାର୍ଶ୍ୱରୁ ୩ଟି ଏବଂ ଦକ୍ଷିଣ ପାର୍ଶ୍ୱରୁ ଗୋଟିଏ ସ୍ଲୁଇସ ଗେଟ୍ ଦେଇ ବନ୍ୟାଜଳ ମହାନଦୀକୁ ନିଷ୍କାସନ କରାଯାଉଛି। ୪ଟି ଗେଟ୍ ଖୋଲିବାପରେ ମହାନଦୀକୁ ୮୯୭୯୧ କ୍ୟୁସେକ ଜଳ ନିଷ୍କାସିତ ହେଉଥିବା ସୂଚନା ମିଳିଛି। ହୀରାକୁଦ ମୁଖ୍ୟବନ୍ଧ ତଥା ଅପର ମହାନଦୀ ବେସିନ ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ କହିଛନ୍ତି, ଉପରମୁଣ୍ଡ ଓ ତଳମୁଣ୍ଡରେ ବର୍ଷାର ପରିମାଣ ହ୍ରାସ ପାଇଛି। ତେଣୁ ତଳିଆ ଅଞ୍ଚଳରେ ବନ୍ୟା ସୃଷ୍ଟି ହେବାର କୌଣସି ଆଶଙ୍କା ନାହିଁ। ସନ୍ଧ୍ୟା ସୁଦ୍ଧା ସ୍ଥିତିକୁ ଦେଖି ଆଉ ୫ କିମ୍ବା ଅଧିକ ଗେଟ୍ ଖୋଲାଯାଇପାରେ। ଏହି ବନ୍ୟାଜଳ ମୁଣ୍ଡଳୀରେ ପହଞ୍ଚିବା ପାଇଁ ପ୍ରାୟ ୩୬ ଘଣ୍ଟା ସମୟ ଲାଗିବ ଏବଂ ସେତେବେଳକୁ ସେଠାରେ ଜଳସ୍ତର ଯଥେଷ୍ଟ କମି ଯାଇଥିବ। ଏଣୁ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିବ ବୋଲି ମୁଖ୍ୟଯନ୍ତ୍ରୀ ଇଂ. ଚୌଧୁରୀ ସୂଚନା ଦେଇଛନ୍ତି।

ଆଜି ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୫.୨୧ ଫୁଟ ରହିଛି। ନଦୀବନ୍ଧର ବାମପଟର ୭ଟି ଓ ଡାହାଣ ପଟର ୩ଟି ଏହିପରି ୧୦ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୯୩,୬୬୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୮୧,୮୬୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୫୨,୮୫୦ କ୍ୟୁସେକ୍, ପାୱାର ଚେନାଲ ଦେଇ ୨୫୪୪୦ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୩୩୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୦୪୦୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୨୭୧୦୫ କ୍ୟୁସେକ୍, ଖଇରମାଳଠାରେ ୬୬୦୦୦ କ୍ୟୁସେକ୍, ବାରମୁଲଠାରେ ୮୨୦୦୦ କ୍ୟୁସେକ ଏବଂ ମୁଣ୍ଡଳୀଠାରେ ୨୦୧୯୨୦ କ୍ୟୁସେକ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨.୧୧ ମିମି ଏବଂ ତଳମୁଣ୍ଡରେ ୦.୪୪ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ଉପରମୁଣ୍ଡରେ ବର୍ଷା ଓ ଛତିଶଗଡ଼ର କଲମା ବ୍ୟାରେଜ୍ ସମସ୍ତ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଥିବାରୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ଏଥିପାଇଁ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଜଳଭଣ୍ଡାରରୁ ଆଜି ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ମହାନଦୀ ଅବବାହିକାରେ ଥିବା ୧୩ଟି ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି। ଏହାସହ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରି ସର୍ବସାଧାରଣଙ୍କୁ ସଚେତନ କରାଯାଉଛି। ବନ୍ୟାଜଳ ନିଷ୍କାସନ ପୂର୍ବରୁ ନିୟମିତ ଭାବେ ସାଇରନ୍ ବାଜିଥିଲା। ବନ୍ୟାଜଳ ନିଷ୍କାସନ ସମୟରେ ନଦୀ ମଧ୍ୟକୁ ପ୍ରବେଶ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି।

### ୧୩ରୁ ପୁଣି...

ଆଶଙ୍କା ଥିବାରୁ ସେହିଦିନ କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହୋଇପାରେ ବୋଲି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ପାଣିପାଗ ବିଭାଗର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଏବେଠାରୁ ଜଳ ସମ୍ପଦ ବିଭାଗ ସଜାଗ ହୋଇଛି। ଜୁଲାଇ ୧୩ ପରେ ବର୍ଷା ବଢ଼ିବାର ଥିବାରୁ ଏହା ପୂର୍ବରୁ ହୀରାକୁଦ ଜଳଭଣ୍ଡାରର ଜଳ ପରିଚାଳନା ସାରିବାକୁ ଯୋଜନା କରାଯାଇଛି। ଏହି କ୍ରମରେ ହୀରାକୁଦ ଡ୍ୟାମରୁ ପର୍ଯ୍ୟାୟକ୍ରମେ ଗେଟ୍ ଖୋଲାଯାଉଛି। ଆଗୁଆ ଜଳ ନିଷ୍କାସନ କରି ଆଗାମୀ ବର୍ଷା ଜଳକୁ ସଂରକ୍ଷଣ କରିବା ସହ ସମ୍ଭାବ୍ୟ ବନ୍ୟା ସ୍ଥିତିକୁ ଏଡ଼ାଇବା ପାଇଁ ଯୋଜନା କରିଛି ଜଳ ସମ୍ପଦ ବିଭାଗ। ହୀରାକୁଦ ଡ୍ୟାମର ଜଳଭଣ୍ଡାର ବର୍ତ୍ତମାନ ପ୍ରାୟ ୪୭ ପ୍ରତିଶତ ପୂରଣ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ସକାଳେ ୪ ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ୯୪ ହଜାର କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଥିବା ବେଳେ ସନ୍ଧ୍ୟାରେ ଆଉ ୬ଟି ଗେଟ୍ ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ଫଳରେ ମୋଟ ୧ ଲକ୍ଷ ୮୦ ହଜାର କ୍ୟୁସେକ୍ ଜଳ ହୀରାକୁଦରୁ ଛଡ଼ାଯିବ। ଏହି ଜଳ ୩୬ରୁ ୪୮ ଘଣ୍ଟା ମଧ୍ୟରେ ମୁଣ୍ଡଳୀରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

### ମୁଣ୍ଡ ନେଲା...

ହୋଇଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଡିଏମଇ ସମସ୍ତ ସରକାରୀ ମେଡିକାଲକୁ ଆଇସୋଲେସନ ବେଡ୍, ଆଇସିୟୁ, ଅକ୍ସିଜେନ ଏବଂ ଚିକିତ୍ସା ସରଞ୍ଜାମ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭାରତରେ ପ୍ରଥମ କରୋନା ମାମଲା ୩୦ ଜାନୁଆରୀ ୨୦୨୦ ରେ କେରଳରୁ ଚିହ୍ନଟ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଦେଶରେ ସରକାରୀ ଭାବେ ପ୍ରାୟ ୫.୩ ଲକ୍ଷ ଲୋକଙ୍କର କରୋନାରେ ମୃତ୍ୟୁ ହୋଇସାରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ଅନୁସାରେ, ଏହି ମାରାତ୍ମକ ଭୂତାଣୁର ଆଲଫା, ବିଟା, ଗାମା, ଡେଲଟା ଏବଂ ଓମିକ୍ରନ ଭଳି ଅନେକ ଭାରିଆଣ୍ଟ ଏବଂ ସବ୍-ଭାରିଆଣ୍ଟ ସାମ୍ନାକୁ ଆସିସାରିଛି।

### ୨୦୫୦ ସୁଦ୍ଧା...

ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଏହା ଅତ୍ୟଧିକ ଚାପ ସୃଷ୍ଟି କରିବ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, କ୍ୟାନ୍ସର ସ୍କ୍ରିନିଂ, ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ, ତମାଖୁ ଓ ମଦ୍ୟପାନରୁ ଦୂରେଇ ରହିବା ସହ ସ୍ତନ, ଗର୍ଭାଶୟ, ମୁଖ, ମୁଖଗହ୍ୱର, ପ୍ରୋଷ୍ଟେଟ୍ ଓ କୋଲନ୍ କର୍କଟ ପାଇଁ ସମୟମତେ ସ୍କ୍ରିନିଂ କରାଯାଇପାରିଲେ ରୋଗକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ କରି ଚିକିତ୍ସା ସଫଳତାର ସମ୍ଭାବନା ବଢ଼ାଯାଇପାରିବ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଭାରତ ସମେତ ବିକାଶଶୀଳ ଦେଶଗୁଡ଼ିକ ପାଇଁ ଏହି ରିପୋର୍ଟ ଏକ ଗୁରୁତର ସତର୍କ ସଙ୍କେତ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି। କେବଳ ଚିକିତ୍ସା ବ୍ୟବସ୍ଥା ବଢ଼ାଇଲେ ହେବ ନାହିଁ, ବରଂ ଲୋକଙ୍କ ମଧ୍ୟରେ ସଚେତନତା, ପ୍ରତିରୋଧମୂଳକ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟକର ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ଅତ୍ୟାବଶ୍ୟକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସତର୍କବାଣୀ ଶୁଣାଇଛି।

### ଆରମ୍ଭ ହେଲା...

ଯୋଗ ଦେବାକୁ ଅନୁରୋଧ କରିଛି। ସେମାନଙ୍କ ସହ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର(ଇଆରଓ), ସହକାରୀ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର (ଏଇଆରଓ) ଏବଂ ଜେନେରାଲ ମିସେଲାନିଅସ ସେକ୍ସନର ଦାୟିତ୍ୱରତ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ। ନିର୍ବାଚନ ଆୟୋଗର ଏହି ପଦକ୍ଷେପକୁ ୨୦୨୭ ନିର୍ବାଚନ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଭାବେ ଦେଖାଯାଉଛି।

SANSKAR INTERNATIONAL SCHOOL BARGARH
Co-Educational Senior Secondary Residential School | AFFILIATED TO CBSE
ADMISSION OPEN 2026-27
Nursery to Class 11 | Science, Commerce & Humanities
Pure Veg Food | 18 Variety of Sports
TOP CLASS HOSTEL FACILITY AT VERY AFFORDABLE PRICE
8598 99 89 89/ 9556 65 47 77
Bargarh, Odisha www.sanskarbargarh.in

### ନାବାଳିକାକୁ ଅପହରଣ କରି ବରଗଡ଼ରେ ଦୁଷ୍କର୍ମ: ଅଭିଯୁକ୍ତ ଗିରଫ

ରାଉରକେଲା, ୯।୭ (ସମିସ): ସ୍ଥାନୀୟ ସେକ୍ଟର - ୩ ଅଞ୍ଚଳରୁ ଜଣେ ୧୪ ବର୍ଷୀୟା ନାବାଳିକାକୁ ୩ ଜଣ ଯୁବକ କାର୍‌ରେ ଅପହରଣ କରି ବରଗଡ଼ରେ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ସେକ୍ଟର - ୩ ଥାନାରେ ହେବାପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣାରେ ଜଣଙ୍କୁ ବରଗଡ଼ରୁ ଗିରଫ କରି ଅଧିକ ପଚରାଉଚୁରା କରୁଛି ପୁଲିସ।

यूनियन बैंक ऑफ इंडिया | Union Bank of India
भारत सरकार का उपक्रम A Government of India Undertaking

କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର
ମାଣିଖମ୍ଭ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank.in, ମୋ.: ୮୯୨୮୯୧୭୪୧୧

ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଏବଂ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ୧୧.୦୮.୨୦୨୬ରିଖ ରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

ସାହାଡ଼ା ଶାଖା, ଲାଲାଜୀବଜାର, ସାହାଡ଼ା, ଜିଲ୍ଲା: ଭଦ୍ରକ, ମୋ.: ୭୯୦୩୭୧୭୫୭୮, ଇମେଲ: ubin0821349@unionbankofindia.bank

| ଋଣଗ୍ରହୀତା/ସହ-ଆବେଦନକାରୀମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
| --- | --- |
| ଋଣଗ୍ରହୀତା: ଶ୍ରୀ କାର୍ତ୍ତିକ ରଣା, ପିତା: ସନାତନ ରଣା / ସହ-ଆବେଦନକାରୀ: ଶ୍ରୀମତୀ ଜୟଲକ୍ଷ୍ମୀ ରଣା, ସ୍ୱାମୀ: ଶ୍ରୀ କାର୍ତ୍ତିକ ରଣା, ଉଭୟଙ୍କ ଠିକଣା- ସା: ଚକପୁର, ପୋ: ଗୋରାମାଟି, ଭାୟା: ସାବରଙ୍ଗ, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୨୩ | ୨୨.୦୧.୨୦୨୬ ସୁଦ୍ଧା ଟ.୯,୧୬,୬୯୪.୬୯ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୧: ଶ୍ରୀମତୀ ଜୟଲକ୍ଷ୍ମୀ ରଣା, ସ୍ୱାମୀ: ଶ୍ରୀ କାର୍ତ୍ତିକ ରଣାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୨୩୭/୨୨୧, ପ୍ଲଟ୍ ନଂ.: ୩୧୪୦/୩୭୯୦, କ୍ଷେତ୍ର: ଏକର୦.୦୫୦ଡିସିମିଲି ଏବଂ ପ୍ଲଟ୍ ନଂ.: ୩୧୪୧/୩୭୯୧, କ୍ଷେତ୍ର: ଏକର୦.୧୩୧ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୧୮୧ଡିସିମିଲି, ମୌଜା: ଗୋରାମାଟି, ଥାନା/ତହସିଲ/ଏସ୍‌ଆରଓ: ଭଦ୍ରକ, ଜିଲ୍ଲା: ଭଦ୍ରକ, ଏହାର ଚଉହଦି- ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ନିଜସ୍ୱ, ପୂର୍ବ: ପ୍ଲଟ୍ ନଂ. ୩୧୪୧ (ଅଂଶ), ପଶ୍ଚିମ: ମୁରଲୀ ରଣା ଏବଂ ଅନ୍ୟମାନେ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୩୭,୮୨,୫୦୦.୦୦ / ଅମାନତ ଜମା ରାଶି: ଟ.୩,୭୮,୨୫୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୩୭,୮୨୫.୦୦

ଇ-ନିଲାମ ତାରିଖ ଏବଂ ସମୟ: ୧୧.୦୮.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com
ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ହେବା ପୂର୍ବରୁ
ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://baanknet.com, www.unionbankofindia.bank.in ଦେଖନ୍ତୁ।
ସ୍ଥାନ: ବାଲେଶ୍ୱର, ତାରିଖ: ୦୯.୦୭.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିବ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯୋଜନା ଅନୁଯାୟୀ କାମ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି।

**କର୍କଟ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିପାରନ୍ତି।

**ସିଂହ:** ଅଚାନକ ଖୁସି ଖବର ମିଳିପାରେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। କଳା କ୍ଷେତ୍ରରେ ରୁଚି ବଢ଼ିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିପାରେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିପାରନ୍ତି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କାର୍ଯ୍ୟରେ ବାଧା ଆସିପାରେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିପାରେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଧୈର୍ଯ୍ୟ ରଖି କାମ କରନ୍ତୁ। ଆଶା ପୂରଣ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।

**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ଅତିଥି ସତ୍କାର କରିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ଧନଲାଭ ଯୋଗ ଅଛି। ଯୋଜନା ମୁତାବକ କାମ କରିବେ। ଦାନ ଧର୍ମ କରିବେ।

## ଆଜିର ଇତିହାସ

- ୧୯୧୩-ରୋମାନିଆ ବୁଲ୍‌ଗେରିଆ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୨୪- ଡେନମାର୍କ ଗ୍ରୀନ୍‌ଲ୍ୟାଣ୍ଡ ଉପରେ କବ୍‌ଜା କଲା।
- ୧୯୬୫- ଗ୍ୱାଲିୟରରେ ମହିଳାମାନଙ୍କ ପାଇଁ ପ୍ରଥମ ଥର ଏନ୍‌ସିସି କଲେଜର ସ୍ଥାପନା କରାଗଲା।
- ୧୯୯୯- ଜେନିଭାରେ ଅନ୍ତରାଷ୍ଟ୍ରୀୟ ଶ୍ରମ ସମ୍ମିଳନୀ ଆରମ୍ଭ ହେଲା।
- ୨୦୧୩- ଚୀନ୍‌ର ସିଚୁଆନ୍‌ରେ ଭୂସ୍ଖଳନ ଯୋଗୁଁ ୪୦ ଲୋକଙ୍କ ମୃତ୍ୟୁ।

# ରୋବଟ୍ ସମ୍ଭାଳିବ ହୋଟେଲ କାମ



ଚୀନ୍ ଆସନ୍ତା ବର୍ଷ ଏମିତି ଏକ ହାଇଟେକ୍ ହୋଟେଲ ଆରମ୍ଭ କରିବାକୁ ଯାଉଛି, ଯାହା ସଂପୂର୍ଣ୍ଣ ଭାବେ ରୋବଟ୍ ଦ୍ୱାରା ପରିଚାଳିତ ହେବ। ହୋଟେଲର ରିସେପସନ୍, ରୁମ୍ ମଧ୍ୟକୁ ଗ୍ରାହକଙ୍କ ଜିନିଷ ପହଞ୍ଚାଇବା କାମ, ଖାଦ୍ୟ ପରଷିବାଠାରୁ ଆରମ୍ଭ କରି ସଫେଇ ଆଦି ସମସ୍ତ ଦାୟିତ୍ୱ ରୋବଟ୍ ସମ୍ଭାଳିବ। ବିଶେଷକରି ଏଆଇ ଟେକ୍ନୋଲୋଜି ଏବଂ ସ୍ମାର୍ଟ ସିଷ୍ଟମ ସାହାଯ୍ୟରେ ତିଆରି ହେଉଥିବା ଏହି ହୋଟେଲ ଭବିଷ୍ୟତର ହୋଟେଲ ଉଦ୍ୟୋଗକୁ ନୂଆ ରୂପ ଦେଖାଇବାକୁ ଯାଉଛି। ଏହା ସେନଜେନ-ଝୋଙ୍ଗସାନ ଲିଙ୍କ୍‌ରେ ଥିବା ଏକ କୃତ୍ରିମ ଦ୍ୱୀପରେ ନିର୍ମାଣ କରାଯାଉଛି। ପୁଡୁ ରୋବଟିକ୍ସ କମ୍ପାନି ଏହି ପ୍ରୋଜେକ୍ଟ ଆରମ୍ଭ କରିଛି। ତେବେ ପ୍ରଥମ ଥର ପାଇଁ କୌଣସି ହୋଟେଲକୁ ପୂରାପୂରି ରୋବଟ୍ ଭରସାରେ ପରିଚାଳିତ କରିବା ଲାଗି ପ୍ରସ୍ତୁତି କରାଯିବ। ତେବେ ଏଠାରେ ଲୋକଙ୍କୁ ପାରମ୍ପରିକ ହୋଟେଲର ଅନୁଭୂତି ହିଁ ମିଳିବ। ହେଲେ କାମ କରୁଥିବା କର୍ମଚାରୀ ଏଠାରେ ମଣିଷ ହେବେ ନାହିଁ। ଏହି ହୋଟେଲରେ ପ୍ରତ୍ୟେକ କାମ ଲାଗି ଅଲଗା ଅଲଗା ରୋବଟ୍‌କୁ ନିଯୁକ୍ତ କରାଯିବ। ଫ୍ଲାସବଟ୍ ରୋବଟ୍ ଡେଲିଭରି କାମ କରିବ। ସେହିଭଳି ପୁଡୁଟି ୩୦୦ ରୋବଟ୍ ଅତିଥିଙ୍କ ଜିନିଷ ବୋହିବା କାମ କରିବ। ଏହା ଲବିରୁ ବ୍ୟାଗ୍ ନେଇ ରୁମ୍‌ରେ ପହଞ୍ଚାଇବ। ପୁଡୁ ସିସି ୧ ପ୍ରୋ ଏବଂ ଏମ୍‌ଟି ୧କୁ ସଫେଇ ପାଇଁ ପ୍ରସ୍ତୁତ କରାଯାଇଛି। ଏହା ଏଆଇ ସାହାଯ୍ୟରେ ମଇଳାକୁ ଚିହ୍ନଟ କରି ପରିଷ୍କାର କରିବ। କମ୍ପାନି ଅନୁସାରେ, ଏହି ସମସ୍ତ ରୋବଟ୍ ଅଲଗା ଅଲଗା କାମ କରିବେ। ହେଲେ ସେମାନଙ୍କର କଣ୍ଟ୍ରୋଲ ସିଷ୍ଟମ ପରସ୍ପର ସହିତ ଜଡ଼ିତ ରହିବ। ଏହାଦ୍ୱାରା ହୋଟେଲରେ କାମ ଶୀଘ୍ର ଏବଂ ଉନ୍ନତ ଉପାୟରେ ହୋଇପାରିବ। ହୋଟେଲକୁ ପରିଚାଳିତ କରିବା ପାଇଁ ବିଶେଷ ସଫ୍ଟୱେର ଏବଂ ହାର୍ଡୱେର ବ୍ୟବହାର କରାଯିବ। ଅନ୍ୟପଟେ ଭବିଷ୍ୟତରେ ହୋଟେଲ ଇଣ୍ଡଷ୍ଟ୍ରିରେ କ'ଣ ମଣିଷର ଭୂମିକା ଶେଷ ହୋଇଯିବ ବୋଲି ରୋବଟ୍ ହୋଟେଲକୁ ନେଇ ସବୁଠୁ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି? ରୋବଟ୍ ଯଦିଓ ଅନେକ କାମ ସହଜ କରିପାରିବ, ତଥାପି ମଣିଷ ବ୍ୟବହାର ଏବଂ ଭାବନାର ସ୍ଥାନ ପୂରାପୂରି ନେବା ଏବେ ସହଜ ନୁହେଁ। ହୋଟେଲରେ ଅତିଥିଙ୍କୁ କେବଳ ସେବା ନୁହେଁ, ବରଂ ସ୍ନେହ, ଶ୍ରଦ୍ଧା ବି ଦରକାର।

# ଓଲିଉଡ୍‌ରେ ଡେବ୍ୟୁ କରିବେ ବଙ୍ଗୀୟ ଲଳନା ଶିବାଂଶୀ

ଓଡ଼ିଆ ଚଳଚ୍ଚିତ୍ର 'ଗୁରୁଜୀ ନମସ୍କାର' ମାଧ୍ୟମରେ ବଙ୍ଗୀୟ ଅଭିନେତ୍ରୀ ତଥା ମଡେଲ୍ ଶିବାଂଶୀ ସେନ୍ ଓଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏହି ସିନେମାରେ ମୁଖ୍ୟ ନାୟିକା 'ପଦ୍ମା' ଭୂମିକାରେ ସେ ଅଭିନୟ କରୁଛନ୍ତି। ସେ ମୁଖ୍ୟ ନାୟକ 'ଗୁରୁଜୀ'ଙ୍କ ଧର୍ମପତ୍ନୀ ଭାବେ ନଜର ଆସିବେ। ପଦ୍ମା ଜଣେ ସ୍ନେହୀ, ସରଳ ଏବଂ ସ୍ୱାଭିମାନୀ ମହିଳା ଭାବରେ ନଜର ଆସିଛନ୍ତି। ଚଳଚ୍ଚିତ୍ରର କାହାଣୀ ଶିକ୍ଷା ବ୍ୟବସ୍ଥାରେ ଥିବା ବିଭିନ୍ନ ସମସ୍ୟା, ଦୁର୍ନୀତି ଏବଂ ଆହ୍ୱାନ ଉପରେ ଆଧାରିତ। ଏହି ସଂଘର୍ଷମୟ ପରିସ୍ଥିତିରେ, ଯେତେବେଳେ ଗୁରୁଜୀ ଜଣକ ସମାଜର ବ୍ୟବସ୍ଥା ବିରୁଦ୍ଧରେ ଲଢ଼ନ୍ତି, ସେତେବେଳେ 'ପଦ୍ମା' ତାଙ୍କୁ ଏଥିରେ ସମର୍ଥନ କରନ୍ତି। ଏହି ଚରିତ୍ର ମାଧ୍ୟମରେ ଶିବାଂଶୀ ନିଜର ଦମଦାର୍ ଅଭିନୟର ପ୍ରଦର୍ଶନ କରିଛନ୍ତି। ଓଡ଼ିଆ ଭାଷା ଉପରେ ଶିବାଂଶୀଙ୍କର ଭଲ ଦଖଲ ଥିବାରୁ ସେ ଏହି ଚରିତ୍ରକୁ ଅତି ନିଖୁଣ ଭାବେ ପରଦାରେ ଫୁଟାଇ ପାରିଛନ୍ତି। ଏହି ଫିଲ୍ମଟି ଆସନ୍ତାକାଲି( ଜୁଲାଇ ୧୦) ରିଲିଜ୍ ହେବ। ଜିତେନ୍ଦ୍ରିୟ ପ୍ରଧାନ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍କେତ ତ୍ରିପାଠୀ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ସହ ପ୍ରଯୋଜନା ଦାୟିତ୍ୱରେ ଇଲା ମିଶ୍ର ଅଛନ୍ତି। ଶିବାଂଶୀ ଅଭିନୟ ବ୍ୟତୀତ ଷ୍ଟାର୍ ସ୍ପୋର୍ଟସ ଚ୍ୟାନେଲ୍‌ରେ କ୍ରିକେଟ୍ ଲିଗ୍‌ର ସ୍ପୋର୍ଟସ ପ୍ରେଜେଣ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ଏହାପୂର୍ବରୁ ସେ ୩ଟି ହିନ୍ଦୀ ୱେବ୍ ସିରିଜ୍ ଏବଂ ଟି-ସିରିଜ୍ ଓ ଜୀ ମ୍ୟୁଜିକ୍ କମ୍ପାନୀର ମ୍ୟୁଜିକ୍ ଭିଡିଓରେ ମଧ୍ୟ ଅଭିନୟ କରିଛନ୍ତି। ଜଣେ ସଫଳ ମଡେଲ୍ ଭାବରେ ସେ ଜାତୀୟ ଏବଂ ଆଞ୍ଚଳିକ ସ୍ତରର ଅନେକ ବଡ଼ ବଡ଼ ବ୍ରାଣ୍ଡର ଟିଭି, ପ୍ରିଣ୍ଟ ଏବଂ ଡିଜିଟାଲ୍ ବିଜ୍ଞାପନରେ ଚେହେରା ସାଜିଛନ୍ତି। ଶିବାଂଶୀ କେବଳ ଗ୍ଲାମର୍ ଜଗତରେ ନୁହେଁ, ଜଣେ ଭଲ ବ୍ୟାଡମିଣ୍ଟନ ଖେଳାଳି ମଧ୍ୟ। ପୂର୍ବରୁ ସେ ପଶ୍ଚିମବଙ୍ଗ ରାଜ୍ୟକୁ ବ୍ୟାଡମିଣ୍ଟନରେ ପ୍ରତିନିଧିତ୍ୱ କରିସାରିଛନ୍ତି। 'ଗୁରୁଜୀ ନମସ୍କାର' ଫିଲ୍ମ ସିନେମା ହଲ୍‌ରେ ରିଲିଜ୍ ହେବା ପୂର୍ବରୁ ଦେଶର ବିଭିନ୍ନ ପ୍ରତିଷ୍ଠିତ ଫିଲ୍ମ ଉତ୍ସବରେ ପ୍ରଦର୍ଶିତ ହୋଇ ଗୋଟିଏ ପରେ ଗୋଟିଏ ପୁରସ୍କାର ଜିତି ଓଡ଼ିଆ ସିନେମା ଜଗତକୁ ଗର୍ବିତ କରିଛି। ଏଥିରେ ଶିବାଂଶୀଙ୍କ ସହ ଅମନ ପରାଶର, ସୁକୁମାର ଟୁଡୁ ମୁଖ୍ୟ ଭୂମିକାରେ ଦେଖାଯିବେ। ଇଲୁ ବାନାର୍ଜୀ ଏଥିରେ ସରପଞ୍ଚ ଭୂମିକାରେ ନଜର ଆସିବେ।



# ଜାତକରେ 'ଦୁର୍ଘଟଣା ଯୋଗ'
## ପୁଅକୁ ମିଳିନି ଗାଡ଼ି ଚଳାଇବାର ଅନୁମତି

ଆଜିକାଲି ସାମାଜିକ ଗଣମାଧ୍ୟମରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କଥା ମାନ ସେୟାର୍ କରାଯାଉଛି। ଯାହାକି ଖୁବ୍ କମ୍ ସମୟରେ ଭାଇରାଲ ହେଉଛି। ଏହି କ୍ରମରେ ଏବେ ଏମିତି ଏକ ଘଟଣା ସାମ୍ନାକୁ ଆସିଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ଜଣେ ୨୮ ବର୍ଷୀୟ ଆଇଟି ଇଞ୍ଜିନିୟରଙ୍କ ଜୀବନର ଏକ ବଡ଼ ନିଷ୍ପତ୍ତି ତାଙ୍କ ଜାତକର ଭବିଷ୍ୟବାଣୀ ସହିତ ଜଡ଼ିତ ବୋଲି କୁହାଯାଇଛି। ଅହମ୍ମଦାବାଦର ବ୍ୟବସାୟୀ ପ୍ରୀତେଶ ଲାଖାନି ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରିଛନ୍ତି। ପ୍ରୀତେଶ ସେଥିରେ ଉଲ୍ଲେଖ କରିଛନ୍ତି,ସେ ଏମିତି ଜଣେ ଯୁବକଙ୍କୁ ସାକ୍ଷାତ କରିଛନ୍ତି, ଯାହାଙ୍କ ପରିବାର ଆଜି ପର୍ଯ୍ୟନ୍ତ ସେହି ଯୁବକଙ୍କୁ ଗାଡ଼ି ଚଳାଇବାର ଅନୁମତି ଦେଇ ନାହାନ୍ତି। ପୋଷ୍ଟ ଅନୁସାରେ, ଯୁବକ ଜଣକ ଆଇଟି ଇଞ୍ଜିନିୟର। ସେ ବିବାହିତ ଓ ତାଙ୍କର ପୁଅଟିଏ ଅଛି। ହେଲେ ଆଜି ଯାଏଁ ଯୁବକ ଜଣକ କାର୍, ବାଇକ୍ କିମ୍ବା ସାଇକଲ ଚଳାଇ ନାହାନ୍ତି। ଏବେ ବି ତାଙ୍କ ବାପା ନିତିଦିନ ତାଙ୍କୁ ଅଫିସ୍ ନବା ଆଣିବା କରୁଛନ୍ତି। ସମ୍ପୃକ୍ତ ଯୁବକଙ୍କ ଜାତକରେ ଦୁର୍ଘଟଣା ଯୋଗ ଅଛି। ତେଣୁ ଯଦି ସେ ଗାଡ଼ି ଚଳାଇବେ, ଦୁର୍ଘଟଣା ହେବା ଆଶଙ୍କା ଅଛି। ଏହି କଥାକୁ ଦୃଷ୍ଟିରେ ରଖି ତାଙ୍କ ପରିବାର ଲୋକେ ତାଙ୍କୁ ଗାଡ଼ି ଚଳାଇବାକୁ ଦେଇ ନାହାନ୍ତି। ଏବେ ଏହି ଘଟଣାକୁ ଶୁଣି ଅନେକ ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। କାରଣ ଆଜିର ସମୟରେ ଯେଉଁଠି କମ୍ ବୟସରେ ଲୋକେ ଗାଡ଼ି ଚଳାଇବା ଶିଖୁଛନ୍ତି, ଏଭଳି ସ୍ଥିତିରେ ୨୮ ବର୍ଷର ଜଣେ ଯୁବକ ଏଥିପାଇଁ ଅନ୍ୟ ଉପରେ ନିର୍ଭରଶୀଳ ଥିବା କଥା ଶୁଣି ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି।

## 'ସକାଳ'ର ସ୍ୱାସ୍ଥ୍ୟ



# ଗାଉଟ୍

ମନୁଷ୍ୟ ଗ୍ରହଣ କରୁଥିବା ଖାଦ୍ୟ ଶରୀର ଭିତରେ ବିଭିନ୍ନ ପ୍ରକାରରେ ପରିବର୍ତ୍ତିତ ହୋଇ ଶକ୍ତିରେ ପରିଣତ ହୋଇଥାଏ। ଏହି ପ୍ରକ୍ରିୟାରେ ଶରୀରରେ ୟୁରିକ୍ ଏସିଡ୍ ମଧ୍ୟ ତିଆରି ହୋଇ ରକ୍ତ ସାଙ୍ଗରେ ମିଶିଥାଏ। ୟୁରିକ୍ ଏସିଡ୍ ମୂତ୍ରଗ୍ରନ୍ଥି ମାଧ୍ୟମରେ ଶରୀରରୁ ବାହାରିଯାଏ। ହେଲେ ଶରୀରରେ ୟୁରିକ୍ ଏସିଡ୍ ବଢ଼ିଗଲେ ଏହା କ୍ରିଷ୍ଟାଲରେ ପରିଣତ ହୋଇ ଖଞ୍ଜାରେ ଜମାଟ ବାନ୍ଧିଯାଏ। ଏଥିରୁ ଖଞ୍ଜା ତଥା ଗଣ୍ଠି ଯନ୍ତ୍ରଣା ସମସ୍ୟା 'ଗାଉଟ୍' ହୋଇଥାଏ।

**କେଉଁମାନଙ୍କୁ ବିପଦ:** ବଂଶାନୁଗତ ରୋଗ, ମେଦବହୁଳତା, ଅତ୍ୟଧିକ ଔଷଧ ସେବନ, ଖାଦ୍ୟ ଶୈଳୀରେ ପରିବର୍ତ୍ତନ, ଅଧିକ ପ୍ରୋଟିନ୍ ଯୁକ୍ତ ଖାଦ୍ୟ, ନିଶା ସେବନ, ଉଚ୍ଚ ରକ୍ତଚାପ, ଥାଇରଏଡ, ବୃକ୍କ ଜନିତ ରୋଗ ଆଦି କାରଣରୁ ୟୁରିକ୍ ଏସିଡ୍ ବୃଦ୍ଧି ପାଇ ବିଭିନ୍ନ ଗଣ୍ଠିଜନିତ ସମସ୍ୟା ହୁଏ। ଚିନ୍ତା, ଅସ୍ତ୍ରୋପଚାର ମଧ୍ୟ ଗାଉଟ ବୃଦ୍ଧିର ଅନ୍ୟ ଏକ କାରଣ।

**ଲକ୍ଷଣ:** ଗୋଇଠିରୁ ଆରମ୍ଭ ହୋଇ ଅନ୍ୟାନ୍ୟ ସନ୍ଧିସ୍ଥଳ ଓ ହାତ ପର୍ଯ୍ୟନ୍ତ ଏହା ବ୍ୟାପିଯାଏ। ଖଞ୍ଜା ଯନ୍ତ୍ରଣା, ବୁଢ଼ା ଅଙ୍ଗୁଠିରେ ହଠାତ୍ ଯନ୍ତ୍ରଣା ହେବା, ଯନ୍ତ୍ରଣା ସ୍ଥାନ ଫୁଲି ଲାଲ୍ ପଡ଼ିବା, ଚଲାବୁଲାରେ ସମସ୍ୟା, ଜ୍ୱର ଆଦି ଲକ୍ଷଣ ଦେଖାଯାଏ। ଏପରିକି ଜଣେ ବ୍ୟକ୍ତି ପୂରା ଅଚଳ ହେବା ମଧ୍ୟ ଏହାର ଲକ୍ଷଣ।

ଏହି ରୋଗରୁ ଆରୋଗ୍ୟ ଲାଭ କରିବା ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଯନ୍ତ୍ରଣାବିହୀନ ଔଷଧ ସେବନ କରାଯାଏ। ରକ୍ତରେ ୟୁରିକ୍ ଏସିଡ୍ ପରୀକ୍ଷା, ଇମେଜିଂ ଟେଷ୍ଟ, ଏକ୍ସରେ, ଅଲଟ୍ରାସାଉଣ୍ଡ, ଏମ୍‌ଆର୍‌ଆଇ ଆଦି ପରୀକ୍ଷା କରିବା ସହ ୟୁରିକ୍ ଏସିଡ୍ ବୃଦ୍ଧି କରୁଥିବା ଖାଦ୍ୟକୁ ପରିତ୍ୟାଗ କରି ପୌଷ୍ଟିକ୍‌ଯୁକ୍ତ ଭିଟାମିନ୍-ସି, ସବୁଜ ପନିପରିବା, ସନ୍ତୁଳିତ ଖାଦ୍ୟ ଖାଇବା ଆବଶ୍ୟକ। ନିୟମିତ ବ୍ୟାୟାମ, ଜୀବନଶୈଳୀ ପରିବର୍ତ୍ତନ ଦ୍ୱାରା ଏହି ସମସ୍ୟାକୁ ଏଡ଼ାଇ ଦିଆଯାଇପାରେ।




# କଣ୍ଟାକ୍ଟ ଲେନ୍ସ ବ୍ୟବହାର କରୁଥିଲେ...

ଅତ୍ୟାଧୁନିକ ଜୀବନଶୈଳୀ, ଅତ୍ୟଧିକ ସ୍କ୍ରିନ୍ ବ୍ୟବହାର ଆଦି ଯୋଗୁଁ ଅଧିକାଂଶ ଲୋକ ଚକ୍ଷୁରୋଗରେ ପୀଡ଼ିତ। ଏଥିପାଇଁ ଡାକ୍ତରୀ ପରୀକ୍ଷା କରି ପ୍ରାୟତଃ ଚଷମା ବ୍ୟବହାର କରନ୍ତି। ଆଉ କିଛି ଚଷମା ବଦଳରେ କଣ୍ଟାକ୍ଟ ଲେନ୍ସ ବ୍ୟବହାର କରିଥାନ୍ତି। ତେଣୁ କଣ୍ଟାକ୍ଟ ଲେନ୍ସ ବ୍ୟବହାର କରୁଥିଲେ କିଛି ଦିଗକୁ ଧ୍ୟାନ ଦେବା ଜରୁରି।



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଦୀର୍ଘ ସମୟ ଧରି କଣ୍ଟାକ୍ଟ ଲେନ୍ସ ପିନ୍ଧିବା ଦ୍ୱାରା ଚକ୍ଷୁ ଶୁଷ୍କ ହୋଇପାରେ। ଆଖି ଜଳାପୋଡ଼ା, ଲାଲପଡ଼ି କୁଣ୍ଡାଇ ହେବା ସମସ୍ୟା ହୁଏ। ସେହିପରି ଭୁଲ୍ ଶୈଳୀରେ କିମ୍ବା ମଇଳା କଣ୍ଟାକ୍ଟ ଲେନ୍ସ ବ୍ୟବହାର ଦ୍ୱାରା କର୍ଣ୍ଣିଆ କ୍ଷତିଗ୍ରସ୍ତ ହୋଇପାରେ। ସେହିପରି କଣ୍ଟାକ୍ଟ ଲେନ୍ସ ପିନ୍ଧି ବାରମ୍ବାର ମଇଳା ହାତରେ ଆଖିକୁ ରଗୁଡ଼ିବା କିମ୍ବା ଲେନ୍ସ ଭିତରକୁ ବର୍ଷା ପାଣି ପଶିଗଲେ ମଧ୍ୟ ଆଖି ସଂକ୍ରମଣ ହୋଇଥାଏ। ସେଥିପାଇଁ ଗାଧୋଇବା ଏବଂ ଶୋଇବା ସମୟରେ କଣ୍ଟାକ୍ଟ ଲେନ୍ସ ପିନ୍ଧି ରହିବା ଅନୁଚିତ। ସର୍ବଦା ଲେନ୍ସ ପିନ୍ଧିବା ଏବଂ ଓହ୍ଲାଇବା ପୂର୍ବରୁ ହାତକୁ ସଫା ରଖିବା ଆବଶ୍ୟକ।

ଲେନ୍ସ ପିନ୍ଧିବା ପରେ ଆଖିରେ ଯନ୍ତ୍ରଣା, କୁଣ୍ଡାଇ ଲାଲ୍ ପଡ଼ିବା, ପାଣି ଗଡିବା, ତରଳ ପଦାର୍ଥ ବାହାରିବା, ଧୂଆଁଳିଆ ଦେଖାହେଲେ ଚକ୍ଷୁ ବିଶେଷଜ୍ଞଙ୍କୁ ପରାମର୍ଶ କରି ଔଷଧ ସେବନ କରିପାରିବେ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ବ୍ୟବହାର କରିବା ଅନୁଚିତ। ଦୀର୍ଘ ସମୟ ପର୍ଯ୍ୟନ୍ତ ଗୋଟିଏ କଣ୍ଟାକ୍ଟ ଲେନ୍ସ

# ବିନା କାରଣରେ ଓଜନ ହ୍ରାସ



ବର୍ତ୍ତମାନ ସମସ୍ତେ ଫିଟ୍ ଓ ପତଳା ରହିବାକୁ ପସନ୍ଦ କରୁଛନ୍ତି। ଓଜନ ହ୍ରାସ ପାଇଁ ଅଧିକାଂଶ ବ୍ୟାୟାମ, ଖାଦ୍ୟପେୟକୁ ଗୁରୁତ୍ୱ ଦିଅନ୍ତି। ଆଉ କିଛି ନାନାଦି ଉପାୟ ଆପଣାଇଥାନ୍ତି। ହେଲେ ବିନା କାରଣରେ ବି ଅନେକଙ୍କ ଓଜନ ହ୍ରାସ ହୋଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହା ଏକ ଗମ୍ଭୀର ସ୍ୱାସ୍ଥ୍ୟଗତ ସମସ୍ୟାର ଲକ୍ଷଣ ହୋଇପାରେ।

ବିନା କାରଣରେ ଓଜନ ହ୍ରାସ ହେବାର ଅନେକ କାରଣ ରହିଛି। ଯେପରିକି ମଧୁମେହ ଆରମ୍ଭ ଏବଂ ରକ୍ତରେ ଶର୍କରାସ୍ତର ବଢ଼ିଲେ ଓଜନ ହ୍ରାସ ହୁଏ। ଶରୀରରେ ଥାଇରଏଡ ହରମୋନ୍ ଅଧିକ ମାତ୍ରାର ନିର୍ଗତ ହେଲେ ହଜମ ପ୍ରକ୍ରିୟା ଶୀଘ୍ର ହୋଇ ଓଜନ ହ୍ରାସ ହୁଏ। ସେହିପରି ପାଚନତନ୍ତ୍ର ପ୍ରଭାବିତ ହେଲେ, ହଜମ ପ୍ରକ୍ରିୟାରେ ସମସ୍ୟା, ସିଲିଆକ୍ ରୋଗ, ଇନ୍ଫ୍ଲାମେଟରୀ ବାଓଲ ଡିଜିଜ୍ ଆଦି ହେଲେ ଶରୀର ଖାଦ୍ୟରୁ ପୁଷ୍ଟିକର ଉପାଦାନ ଗ୍ରହଣ କରିପାରେ ନାହିଁ। ଏପରି ସ୍ଥିତିରେ ଓଜନ ହ୍ରାସ ସମସ୍ୟା ହୋଇଥାଏ। ଯକ୍ଷ୍ମା, ଏଚ୍‌ଆଇଭି ପରି ସଂକ୍ରମଣ ରୋଗ, ବିଭିନ୍ନ କର୍କଟ ରୋଗ, ଅତ୍ୟଧିକ ଚାପ, ଚିନ୍ତା, ଅବସାଦ, କୌଣସି ନିର୍ଦ୍ଦିଷ୍ଟ ଔଷଧ ସେବନର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ମଧ୍ୟ ଅଚାନକ ଓଜନ ହ୍ରାସ ହୋଇଥାଏ। ତେଣୁ ଓଜନ ହ୍ରାସ ହେବା ସହ ଥକ୍କାପଣ, ଭୋକରେ ପରିବର୍ତ୍ତନ, ଜ୍ୱର, କାଶ, କିମ୍ବା ଅନ୍ୟାନ୍ୟ ଲକ୍ଷଣ ଦେଖିଲେ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ।

## ଘର ବଇଦ
# କଟାଘା'ର ଉପଚାର

- ଗେଣ୍ଡୁପତ୍ର ରସରେ କ୍ଷତ ଜାଗା ଧୋଇଦେବେ, ତା ପରେ ସେହି ପତ୍ରକୁ ବାଟି କ୍ଷତ ଜାଗାରେ ଲେପ ଦେଇ ତା ଉପରେ କଦଳୀପତ୍ର ଦେଇ ସଫା କନାରେ ବାନ୍ଧି ଦୁଇ, ତିନି ଦିନ ଖୋଲିବେ ନାହିଁ। ଏହାଦ୍ୱାରା ତିନି ଚାରି ଦିନରେ ଘା ଶୁଖିଯାଇପାରେ।
- ଦୂବକୁ ପରିଷ୍କାର କରି ଧୋଇ ସଫା କନାରେ ପାଣି ପୋଛି ବାଟି କରି କ୍ଷତ ସ୍ଥାନରେ ବାନ୍ଧିବେ।
- ଅପରାଜିତା ପତ୍ର ଓ ଡାଳକୁ ବାଟି ଚିନି ସହିତ ମିଶାଇ କ୍ଷତ ସ୍ଥାନରେ ଲଗାଇଲେ ଲାଭ ମିଳିଥାଏ।
- ବିଶଲ୍ୟକରଣୀ ପତ୍ରକୁ ଛେଚି କ୍ଷତ ସ୍ଥାନରେ କିଛି ସମୟ ଚିପି ଧରିଲେ ରକ୍ତସ୍ରାବ ବନ୍ଦ ହୁଏ। ତାପରେ ବାନ୍ଧି ରଖିଲେ ଘା' ଶୁଖିଯାଏ।
- କୌଣସି ଅଙ୍ଗ କଟିଗଲେ ତହିଁରେ ଦନ୍ତୀପତ୍ର ରସ ଲଗାଇଲେ ରକ୍ତସ୍ରାବ ବନ୍ଦ ହୁଏ ଏବଂ କଟାସ୍ଥାନ ଯୋଡ଼ି ହୋଇଯାଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ହୃଦ୍‌ଘାତ ପୂର୍ବର ସଙ୍କେତ

ବିଶୃଙ୍ଖଳିତ ଜୀବନଶୈଳୀ, କାର୍ଯ୍ୟଚାପ, ବଂଶାନୁଗତ ରୋଗ, ଅନିୟମିତ ଉଚ୍ଚ ରକ୍ତଚାପ ଓ ରକ୍ତ ଶର୍କରା, ଓଜନ ବୃଦ୍ଧି ଆଦି ହୃଦ୍‌ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଏହାଦ୍ୱାରା ଅଧିକାଂଶ ଲୋକଙ୍କଠାରେ ହୃଦ୍‌ରୋଗ ଦେଖାଯାଏ। ହୃତ୍‌ପିଣ୍ଡକୁ ରକ୍ତସଞ୍ଚାଳନରେ ବ୍ୟାହତ ହେଲେ ଗୁରୁତର ସମସ୍ୟା ହୋଇପାରେ। ଯାହା ଭିତରେ ହୃଦ୍‌ଘାତ ହେଉଛି ଅତି ସାଂଘାତିକ ପରିସ୍ଥିତି। ତେବେ ହୃଦ୍‌ଘାତ ପୂର୍ବରୁ ଶରୀରରେ ଭିନ୍ନ ଭିନ୍ନ ସଙ୍କେତ ଦେଖାଯାଇଥାଏ। ଏହାକୁ ଅଣଦେଖା କରିବା ଅନୁଚିତ।

ଛାତି ଭାରି ଭାରି ଲାଗିବା, ଜଳାପୋଡ଼ା ବା ଯନ୍ତ୍ରଣା ଅନୁଭବ କରିବା ଆଦି ହୃଦ୍‌ଘାତର ସାଧାରଣ ଲକ୍ଷଣ। ଏହି ଯନ୍ତ୍ରଣା କିଛି ମିନିଟ୍ ଯାଏଁ ରହିପାରେ କିମ୍ବା ବେଳେ ବେଳେ ଅନୁଭବ ହୁଏ। ତେଣୁ ଛାତି ଯନ୍ତ୍ରଣା ଲାଗିଲେ ଆରାମ କରିବା ସତ୍ତ୍ୱେ ଏହା ଠିକ୍ ନ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ସେହିପରି ଅଧିକ ପରିଶ୍ରମ ନ କରି ଧଇଁସଇଁ ଲାଗିବା, ବିନା କାରଣରେ ଦୀର୍ଘ ଦିନ ଦୁର୍ବଳ ଅନୁଭବ, ନିଃଶ୍ୱାସପ୍ରଶ୍ୱାସରେ ସମସ୍ୟା, ସିଡ଼ି ଚଢ଼ିବାରେ କଷ୍ଟ ଅନୁଭବ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ। ଏହା ହୃଦସମ୍ବନ୍ଧୀୟ ସମସ୍ୟାର ଲକ୍ଷଣ ହୋଇପାରେ। ସେହିପରି ହୃଦ୍‌ରୋଗ ସହିତ ଜଡ଼ିତ ଥିଲେ ଛାତି ଯନ୍ତ୍ରଣା ସହିତ ବାମ ହାତ, ଡାହାଣ ହାତ, କାନ୍ଧ, ବେକ, ପିଠି ଏବଂ ପେଟର ଉପର ଭାଗରେ ମଧ୍ୟ ଯନ୍ତ୍ରଣା ହୋଇପାରେ। ଏହାସହିତ ଶରୀରରୁ ଝାଳ ବାହାରିବା, ମୁଣ୍ଡ ବୁଲାଇବା, ବାନ୍ତି ଆଦି ଲକ୍ଷଣ ଦେଖାଯାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରତ୍ୟେକ ବ୍ୟକ୍ତିଙ୍କ କ୍ଷେତ୍ରରେ ହୃଦ୍‌ଘାତର ଲକ୍ଷଣ ଭିନ୍ନ ଭିନ୍ନ ହୋଇପାରେ। ତେଣୁ ଉପରୋକ୍ତ ଲକ୍ଷଣକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ କ୍ରମେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ଆବଶ୍ୟକ। ହୃଦ୍‌ରୋଗ ଦୂର ପାଇଁ ଦୈନିକ ସନ୍ତୁଳିତ ଖାଦ୍ୟପେୟ, ପ୍ରତିଦିନ ୩୦ ମିନିଟ୍ ବ୍ୟାୟାମ, ନିଶା ସେବନଠୁ ଦୂରେଇ ରହିବା ଜରୁରି। ରକ୍ତ ଚାପ, ରକ୍ତ ଶର୍କରା ଏବଂ କୋଲେଷ୍ଟ୍ରଲକୁ ନିୟମିତ ପରୀକ୍ଷା କରାଇନେବା ଆବଶ୍ୟକ।






## ବିଶ୍ୱକପ୍ ଜିତିନାହାନ୍ତି ବିଦେଶୀ କୋଚ୍

ନ୍ୟୁୟର୍କ, ୯।୭(ଏଜେନ୍ସି): ଫିଫା ବିଶ୍ୱକପ୍‌ରେ ଏବେ ୨୩ତମ ସଂସ୍କରଣ ଚାଲିଛି। ଏହା ପୂର୍ବରୁ ଖେଳାଯାଇଥିବା ୨୨ଟି ସଂସ୍କରଣରୁ କେବଳ ୬ଟି ଦେଶ ଟାଇଟଲ ଜିତିଛନ୍ତି। ନିଜ ଦେଶର କୋଚଙ୍କ ପ୍ରଶିକ୍ଷଣରେ ଏହି ଟାଇଟଲଗୁଡ଼ିକ ଜିତିଛନ୍ତି। ଚଳିତ ବିଶ୍ୱକପ୍ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଥିବା ୮ଟି ଦେଶ ମଧ୍ୟରୁ କେବଳ ୨ଟି ଦଳର ବିଦେଶୀ କୋଚ୍ ରହିଛି। ଏହା ମଧ୍ୟରୁ ଇଂଲଣ୍ଡ ଟିମ୍‌କୁ ଜର୍ମାନୀର ଥୋମାସ୍ ଟଚେଲ ଓ ବେଲଜିୟମ୍ ଟିମ୍‌କୁ ଫ୍ରାନ୍ସର ରୁଡି ଗାର୍ସିଆ ପ୍ରଶିକ୍ଷଣ ଦେଉଛନ୍ତି। ଯଦି ଏଥର ଏହି ଦୁଇଟି ଦେଶ ଚାମ୍ପିଅନ ହୁଅନ୍ତି, ତେବେ ଇତିହାସ ସୃଷ୍ଟି ହେବ।

## ଟାଇଟଲ ଡିଫେଣ୍ଡ କରିଛି ୨ଟି ଦେଶ

ନ୍ୟୁୟର୍କ, ୯।୭(ଏଜେନ୍ସି): ଫିଫା ବିଶ୍ୱକପ୍‌କୁ ୬ଟି ଦେଶ ଜିତିଥିଲାବେଳେ ଇତିହାସରେ କେବଳ ୨ଟି ଦେଶ ଟାଇଟଲ ଡିଫେଣ୍ଡ କରିଛନ୍ତି। ଚାରିଥରର ଚାମ୍ପିଅନ ଇଟାଲୀ ୧୯୩୪ ଓ ୧୯୩୮ରେ କ୍ରମାଗତ ଟାଇଟଲ ଜିତିଥିଲା। ସେହିପରି ୫ଥରର ଚାମ୍ପିଅନ ବ୍ରାଜିଲ ୧୯୫୮ ଓ ୧୯୬୨ରେ କ୍ରମାଗତ ଟାଇଟଲ ହାସଲ କରିଛି। ଏବେ ତିଷ୍ଠି ରହିଥିବା ଦଳ ମଧ୍ୟରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ୩ଥର, ଫ୍ରାନ୍ସ ୨ଥର ଓ ସ୍ପେନ୍ ଥରେ ଲେଖାଏଁ ଫିଫା ବିଶ୍ୱକପ୍ ଜିତିଛନ୍ତି। ଲିଓନେଲ ମେସିଙ୍କ ନେତୃତ୍ୱରେ ଖେଳୁଥିବା ଆର୍ଜେଣ୍ଟିନା ଏଥର ଯଦି ଚାମ୍ପିଅନ ହୁଏ ତେବେ ଇଟାଲୀ ଓ ବ୍ରାଜିଲ କ୍ଲବ୍‌ରେ ସାମିଲ ହେବ।

## ୟୁରୋପ କବ୍‌ଜାରେ ବିଶ୍ୱକପ୍

ନ୍ୟୁୟର୍କ, ୯।୭(ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ହଟ୍ ଫେଭରାଇଟ୍ ଫ୍ରାନ୍ସ ସହ ମୁକାବିଲା କରୁଥିବା ମରୋକ୍କୋକୁ ବାଦ୍ ଦେଲେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ୬ଟି ଦେଶ ହେଲେ ୟୁରୋପ୍‌ର। ୟୁରୋପ ବାହାରେ ଖେଳାଯାଇଥିବା ବିଶ୍ୱକପ୍‌ରେ ଏହି ମହାଦେଶର ଟିମ୍ ମାତ୍ର ଦୁଇଥର ଟାଇଟଲ ଜିତିଛନ୍ତି। ୨୦୧୦ ଦକ୍ଷିଣ ଆଫ୍ରିକାରେ ସ୍ପେନ୍ ଓ ୨୦୧୪ ବ୍ରାଜିଲ୍‌ରେ ଜର୍ମାନୀ ଚାମ୍ପିଅନ ହୋଇଥିଲା। ଏଥର ଫ୍ରାନ୍ସ ସମେତ ସ୍ପେନ୍, ଇଂଲଣ୍ଡ, ବେଲଜିୟମ୍, ନରୱେ ଓ ସ୍ୱିଜରଲାଣ୍ଡ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ତେଣୁ ଚଳିତଥର ଏକ ୟୁରୋପୀୟ ଦେଶ ଟାଇଟଲ ଜିତିବାର ସମ୍ଭାବନା ଅଧିକ ସୃଷ୍ଟି ହୋଇଛି।

# ବେଲ୍‌ଜିୟମ୍ ବିପକ୍ଷରେ ସ୍ପେନ୍ ଫେଭ୍‌ରାଇଟ୍

ଲସ୍‌ଏଞ୍ଜେଲ୍ସ, ୯।୭(ଏଜେନ୍ସି):



ୟୁରୋପ ମହାଦେଶର ଦୁଇ ଶକ୍ତିଶାଳୀ ଦେଶ ସ୍ପେନ୍ ଓ ବେଲଜିୟମ୍ ମଧ୍ୟରେ ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ଶୁକ୍ରବାର ଖେଳାଯିବ। ସ୍ଥାନୀୟ ସୋଫି ବା ଲସ୍‌ଏଞ୍ଜେଲ୍ସ ଷ୍ଟାଡିୟମ୍‌ରେ ରାତି ୧୨ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ। ଏହି ପ୍ରତିଯୋଗିତା ପୂର୍ବରୁ ଉଭୟ ଦଳ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରିଛନ୍ତି। ପ୍ରି-କ୍ୱାର୍ଟରରେ ପାରାଗୁଏକୁ ୧-୦ରେ ସ୍ପେନ୍ ଓ ଆମେରିକାକୁ ୪-୧ ଗୋଲରେ ବେଲଜିୟମ୍ ହରାଇ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କ୍ୱାର୍ଟରରେ ଖେଳୁଥିବା ୮ଟି ଦଳ ମଧ୍ୟରୁ ୨୦୧୦ର ଚାମ୍ପିଅନ୍ ସ୍ପେନ୍ ଏକମାତ୍ର ଦେଶ ଯିଏକି ଗୋଟିଏ ହେଲେ ଗୋଲ ବରଣ କରିନାହିଁ। ଅନ୍ୟପକ୍ଷରେ ଆରମ୍ଭରେ ଭଲ ପ୍ରଦର୍ଶନ କରି ପାରି ନ ଥିବା ବେଲଜିୟମ ଶେଷ ୩ଟି ମ୍ୟାଚ୍‌ରେ ୧୨ଟି ଗୋଲ ସ୍କୋର କରିଛି। ପ୍ରତ୍ୟେକ ମ୍ୟାଚ୍‌ରେ ଦଳର ପ୍ରଦର୍ଶନରେ ଉନ୍ନତି ହେଉଛି। ସ୍ପେନ୍ ଏକ ଶକ୍ତିଶାଳୀ ଟିମ୍ ହୋଇଥିବାରୁ ଏହି ମ୍ୟାଚ୍‌ରେ ଦଳକୁ ଫେଭରାଇଟ୍ ବିବେଚନା କରାଯାଉଛି। ବେଲଜିୟମ୍‌କୁ କିନ୍ତୁ ହରାଇବା ଏତେଟା ସହଜ ହେବ ନାହିଁ।

**ରେକର୍ଡ:** ରେକର୍ଡ ଉପରେ ନଜର ପକାଇଲେ ଉଭୟ ଦେଶ ମଧ୍ୟରେ ୨୨ଟି ମୁକାବିଲା ହୋଇଛି। ଏଥିମଧ୍ୟରୁ ସ୍ପେନ୍ ୧୨ ଓ ବେଲଜିୟମ ୫ ମ୍ୟାଚ ବିଜୟୀ ହୋଇଛି। ସେହିଭଳି ବିଶ୍ୱକପରେ ଶେଷଥର ଲାଗି ଦୁଇଦଳ ୧୯୮୬ ସଂସ୍କରଣରେ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚ୍ ଡ୍ର ହେବାପରେ ପେନାଲ୍ଟିରେ ବେଲଜିୟମ୍ ବିଜୟୀ ହୋଇଥିଲା। ଏପରିକି ଶେଷ ୫ଟି ମୁକାବିଲାରେ ସ୍ପେନ୍‌ର ବିଜୟ ହୋଇଛି।

**ଶକ୍ତି ଓ ତାରକା:** ଉଭୟ ବିଭାଗରେ ସ୍ପେନ୍ ବହୁ ଆଗରେ। ପେଡ୍ରୋ ଦଳକୁ ଫେରିବା ପରେ ସ୍ପେନ୍‌ର ଶକ୍ତି ବୃଦ୍ଧି ପାଇଛି। ଯୁବ ଖେଳାଳି ଲାମିନେ ୟମାଲ, ଓୟାରଜାବଲ ଓ ବାଏନାଙ୍କ ପରି ଶ୍ରେଷ୍ଠ ଫରୱାର୍ଡ ଖେଳାଳି ଥିଲେ ମଧ୍ୟ ସ୍ପେନର ରକ୍ଷଣଭାଗ ସବୁଠାରୁ ଶକ୍ତିଶାଳୀ।୨୦୧୮ରେ ତୃତୀୟ ଓ ୧୯୮୬ରେ ଚତୁର୍ଥ ହୋଇଥିବା ବେଲଜିୟମ୍ ନିକଟରେ ଗୋଲ ସ୍କୋର କରିବାର ଏକାଧିକ ସୁଯୋଗ ସୃଷ୍ଟିକାରୀ ଖେଳାଳି ରହିଛନ୍ତି। ଏହି ଦଳ ଚଳିତ ବିଶ୍ୱକପ୍‌ର ଶେଷ ୩ଟି ମୁକାବିଲାରେ ୧୨ଟି ଗୋଲ ସ୍କୋର କରିଛି। କିନ୍ତୁ କ୍ୱାଲିଟୀ ଦଳ ବିପକ୍ଷରେ ସଫଳ ହେବାର ଖୁବ୍ କମ୍ ନଜିର ରହିଛି। ଏହି ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି, ମୁକାବିଲା ରୋମାଞ୍ଚକ ହେବ ବୋଲି ଆଶା କରାଯାଇପାରେ।

## ଉଦ୍‌ଯାପନୀରେ ୧୧ ମିନିଟର ଧମାକା


ନ୍ୟୁୟର୍କ, ୯।୭(ଏଜେନ୍ସି): ବିଶ୍ୱକପ୍‌କୁ ଅଧିକ ସ୍ମରଣୀୟ କରିବା ଲାଗି ଏକ ବିରାଟ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଯାଉଛି ଫିଫା। ଜୁଲାଇ ୧୯ ତାରିଖରେ ହେବାକୁ ଥିବା ଗ୍ରାଣ୍ଡ ଫାଇନାଲ ମୁକାବିଲାର ହାଫ୍ ଟାଇମ୍‌ରେ ଏକ ୧୧ ମିନିଟର ଧମାକାଦାର ନୃତ୍ୟ ଓ ସଙ୍ଗୀତର କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ବିଶ୍ୱର ପ୍ରତିଷ୍ଠିତ ଓ ଲୋକପ୍ରିୟ କଳାକାରମାନେ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ଅଛନ୍ତି ଜଷ୍ଟିନ୍ ବିଏବେର୍, ମାଡୋନା, ସାକିରା ଓ ବିଟିଏସ୍। ଏମାନଙ୍କ ସହ ଯୋଗଦେବେ ସୁପରଷ୍ଟାର ବୁର୍ଣ୍ଣା ବଏ। ଭେନେଜୁଏଲାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗୁସ୍ତାଭୋ ଡୁଡାମେଲ୍, ଅନ୍ତର୍ଜାତୀୟ ପୁରସ୍କାର ବିଜେତା ପିଏସ୍‌୨୨ କୋରସ୍ ମଧ୍ୟ ଅଂଶଗ୍ରହଣ କରିବେ। ଫିଫା ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପ୍ରଥମଥର ସୁପର ବାଉଲ୍ ଷ୍ଟାଇଲ୍‌ରେ ଆୟୋଜନ କରାଯିବ। ୧୧ ମିନିଟ୍‌ର ଏହି କାର୍ଯ୍ୟକ୍ରମର ପ୍ରସ୍ତୁତକର୍ତ୍ତା ହେବେ କୋଲ୍ଡ ପ୍ଲେ ଫ୍ରଣ୍ଟମ୍ୟାନ୍ କ୍ରିସ୍ ମାର୍ଟିନ। ନ୍ୟୁୟର୍କର ନ୍ୟୁ ଜର୍ସିରେ ହେବାକୁ ଥିବା ଫାଇନାଲ ମୁକାବିଲା ଓ ଏହି କାର୍ଯ୍ୟକ୍ରମକୁ ଦେଖିବା ଲାଗି ଦେଶ ବିଦେଶର ଏକାଧିକ ପ୍ରତିଷ୍ଠିତ ତଥା କିଂବଦନ୍ତି ଫୁଟବଲ ଓ କ୍ରୀଡ଼ାବିତ ମଧ୍ୟ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମରୁ ଯେଉଁ ଅର୍ଥ ଆୟ ହେବ ତାହାକୁ ଫିଫା ଗ୍ଲୋବାଲ ସିଟିଜେନ୍ ଏଜୁକେସନ ଫଣ୍ଡକୁ ପ୍ରଦାନ କରାଯିବ। ଉଦ୍‌ଘାଟନୀ ଅପେକ୍ଷା ଉଦ୍‌ଯାପନୀ ଉତ୍ସବର ଗୁରୁତ୍ୱ ଅନେକ ପରିମାଣରେ ବୃଦ୍ଧି ପାଇଛି।




ଫିଫା ବିଶ୍ୱକପ୍
କ୍ୱାର୍ଟରଫାଇନାଲ
ଶୁକ୍ରବାର ରାତି
ସ୍ପେନ୍-ବେଲଜିୟମ
ଲସ୍‌ଏଞ୍ଜେଲ୍ସ, ରାତି ୧୨ଟା ୩୦
ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫



## ଅଡୁଆରେ ପଡ଼ିପାରନ୍ତି ଇନ୍‌ଫାଣ୍ଟିନୋ



ଲଣ୍ଡନ, ୯।୭ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡୋ ଟ୍ରମ୍ପଙ୍କ ଅନୁରୋଧ କ୍ରମେ ଫିଫା ଓ ଏହାର ସଭାପତି ଜିଆନି ଇନ୍‌ଫାଣ୍ଟିନୋ ସମସ୍ତ ନିୟମକୁ ଉଲ୍ଲଙ୍ଘନ କରିଛନ୍ତି। ରେଫରୀଙ୍କ ଦ୍ୱାରା ରେଡକାର୍ଡ ପାଇବା ପରେ ବାସନ୍ଦ ହୋଇଥିବା ଆମେରିକା ଖେଳାଳି ଫୋଲାରିନ୍ ବାଲୋଗୁନ୍‌ଙ୍କ ଉପରୁ ବାସନ୍ଦାଦେଶ ଫିଫା ପ୍ରତ୍ୟାହାର କରିନେଇଥିଲା। ଏଥିସହ ତାଙ୍କୁ ବେଲଜିୟମ୍ ବିପକ୍ଷ ପ୍ରି-କ୍ୱାର୍ଟରଫାଇନାଲରେ ଖେଳିବାକୁ ସୁଯୋଗ ଦିଆଯାଇଥିଲା। ଏହା ଫିଫା ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଚାର୍ଟରର ଘୋର ଉଲ୍ଲଙ୍ଘନ କରୁଛି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) କ୍ରୀଡ଼ା ସଂଗଠନ ଗୁଡ଼ିକର କାର୍ଯ୍ୟକ୍ରମରେ ରାଜନୈତିକ ହସ୍ତକ୍ଷେପକୁ ନିଷେଧ କରିଛି। ଯାହା ଫଳରେ କ୍ରୀଡ଼ାକ୍ଷେତ୍ରରେ ସ୍ୱଚ୍ଛତା ବଜାୟ ରହିବ। ଏବେ ଟ୍ରମ୍ପ ଓ ଇନ୍‌ଫାଣ୍ଟିନୋ ଏକ ଅନାବଶ୍ୟକ ଘଟଣାରେ ଏହାକୁ ଦଳିଚକଟି ଫିଙ୍ଗିଦେଇଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସଂଗଠନ 'ଫେୟାର ସ୍କୋୟାର' ଆଇଓସିର ଏଥିକ୍ସ କମିଟି ନିକଟରେ ଇନ୍‌ଫାଣ୍ଟିନୋଙ୍କ ବିରୋଧରେ ଅଭିଯୋଗ କରିବାକୁ ଯାଉଛି। ଏଭଳି କିଛି ଅଭିଯୋଗ ଆସିଲେ ବିଚାର କରାଯିବ ବୋଲି ଆଇଓସି ସଭାପତି କିର୍ଷ୍ଟି କଭେଣ୍ଟ୍ରି ଘୋଷଣା କରିଛନ୍ତି।

## ବେଲ୍‌ଜିୟମ ଗସ୍ତରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସିର ୭ ଖେଳାଳି



ଭୁବନେଶ୍ୱର, ୯।୭ (ସମିସ): ଭାରତୀୟ ଜୁନିଅର ପୁରୁଷ ହକି ଦଳ ବର୍ତ୍ତମାନ ବେଲ୍‌ଜିୟମ ଗସ୍ତରେ ରହିଛି। ଏହି ଗସ୍ତରେ ଯାଇଥିବା ଭାରତୀୟ ଦଳରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସିର ୭ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅନମୋଲ ଏକ୍କା, ବିବେକ ଲାକ୍ରା, ରୋହିତ କୁଲୁ, ଅଦ୍ରୋହିତ ଏକ୍କା, ସଞ୍ଜିତ ତିର୍କୀ, ଆର୍ଯ୍ୟନ ଖେସ ଏବଂ ମୁକେଶ ଟପ୍ପୋ। ଅନମୋଲଙ୍କୁ ଭାରତୀୟ ଦଳର ନେତୃତ୍ୱଭାର ମଧ୍ୟ ପ୍ରଦାନ କରାଯାଇଛି। ଏଚ୍‌ପିସିର ୭ ଜଣ ଖେଳାଳି ଜାତୀୟ ଦଳ ପାଇଁ ମନୋନୀତ ହେବା ଓଏନ୍‌ଟିଏଚ୍‌ଏଚ୍‌ପିସିର ଏକ ଉଲ୍ଲେଖନୀୟ ସଫଳତା। ଓଡ଼ିଶା ସରକାର, ଟାଟା ଷ୍ଟିଲ୍ ଏବଂ ଟାଟା ଟ୍ରଷ୍ଟର ମିଳିତ ସହଭାଗିତାରେ ପ୍ରତିଷ୍ଠିତ ଏହି କେନ୍ଦ୍ର ଆଜି ଦେଶର ଅଗ୍ରଣୀ ହକି ବିକାଶ ଏକାଡେମୀ ଭାବେ ପରିଚୟ ସୃଷ୍ଟି କରିଛି। ମନୋନୀତ ସମସ୍ତ ଖେଳାଳିଙ୍କୁ ଏଚପିସି ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ପ୍ରଥମଥର ଫାଇନାଲରେ କାରୋଲିନା




ଲଣ୍ଡନ, ୯।୭ (ଏଜେନ୍ସି): ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭା ଏଠାରେ ଚାଲିଥିବା ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ମହିଳା ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ରାତିରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ମୁକାବିଲା ମୁଚୋଭା ୬-୨, ୧-୬, ୭-୬ ସେଟରେ ଆମେରିକୀୟ ତାରକା କୋକୋ ଗଫ୍‌ଙ୍କୁ ପରାସ୍ତ କରିଥିଲେ। ଏଥିସହ ୨୯ ବର୍ଷୀୟା ମୁଚୋଭା ପ୍ରଥମଥର ଲାଗି ୱିମ୍ବଲଡନ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୦୨୩ ଫ୍ରେଞ୍ଚ ଓପନ୍‌ରେ ରନର୍ସଅପ୍ ହୋଇଥିବା ମୁଚୋଭା ଫାଇନାଲରେ ମାର୍ଟା କୋଷ୍ଟ୍ୟୁକ କିମ୍ବା ଲିଣ୍ଡା ନୋସ୍କୋଭାଙ୍କୁ ଭେଟିବେ।

## ସାମ୍‌ସନ୍‌ଙ୍କୁ ବାଦ୍ ଦେବା ଘୋର୍ ଅନ୍ୟାୟ

ଚେନ୍ନଇ, ୯।୭(ଏଜେନ୍ସି): ଭାରତୀୟ ଟି-୨୦ ସେଟ୍‌ଅପ୍‌ରୁ ବରିଷ୍ଠ ଖେଳାଳି ସଞ୍ଜୁ ସାମସନ୍‌ଙ୍କୁ ବାଦ୍ ଦେବା ଘୋର ଅନ୍ୟାୟ। ଯିଏ ବି ଏହି ନିଷ୍ପତ୍ତି ନେଇ ଥାଆନ୍ତୁ, ସେମାନେ ଖେଳାଳିଙ୍କ ମଧ୍ୟରେ ଅସୁରକ୍ଷିତ ପରିବେଶ ସୃଷ୍ଟି କରୁଛନ୍ତି ବୋଲି ଭାରତୀୟ କ୍ରିକେଟର କିଂବଦନ୍ତି ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଏହା କହିଛନ୍ତି। ଭାରତକୁ ଟି-୨୦ ବିଶ୍ୱକପ୍ ଚାମ୍ପିଅନ କରାଇବା ପରେ ସାମସନ ଚଳିତ ୟୁକେ ଗସ୍ତରେ ୩ଟି ମ୍ୟାଚ୍‌ରେ ଯଥାକ୍ରମେ ୫, ୦ ଓ ୧ ରନ୍ କରିଥିଲେ। ଏଥିଲାଗି ତାଙ୍କୁ ଚୂଡ଼ାନ୍ତ ଏକାଦଶରୁ ଏବଂ ପରେ ଘୋଷଣା କରାଯାଇଥିବା ଜିମ୍ବାୱେ ଗସ୍ତରୁ ବାଦ୍ ଦିଆଯାଇଛି। ଏଥିରୁ ସ୍ପଷ୍ଟ ଜଣାଯାଉଛି, ସାମସନ ଫର୍ମ ହରାଇଥିବାରୁ ତାଙ୍କୁ ବାଦ୍ ଦିଆଯାଇଛି। ବର୍ତ୍ତମାନ ସମୟରେ ତାଙ୍କୁ ବାଦ୍ ଦେବାର ଅନ୍ୟ କୌଣସି କାରଣ ଜଣାପଡୁନାହିଁ। ଇଂଲଣ୍ଡରେ ଭାରତ ଖେଳିଥିବା ଗୋଟିଏ ମ୍ୟାଚ୍‌ରେ ସାମସନ ଖେଳିଥିଲେ। ସେ ଫେଲ୍ ମାରିବାରୁ ଭାରତ ହାରିଥିଲା ଓ ତାଙ୍କୁ ଦଳରୁ ବିଦା ହେବାକୁ ପଡ଼ିଥିଲା। ଏହି କାରଣରୁ ଯଦି ବାଦ୍ ପଡ଼ିଥାନ୍ତି ତାହା ନିଶ୍ଚିତ ଦୁର୍ଭାଗ୍ୟଜନକ। ଏହାପରେ ଯଦି ଭାରତ ପୁଣି ହାରିଯାଏ, କିମ୍ବା ଅନ୍ୟ କୌଣସି ସିରିଜ୍‌ରେ ଭାରତ କ୍ରମାଗତ ମ୍ୟାଚ୍‌ରେ ପରାଜିତ ହୁଏ, ତେବେ କ'ଣ ଆଉ କେଉଁ ଖେଳାଳିଙ୍କୁ ବାଦ୍ ଦିଆଯିବ କି ବୋଲି ଅଶ୍ୱିନ ପ୍ରଶ୍ନ କରିଛନ୍ତି। ଯଦି ଏଭଳି ଧାରା ବଜାୟ ରୁହେ ତେବେ ଖେଳାଳି ନିଜକୁ ସୁରକ୍ଷିତ ମଣିବେ ନାହିଁ ଓ ସେମାନଙ୍କ ପ୍ରଦର୍ଶନରେ ଆଦୌ ସ୍ଥିରତା ଆସିବ ନାହିଁ। ଆମେ ଏଭଳି ସମୟରେ ଅଛନ୍ତି ଯେ, ଜଣେ ଦୁଇଜଣଙ୍କ ଦ୍ୱାରା ଟି-୨୦ ମ୍ୟାଚ୍ ଜିତିବାରେ ସମର୍ଥ ହେଉନାହାନ୍ତି। ମ୍ୟାଚ୍ ଜିତିବା ଲାଗି ଦଳକୁ ସମସ୍ତ ଖେଳାଳିଙ୍କ ସହଯୋଗ ଆବଶ୍ୟକ। ଏପରି କରିବା ଦ୍ୱାରା ଭାରତ ୧୧ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ସୁଯୋଗ ଦେବାର ସମୟ ପାଇବ ନାହିଁ ବୋଲି ଅଶ୍ୱିନ କହିଛନ୍ତି।

## ଆଜିଠାରୁ କ୍ଲବ୍ ଟିମ୍ ସ୍ନୁକର

ଭୁବନେଶ୍ୱର, ୯।୭ (ସମିସ): ବିଏସ୍‌ଏଓ ବା ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ରାଜ୍ୟରେ ପ୍ରଥମଥର କ୍ଲବ୍ ଟିମ୍ ସ୍ନୁକର ଚାମ୍ପିଅନସିପ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ସାଲିଆସାହିସ୍ଥିତ ଭିଣ୍ଟେଜ୍ କ୍ଲବ୍ ପରିସରରେ ଖେଳାଯିବ। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲାବେଳେ ସେମାନଙ୍କୁ ୨ଟି ଲେଖାଏଁ ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟ ରାଉଣ୍ଡ ରବିନ୍ ଲିଗ୍ ଭିତ୍ତିରେ ଖେଳାଯିବ। ପ୍ରତି ଗ୍ରୁପ୍‌ର ଦୁଇଟି ଶ୍ରେଷ୍ଠ କ୍ଲବ୍ ସେମିଫାଇନାଲକୁ ଉନ୍ନୀତ ହେବେ। ଜୁଲାଇ ୧୨ରେ ସେମି ଓ ଫାଇନାଲ ମ୍ୟାଚ୍ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଗୋବିନ୍ଦ ଶର୍ମା ସୂଚନା ଦେଇଛନ୍ତି।

## ଯୁବ କ୍ରିକେଟରଙ୍କୁ ସମ୍ବର୍ଦ୍ଧିତ କଲା ବିହାରୀ ଲାଲ୍ ସ୍ପୋର୍ଟ୍ସ



ଭୁବନେଶ୍ୱର, ୯।୭ (ସମିସ): ଭୁବନେଶ୍ୱରର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ବିହାରୀ ଲାଲ ସ୍ପୋର୍ଟସ ଟ୍ରଷ୍ଟର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ବିହାରୀ ଲାଲ ସ୍ପୋର୍ଟସ ଟ୍ରଷ୍ଟ ପକ୍ଷରୁ କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଆସୁଥିବା ୧୬ ବର୍ଷରୁ କମ୍ କ୍ରିକେଟରଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ଅଧ୍ୟକ୍ଷ ଅକ୍ଷୟ ଜେନା, ପୂର୍ବତନ କ୍ରିକେଟର ରଶ୍ମି ରଞ୍ଜନ ପରିଡା, ଦୀପକ ମଙ୍ଗରାଜ, ପ୍ରଶିକ୍ଷକ କ୍ଷୀରୋଦ ବେହେରା, ମନୋଜ ବିଶ୍ୱାଳ, ତୋଫାନ ସାମନ୍ତରାୟ, କାଜଲ ବଳିୟାରସିଂ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

## ଭୁବନେଶ୍ୱରରେ ରାଜ୍ୟ ସିନିଅର ଚେସ୍

ଭୁବନେଶ୍ୱର, ୯।୭ (ସମିସ): ରାଜ୍ୟ ସିନିଅର ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ସ୍ଥାନୀୟ କିଟ୍ ୟୁନିଭର୍ସିଟିରେ ଥିବା ବିଶ୍ୱନାଥନ ଆନନ୍ଦ ଚେସ୍ ହଲ ପରିସରରେ ଖେଳାଯିବ। ଜୁଲାଇ ୨୫ରୁ ୨୯ ତାରିଖ ଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାକୁ ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ), ଓଡ଼ିଶା ରାଜ୍ୟ କ୍ରୀଡ଼ା ବିଭାଗ, କିଟ୍ ଓ କିସ୍‌ର କ୍ରୀଡ଼ା ବିଭାଗ ଦ୍ୱାରା ମିଳିତ ଭାବେ ଆୟୋଜନ କରାଯାଉଛି। ଏହି ପ୍ରତିଯୋଗିତାରେ ୯ ରାଉଣ୍ଡ ଖେଳ ହେବ। ମୋଟ ୧,୨୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୨୦,୦୦୦, ରନର୍ସ ଅପ୍‌ଙ୍କୁ ଟ୍ରଫି ସହ ୧୫,୦୦୦ ଏବଂ ତୃତୀୟ ସ୍ଥାନିତ ଖେଳାଳିଙ୍କୁ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଜଣାଇଛନ୍ତି। ଏଥିରେ ଅଂଶଗ୍ରହଣ କରିବାକୁ ଆଶାୟୀ ଖେଳାଳିମାନେ ୯୯୦ ଟଙ୍କାର ଏଣ୍ଟ୍ରି ଫି' ସହ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି (ମୋ-୯୯୩୭୮୮୬୩୭୨) କିମ୍ବା ବାହାର ଖେଳାଳିମାନେ ରହିବା ଲାଗି ଗୌରହରି ମହାପାତ୍ର (ମୋ-୭୩୭୭୯୯୫୫୮୩) ସହ ଯୋଗାଯୋଗ କରିବାକୁ ସଭାପତି ପଟ୍ଟନାୟକ ଅନୁରୋଧ କରିଛନ୍ତି।


# ନନ୍ଦିଘୋଷ TV

ନନ୍ଦିଘୋଷ™

## ନିଯୁକ୍ତି ସୁଯୋଗ

ଓଡ଼ିଶାର ଅଗ୍ରଣୀ ଗଣମାଧ୍ୟମ ସଂସ୍ଥା ନନ୍ଦିଘୋଷ ଟିଭି ଏହାର **ସମ୍ପାଦକୀୟ ବିଭାଗ (Editorial Team)** ପାଇଁ ଯୋଗ୍ୟ ଏବଂ ଅଭିଜ୍ଞ ଗଣମାଧ୍ୟମ ପ୍ରଫେସନାଲ୍‌ଙ୍କଠାରୁ ଆବେଦନ ଆହ୍ୱାନ କରୁଅଛି।

### ଖାଲି ପଦବୀ

**1 କରେସ୍‌ପଣ୍ଡେଣ୍ଟ (Correspondent)**

ଶିକ୍ଷାଗତ ଯୋଗ୍ୟତା :
- ସାମ୍ବାଦିକତା ଓ ଗଣଯୋଗାଯୋଗ (Journalism & Mass Communication)ରେ ସ୍ନାତକୋତ୍ତର ଡିଗ୍ରୀ

ଅଭିଜ୍ଞତା :
- ଇଲେକ୍ଟ୍ରୋନିକ୍ କିମ୍ବା ପ୍ରିଣ୍ଟ ମିଡିଆରେ ସର୍ବନିମ୍ନ ୭ ବର୍ଷର କାର୍ଯ୍ୟ ଅଭିଜ୍ଞତା।

ଆବଶ୍ୟକ ଦକ୍ଷତା :
- ରାଜନୀତି ଓ ଶାସନ ବ୍ୟବସ୍ଥା ସମ୍ବନ୍ଧୀୟ ଖବର ପରିବେଷଣରେ ଉତ୍କୃଷ୍ଟ ଜ୍ଞାନ।
- ଖବର ସଂଗ୍ରହ, ଯାଞ୍ଚ ଏବଂ ବିଶ୍ଳେଷଣ କରିବାର ଦକ୍ଷତା।
- ଦୃଢ଼ ସୂତ୍ର ନେଟୱର୍କ ଏବଂ ଉତ୍କୃଷ୍ଟ ସମ୍ପାଦକୀୟ ବିଚାରଶକ୍ତି।
- ଓଡ଼ିଆ ଭାଷାରେ ଉତ୍କୃଷ୍ଟ ଲେଖନ ଓ କଥନଶୈଳୀରେ ପାରଦର୍ଶିତା।
- ସମୟସୀମା ମଧ୍ୟରେ କାର୍ଯ୍ୟ କରିବା ସହିତ ଆବଶ୍ୟକ ସ୍ଥାନକୁ ଯାତ୍ରା କରି କାର୍ଯ୍ୟ କରିବାର ଦକ୍ଷତା।

**2 ରିପୋର୍ଟର (Reporter)**

ଶିକ୍ଷାଗତ ଯୋଗ୍ୟତା :
- ସାମ୍ବାଦିକତା ଓ ଗଣଯୋଗାଯୋଗ (Journalism & Mass Communication)ରେ ସ୍ନାତକୋତ୍ତର ଡିଗ୍ରୀ

ଅଭିଜ୍ଞତା :
- ଇଲେକ୍ଟ୍ରୋନିକ୍ କିମ୍ବା ପ୍ରିଣ୍ଟ ମିଡିଆରେ ୩-୫ ବର୍ଷର କାର୍ଯ୍ୟ ଅଭିଜ୍ଞତା।

ଆବଶ୍ୟକ ଦକ୍ଷତା :
- ସ୍ପଟ୍ ରିପୋର୍ଟିଂ, ଅପରାଧ (Crime) ରିପୋର୍ଟିଂ ଏବଂ ସହର (City) ରିପୋର୍ଟିଂରେ ପ୍ରାୟୋଗିକ ଅଭିଜ୍ଞତା।
- ଉତ୍କୃଷ୍ଟ 'ନ୍ୟୁଜ୍ ସେନ୍ସ ଓ ରିପୋର୍ଟିଂ' କୌଶଳ।
- ଓଡ଼ିଆ ଭାଷାରେ ଉତ୍କୃଷ୍ଟ ଲେଖନ ଓ କଥନଶୈଳୀରେ ପାରଦର୍ଶିତା।
- ବ୍ରେକିଂ ନ୍ୟୁଜ୍ କଭର କରିବା ସହିତ ଦ୍ରୁତଗତିର ନ୍ୟୁଜ୍‌ରୁମ୍ ପରିବେଶରେ କାର୍ଯ୍ୟ କରିବାର ଦକ୍ଷତା।

### ଆବେଦନ ପ୍ରକ୍ରିୟା

ଆଗ୍ରହୀ ପ୍ରାର୍ଥୀମାନେ ସେମାନଙ୍କର ବାୟୋଡାଟା ନିମ୍ନଲିଖିତ ଇ-ମେଲ୍ ଠିକଣାକୁ ପଠାଇପାରିବେ।
ଇମେଲ୍: hr@nandighoshatv.com
ଦ୍ରଷ୍ଟବ୍ୟ : କେବଳ ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀମାନଙ୍କୁ ଚୟନ ପ୍ରକ୍ରିୟା ପାଇଁ ଯୋଗାଯୋଗ କରାଯିବ।

ଯୋଗାଯୋଗ ନମ୍ବର
9437016499
HR Dept.


# ଲର୍ଡ୍ସ ଇତିହାସରେ ପ୍ରଥମ ମହିଳା ଟେଷ୍ଟ ଆଜିଠୁ

ଲଣ୍ଡନ, ୯।୭ (ଏଜେନ୍ସି):



କ୍ରିକେଟ୍‌ର ମକ୍କା ଭାବେ ପରିଚିତ ଆଇକନିକ ଲର୍ଡ୍ସ ଗ୍ରାଉଣ୍ଡ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିହେବାକୁ ଯାଉଛି। ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଶୁକ୍ରବାରଠାରୁ ଆରମ୍ଭ ହେବାକୁଯାଉଛି। ଯାହାକି ଲର୍ଡ୍ସ ଗ୍ରାଉଣ୍ଡର ୧୪୨ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ପ୍ରଥମ ମହିଳା ଟେଷ୍ଟ ମ୍ୟାଚ୍ ହେବ। ୧୮୮୪ ମସିହାରେ ଲର୍ଡ୍ସରେ ପ୍ରଥମ ପୁରୁଷ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ଇତିମଧ୍ୟରେ ୧୪୨ ବର୍ଷ ବିତିସାରିଥିବାବେଳେ ଏହି ଭେନ୍ୟୁ ୧୫୦ଟି ପୁରୁଷ ଟେଷ୍ଟ ମ୍ୟାଚ୍ ଆୟୋଜନ କରିସାରିଛି। କିନ୍ତୁ ଦୁର୍ଭାଗ୍ୟକୁ ଗୋଟିଏ ହେଲେ ମହିଳା ଟେଷ୍ଟ ମ୍ୟାଚ୍ ଆୟୋଜନ କରିବାର ସୁଯୋଗ ପାଇ ନ ଥିଲା କ୍ରିକେଟ୍‌ର ଏହି ସବୁଠୁ ଆଇକନିକ ଭେନ୍ୟୁ। ତେବେ ପାଖାପାଖି ଦେଢ଼ଶ ବର୍ଷର ଅପେକ୍ଷା ପରେ ଏବେ ଲର୍ଡ୍ସ କ୍ରୀଡ଼ା ପୃଷ୍ଠାରେ ନୂଆ ଫର୍ଦ୍ଦ ଯୋଡ଼ି ହେବାକୁ ଯାଉଛି।

**ଘରୋଇ ଇଂଲଣ୍ଡକୁ ଭେଟିବ ଭାରତ**

ଘରୋଇ ଇଂଲଣ୍ଡ ଓ ଭାରତ ମହିଳା କ୍ରିକେଟ୍ ଦଳର ଖେଳାଳିମାନେ ଏହି ଐତିହାସିକ ମୁହୂର୍ତ୍ତର ମୁକ ସାକ୍ଷୀ ହେବାକୁଯାଉଛନ୍ତି। ସେହିଭଳି ଇଂଲଣ୍ଡର ୨୦ତମ ଭେନ୍ୟୁ ଭାବେ ଲର୍ଡ୍ସ ମହିଳା ଟେଷ୍ଟ ଆୟୋଜନ କରିବ। ଉଲ୍ଲେଖଯୋଗ୍ୟ ଯେ ଲର୍ଡ୍ସରେ ପ୍ରଥମ ମହିଳା ଦିନିକିଆ ମ୍ୟାଚ୍ ୧୯୭୬ରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

ରେକର୍ଡ ଉପରେ ନଜର ପକାଇଲେ ଭାରତ ଓ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ଟେଷ୍ଟରେ ମୋଟ୍ ୧୬ଥର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ହରମନପ୍ରୀତ୍ କୌରଙ୍କ ଦଳ ୪ଥର ଓ ଇଂଲଣ୍ଡ ଦୁଇଥର ବିଜୟୀ ହୋଇଛି। ୧୦ଟି ମ୍ୟାଚ୍ ଡ୍ର ରହିଛି। ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ଏହି ଟେଷ୍ଟ ମ୍ୟାଚ୍ ୫ ଦିନ ବଦଳରେ ୪ ଦିବସୀୟ ହେବ। ପ୍ରତ୍ୟେକ ଦିନ ୧୦୦ ଓଭର ଖେଳାଯିବାକୁ ଲକ୍ଷ୍ୟ ରଖାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS